

ଦିଲ୍ଲୀକୁ ଫେରିଲା ୱାର୍କ ଫ୍ରମ୍ ହୋମ୍

ପୃଷ୍ଠା ୫


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 53 ଭାଗ ୩୪ | ସଂଖ୍ୟା ୫୩ | Friday 15 May 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୧୫ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆକାଶରୁ ଖସିଲା ଯମ

# କାଳବୈଶାଖୀରେ ଝଡ଼ିପଡ଼ିଲା ୧୪୪ ଜୀବନ



ଲକ୍ଷ୍ନୌ,୧୪।୫ଃ ଉତ୍ତରପ୍ରଦେଶରେ ପ୍ରାକୃତିକ ଦୁର୍ବିପାକର କରାଳ ରୂପ ଦେଖିବାକୁ ମିଳିଛି। ଆକାଶରୁ ଖସିଛି ମୃତ୍ୟୁ। ପ୍ରବଳ ବର୍ଷା ଓ ଭୟଙ୍କର ଝଡ଼ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୪୪ ଜଣଙ୍କର ପ୍ରାଣ ଯାଇଛି। ଗଛ ଓ ବିଦ୍ୟୁତ ଖୁଣ୍ଟ ସବୁ ଉପୁଡ଼ି ପଡ଼ିଛି। ରାଜ୍ୟର ବହୁ ସ୍ଥାନରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଯିବା ସହ କେତେକ ସ୍ଥାନରେ କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ଆଉ କେଉଁଠି ଛାତ ଉଡ଼ିଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଭୟାନକ ପ୍ରାକୃତିକ ବିପ୍ଲାତରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ୨୪ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରୟାଗରାଜରେ ସର୍ବାଧିକ ୨୧ ଜଣ ପ୍ରାଣ ହରାଇଥିବା ରିପୋର୍ଟ ମିଳିଛି। ମୃତ୍ୟୁସଂଖ୍ୟାରେ ପ୍ରୟାଗରାଜ ପଛକୁ ଭାଦୋହିରେ (୧୮) ରହିଥିବା ବେଳେ ମିର୍ଜାପୁରରେ ୧୫ ଜଣ, ଫତେପୁରରେ ୧୦ ଜଣ, ଉନ୍ନାଓରେ ୬ ଜଣ, ବଦାଉଁରେ ୬ ଜଣ, ପ୍ରତାପଗଡ଼ ଓ ବରେଲି ଉଭୟରେ ୪ ଜଣ ଲେଖାଏଁ ଏବଂ ସୀତାପୁର, ରାଏବରେଲି ଓ ଚାନ୍ଦଉଲିରେ ୨ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ସେହିଭଳି କାନପୁର ଦେହତ, ହାର୍ଦୋଇ ଏବଂ ସମ୍ଭଲରେ ୨ ଜଣ ଲେଖାଏଁ ମୃତ୍ୟୁବରଣ କରିଥିବା ବେଳେ କୌଶମ୍ବୀ, ଶାହଜାହାନପୁର, ସୋନଭଦ୍ରା ଏବଂ ଲକ୍ଷ୍ମୀପୁରରେ ଜଣେ ଲେଖାଏଁ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ବୁଧବାର ଦିନସାରା ପାଗ ସ୍ୱାଭାବିକ ଥିବା ବେଳେ ହଠାତ୍ ସନ୍ଧ୍ୟାରେ ପାଗ ବଦଳି ଯାଇଥିଲା। ଆକାଶରେ ମେଘ ଘୋଟିଯିବା ସହ ଖୁବ୍ ଜୋରରେ ପବନ ➩ପୃଷ୍ଠା-୬

**ପ୍ରୟାଗରାଜ ସର୍ବାଧିକ ପ୍ରଭାବିତ**

**ଆକାଶରେ ଉଡ଼ିଲେ ଲୋକ**

# ନିରାଡ଼ମ୍ବର ହେବ ଦ୍ୱିତୀୟ ବର୍ଷ ପୂର୍ତ୍ତି

- ଜୁନ ୧୨ରୁ ୨୧ ପର୍ଯ୍ୟନ୍ତ ଉପଲବ୍ଧି ବାଣ୍ଟିବେ ସରକାର
- ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ
- ଲୋକଙ୍କ ପାଖରେ ପହଞ୍ଚିବ ସରକାରଙ୍କ ସଫଳତା
- ସରକାରଙ୍କ ଲକ୍ଷ୍ୟ ଓ ଆଭିମୁଖ୍ୟର କରାଯିବ ପ୍ରଚାର
- ନିଜ ବିଭାଗ ସଫଳତା କହିବେ ବିଭାଗୀୟ ମନ୍ତ୍ରୀ



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ)ଃ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟଜନକ ସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ। ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହ ପୁସ୍ତିକା ପ୍ରକାଶନ କରାଯିବ।

ଏଥିସହ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ➩ପୃଷ୍ଠା-୬

### ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ

ଯଦିଓ ଦେଶରେ ତେଲ ସଙ୍କଟ ପାଇଁ ବିଭିନ୍ନ ଜନ ସମାବେଶକୁ ସରକାର ବାତିଲ କରିଛନ୍ତି, ଏହାରି ଭିତରେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ନିଜ ଶାସନ କାଳର ଦୁଇ ବର୍ଷ ସଫଳତାର ସହ ପୂରଣ କରିବାକୁ ଯାଉଛନ୍ତି। ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କେବଳ ଏକ ଉତ୍ସବ ନୁହେଁ, ବରଂ ଆଗାମୀ ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ଶାଣିତ କରିବାର ଏକ ରଣନୈତିକ ପଦକ୍ଷେପ ବୋଲି ➩ପୃଷ୍ଠା-୬

## ପଞ୍ଚାୟତ ପରିଚାଳନାରେ ପାରଦର୍ଶିତା

# ଓଡ଼ିଶାକୁ ମିଳିବ ୫ ଜାତୀୟ ପୁରସ୍କାର

- ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତରେ କୋରାପୁଟ ପ୍ରଥମ
- ସୁସ୍ଥ ପଞ୍ଚାୟତ ବର୍ଗରେ ଗଞ୍ଜାମ ତୃତୀୟ
- ଜଳ ସ୍ୱଚ୍ଛଳ ପଞ୍ଚାୟତ ବର୍ଗରେ କେନ୍ଦୁଝରର ପଡ଼ୁଆ ୩ୟ
- ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ସୁନ୍ଦରଗଡ଼ର ହାତୀବନ୍ଧ ୨ୟ

ନୂଆଦିଲ୍ଲୀ,୧୪।୫ଃ କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ ଘୋଷଣା କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଓ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଅଧୀନରେ ଓଡ଼ିଶା ୫ଟି ଜାତୀୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛି। ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀଠାରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶା ସୁସ୍ଥ ପଞ୍ଚାୟତ, ଜଳ ସ୍ୱଚ୍ଛଳ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଓ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଅଧୀନରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ହାସଲ କରିବାକୁ ଯୋଗ୍ୟତା ହାସଲ କରିଛି। ସୁସ୍ଥ ପଞ୍ଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ତୃତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇବ। ସେହିପରି ➩ପୃଷ୍ଠା-୬

## ହର୍ମୁଜ ପାର୍ ହେଲା ଏମଭି ସନ୍‌ସାଇନ୍



ତେହରାନ,୧୪।୫ଃ ବୈଶ୍ୱିକ ତୈଳ ସଂକଟକୁ ନେଇ ଭାରତୀୟଙ୍କ ମଧ୍ୟରେ ପେଟ୍ରୋଲ ଓ ଡିଜେଲକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ବିଶାଳ ଭାରତୀୟ ଏଲପିଜି ଟ୍ୟାଙ୍କର ଏମ୍‌ଭି ସନ୍‌ସାଇନ୍ ସଫଳତାର ସହ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପାର୍ କରିବା ସହ ଭାରତ ଅଭିମୁଖେ ଯାତ୍ରା ଜାରି ରଖିଛି। ପାରସ୍ୟ ଉପସାଗରର ଉତ୍ତେଜନା ଭିତରୁ ଭାରତୀୟ ନୌସେନା ସୁରକ୍ଷିତ ଭାବେ ଏମ୍‌ଭି ସନ୍‌ସାଇନ୍‌କୁ ବାହାରକୁ ଆଣିବାରେ ସକ୍ଷମ ହୋଇଛି। ଭାରତୀୟ ସେନା ସହ ଏକାଧିକ ସାମୁଦ୍ରିକ ସଂସ୍ଥା ଏହି ବହୁ କୋଟି ମୂଲ୍ୟର ତୈଳ ପରିବହନ କରୁଥିବା ଟ୍ୟାଙ୍କରକୁ ସୁରକ୍ଷା ଯୋଗାଇ ଦେଇଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇରାନ ପକ୍ଷରୁ କଟକଣା ଲାଗୁ ହେବା ପରଠାରୁ ସୁରକ୍ଷିତ ଭାବେ ହର୍ମୁଜ ବାହାରକୁ ଆସିବାରେ ଏମ୍‌ଭି ସନ୍‌ସାଇନ୍ ହେଉଛି ପଞ୍ଚଦଶ ଏଲପିଜି ଟ୍ୟାଙ୍କର। ଅପରପକ୍ଷରେ ବିଶ୍ୱରେ ସୃଷ୍ଟି ହୋଇଥିବା ତୈଳ ସଂକଟ ପାଇଁ ଇରାନ ଆମେରିକାକୁ ଦାୟୀ କରିଛି। ଇରାନର ଆଇନ ଓ ଅନ୍ତଃରାଷ୍ଟ୍ରୀୟ ବ୍ୟାପାର ଉପବୈଦେଶିକ ମନ୍ତ୍ରୀ କାଜିମ୍ ଘରିବାବାଦି କହିଛନ୍ତି ଯେ ଥରେ ଶାନ୍ତି ସ୍ଥାପନ ହେଲେ ବିଶ୍ୱରେ ସ୍ଥିରତା ଫେରି ଆସିବ। ଆମେରିକା ଇରାନ ସହ ଯୁଦ୍ଧ ଶେଷ କରିବା ସଂକ୍ରାନ୍ତରେ ଚାଲିଥିବା କଥାବାର୍ତ୍ତାକୁ ଗମ୍ଭୀରତାର ସହ ନେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

## ଡ୍ରୋନ୍ ଆକ୍ରମଣରେ ୮ ମୃତ



ବିରୁଟ୍, ୧୪।୫ଃବୁଧବାର ସାଉଥ ବିରୁଟର ମୁଖ୍ୟ ରାଜପଥରେ ତିନୋଟି ଗାଡ଼ି ଉପରେ ଇସ୍ରାଏଲ ଡ୍ରୋନ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଓ ତାଙ୍କର ଦୁଇଜଣ ଶିଶୁ ଥିବା ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ୬ଟି ଗ୍ରାମକୁ ତୁରନ୍ତ ଖାଲିକରିବା ପାଇଁ ଘୋଷଣା କରାଯିବାର ମାତ୍ର ଘଣ୍ଟାଏ ପରେ ଏହି ଡ୍ରୋନ୍ ମାଡ଼ କରାଯାଇଥିଲା। ଇସ୍ରାଏଲର ସେନା ପକ୍ଷରୁ କୁହାଯାଇଛି ଯେ, ଏହା ଲେବାନନର ଦକ୍ଷିଣରେ ଥିବା ହିଜବୁଲାର ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବା ପାଇଁ ଏହି ଡ୍ରୋନ୍ ମାଡ଼ କରିଥିଲା। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଇସ୍ରାଏଲ ଓ ଲେବାନନ ମଧ୍ୟରେ ଯୁଦ୍ଧବିରତି ଲାଗୁ ହେବା ପରଠାରୁ ଏ ପର୍ଯ୍ୟନ୍ତ ୩୮୦ ଜଣଙ୍କର ମୃତ୍ୟୁ ହୋଇଛି ଓ ୧ ହଜାରରୁ ଅଧିକ ଆହତ ହୋଇଛନ୍ତି।

## ସୌମ୍ୟ ହତ୍ୟା ମାମଲା

## ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟାକାଣ୍ଡ ମାମଲାରେ ଆଜି କ୍ରାଇମ୍‌ବ୍ରାଞ୍ଚ୍‌କୁ ସଫଳତା ମିଳିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଚିନୁ ଓରଫ ରଞ୍ଜିତ ପାତ୍ରକୁ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇଛି। ସୌମ୍ୟଙ୍କ ମୁହଁକୁ ଗୋଇଠା ମାରିବା ସହ ଶରୀରରେ ଖୁବ୍ ଜୋରରେ ଆଘାତ କରିଥିଲା ରଞ୍ଜିତ। ଆଜି ରଞ୍ଜିତକୁ ଗିରଫ କରାଯିବା ପରେ ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୧୩ରେ ପହଞ୍ଚିଛି। ପୂର୍ବରୁ ୧୧ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଆଜି ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଛି ବୋଲି ସୂଚନା ଦିଆଯାଇଛି। ସେହିପରି ସୌମ୍ୟ ହତ୍ୟାକାଣ୍ଡ ଘଟଣାରେ ଆଜି ଆଉ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ବାଲକାଟି ଗୋଷ୍ଠୀ ➩ପୃଷ୍ଠା-୬

## ‘ଆଇଆଇଏମ କୋର୍ଡିନେସନ ଫୋରମ’ ବୈଠକରେ କେନ୍ଦ୍ରମନ୍ତ୍ରୀ

# ଆଇଆଇଏମ ବିଶ୍ୱ ପାଇଁ ମଡେଲ

### ମ୍ୟାନେଜମେଣ୍ଟ ଶିକ୍ଷାକୁ ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ



ଗାନ୍ଧୀନଗର / ଅହମ୍ମଦବାଦ,୧୪।୫ ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଗୁଜରାଟ ଗସ୍ତ ଅବସରରେ ଏଠାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଓ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।

ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର ‘ସମନ୍ୱୟ ମଞ୍ଚ’ ବା ‘କୋର୍ଡିସେନ୍ ଫୋରମ’ ବୈଠକରେ ଯୋଗ ଦେଇଥିଲେ। ଏଥିରେ ‘ବିକଶିତ ଭାରତ-୨୦୪୭’ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମଗୁଡ଼ିକର ଭୂମିକା ➩ପୃଷ୍ଠା-୬

# ତୈଳ କମ୍ପାନୀଙ୍କ ମଧ୍ୟରେ ପ୍ରତିସ୍ପର୍ଦ୍ଧାର ପ୍ରତିଫଳନ



ଭୁବନେଶ୍ୱର, ୧୪।୫ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ପେଟ୍ରୋଲ କି ଡିଜେଲର ଅଭାବ ନାହିଁ। ତଥାପି ଗତ ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ କାହିଁକି ତେଲ ଅଭାବ ଦେଖାଦେଇଛି। ତାକୁ ନେଇ ପ୍ରଶ୍ନ ଉଠିଛି। ମିଳୁଥିବା ସୂଚନାନୁଯାୟୀ, ତିନୋଟିଯାକ ତୈଳ କମ୍ପାନୀଙ୍କ ମଧ୍ୟରେ କ୍ଷତି କମାଇବାକୁ ଚାଲିଥିବା ପ୍ରତିଯୋଗିତାର ପ୍ରତିଫଳନ ସ୍ୱରୂପ ରାଜ୍ୟରେ ତେଲର ସଙ୍କଟ ଦେଖାଦେଇଛି।

ଆଜି ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୦ ଡଲାର। କିନ୍ତୁ ଇରାନ-ଆମେରିକା ତିକ୍ତତା ଯୋଗୁଁ ବହୁ ସଂଖ୍ୟାରେ ତୈଳ ଟ୍ୟାଙ୍କର ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ନ ଆସି ଦକ୍ଷିଣ ଆଫ୍ରିକା ଦେଇ ବୁଲିକି ଆସୁଛନ୍ତି। ଯାହା ଫଳରେ ଭାରତରେ ତୈଳ ଜାହାଜ ପହଞ୍ଚିବାକୁ ଅଧିକ ଦୁଇ ସପ୍ତାହ ସମୟ ଲାଗୁଛି। ତେଣୁ ବ୍ୟାରେଲ ପିଛା ୧୧୦ ଡଲାର ସହ ଇନସ୍ୟୁରାନ୍ସ ଓ ➩ପୃଷ୍ଠା-୬

## ତେଲ ସଙ୍କଟ ନାହିଁ



ରାଜ୍ୟରେ ତେଲ ସଙ୍କଟ ସୃଷ୍ଟି ହୋଇଥିବା ନେଇ ହେଉଥିବା ଚର୍ଚ୍ଚାକୁ ଅସ୍ୱୀକାର କରିଛନ୍ତି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂ। ସେ କହିଛନ୍ତି ଯେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଆଦୌ ସଙ୍କଟ ନାହିଁ। ତେଣୁ କେହି ବି ଛାନିଆ ହୋଇ ଅଯଥାରେ ତେଲ ନ କିଣିବାକୁ ସେ ପରାମର୍ଶ ଦେଇଛନ୍ତି।ରାଜ୍ୟରେ ଥିବା ୨୮୦୦ ପେଟ୍ରୋଲ ପମ୍ପ ମଧ୍ୟରୁ ୨୦ରୁ ୨୨ ପେଟ୍ରୋଲ ପମ୍ପରେ ତେଲ ସାମୟିକ ସମୟ ପାଇଁ ଅଭାବ ରହୁଛି। ଚେଷ୍ଟା କରୁଛୁ, ସେଠାରେ ସମସ୍ୟାର ସମାଧାନ କରିବା ପାଇଁ। ଏହି ଡ୍ରାଏ ଆଉଟ ସ୍ଥିତି ➩ପୃଷ୍ଠା-୬

# ଓଡ଼ିଶାରେ ଆରମ୍ଭ ହେବ ଏସଆଇଆର





**ତୃତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ଘୋଷଣା**

**୧୬ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର**

**୩୦ରୁ ଘର ଘର ବୁଲିବେ ବିଏଲ୍‌ଓ**

ନୂଆଦିଲ୍ଲୀ,୧୪।୫ଃ ଦେଶରେ ତୃତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ନେଇ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଜ୍ଞାନେଶ କୁମାର। ଏଥର ଏଥିରେ ଓଡ଼ିଶାର ପାଳି ପଡ଼ିବ। ତୃତୀୟ ପର୍ଯ୍ୟାୟରେ ୧୬ ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ କରାଯିବ, ଯେଉଁଥିରେ ଅନ୍ୟାନ୍ୟ ରାଜ୍ୟ ସହ ଓଡ଼ିଶାରେ ବି ଏସଆଇଆର କରାଯିବ। ଓଡ଼ିଶା ପାଇଁ ୩୮ ହଜାର ୧୨୩ ଜଣ ବିଏଲଓ (ବୁଥ ଲେବଲ ଅଫିସର) ଓ ୮ ହଜାର ୩୯୧ ଜଣ ବିଏଲଏ (ବୁଥ ଲେବଲ ଏଜେଣ୍ଟ)ଙ୍କୁ ନିଯୁକ୍ତି ଦିଆଯାଇଛି।

ତେବେ ତୃତୀୟ ପର୍ଯ୍ୟାୟରୁ ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଲଦାଖକୁ ବାଦ୍ ଦିଆଯାଇଛି। ଏହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୌଗୋଳିକ ଓ ପାଣିପାଗ ସମ୍ପର୍କିତ ସମସ୍ୟା ରହିଥିବାରୁ ପରବର୍ତ୍ତୀ ସମୟରେ ଏଠାରେ ଏସଆଇଆର କରାଯିବ ବୋଲି ଇସିଆଇ ଶ୍ରୀ କୁମାର କହିଛନ୍ତି। ଗୁରୁବାର ଏନେଇ ଇସିଆଇଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ତୃତୀୟ ପର୍ଯ୍ୟାୟରେ, ୩.୯୪ ଲକ୍ଷରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ ଏହି କାର୍ଯ୍ୟରେ ନିୟୋଜିତ ହେବେ। ପ୍ରାୟ ୩୬.୭୩ କୋଟି ଭୋଟରଙ୍କ ଘରେ ପହଞ୍ଚି ଏମାନେ ଯାଞ୍ଚ କରିବେ। ଏହି ପର୍ଯ୍ୟାୟରେ ଦିଲ୍ଲୀ ମଧ୍ୟ ସାମିଲ ହେବ। ଜାତୀୟ ଜନଗଣନା ଅଧୀନରେ ଚାଲିଥିବା ଘର ଗଣନା କାର୍ଯ୍ୟ ସହ ➩ପୃଷ୍ଠା-୬



## କାନ ଡେରିଥା

ବଟି ପାଇଁ ଏଠି ହତ୍ୟା ହେଉଛି<br>
ଜନେ ଏବେ ନିରୁପାୟ<br>
ବେକାର ଯୁବକ କାଣ୍ଡ କରୁଛନ୍ତି<br>
ପୋଲିସକୁ ନାହିଁ ଭୟ<br>
ବଦନାମ ହେବା ଥୟ...<br>
ନ୍ୟାୟ ଅପେକ୍ଷାରେ କେତେ<br>
ପରିବାର<br>
ମଲା ପରେ ଆସେ ରାୟ ।

■ ଦେବାଶିଷ

# କାରକେଡ୍ ପରେ ଏବେ ସ୍କାନର୍‌ରେ ବାବୁଙ୍କ ଗାଡ଼ି

- ବିଭିନ୍ନ ସଂସ୍ଥାରୁ ନେଇଛନ୍ତି ଏକାଧିକ ବାହନ
- ହଳଦିଆ ନମ୍ବର ଯୋଗୁଁ ଚିହ୍ନିବା କଷ୍ଟକର



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର କାରକେଡ୍ ଗାଡ଼ି ସଂଖ୍ୟା ଅଧା କରିଥିବା ବେଳେ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୁରକ୍ଷା ଗାଡ଼ି ଫେରାଇ ଦେଇଛନ୍ତି। ମନ୍ତ୍ରୀମାନେ ମଧ୍ୟ ସରକାରୀ ଗାଡ଼ି ବ୍ୟବହାର କମ୍ କରିବେ ବୋଲି କହିଲେଣି। ଏଭଳି ସ୍ଥିତିରେ ଏବେ ବିଭିନ୍ନ ବିଭାଗର ବାବୁମାନେ ସ୍କାନର୍‌ରେ ରହିଛନ୍ତି। ଏମାନେ କେଉଁ ସଂସ୍ଥାରୁ କେତୋଟି ଗାଡ଼ି ନେଇ ବ୍ୟବହାର କରୁଛନ୍ତି, ତାହାର ଖୋଳତାଡ଼ ଚାଲିଥିବା ଜଣାଯାଇଛି।

ପ୍ରତ୍ୟେକ ବିଭାଗରୁ ମନ୍ତ୍ରୀମାନଙ୍କୁ ଦୁଇଟି ଲେଖାଏଁ ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ପଦବୀ ଅନୁଯାୟୀ ସରକାରୀ ବାବୁମାନଙ୍କୁ ଗୋଟିଏ ଲେଖାଏଁ ଗାଡ଼ି ମିଳିଥାଏ। ତେବେ ମନ୍ତ୍ରୀମାନଙ୍କ ଅଧିନରେ ଥିବା ସଂସ୍ଥାରୁ ଏକାଧିକ ଗାଡ଼ି ଆଣି ଚଢ଼ିବାର ପରମ୍ପରା ରହିଛି। ବିଶେଷକରି ମନ୍ତ୍ରୀଙ୍କ ଦପ୍ତରରେ ଥିବା ସରକାରୀ ବାବୁଙ୍କ ସହ ବିଭାଗରେ ଥିବା କରିତ୍‌କର୍ମା ବାବୁମାନେ ବିଭିନ୍ନ ସଂସ୍ଥାରୁ ଏକାଧିକ ଗାଡ଼ି ଆଣି ନିଜର ଘରୋଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଜଣେ ଜଣେ ବାବୁଙ୍କ ଘରେ ସରକାରୀ ଖର୍ଚ୍ଚରେ ଏକାଧିକ ଗାଡ଼ି ଥିବା ବେଳେ ସରକାରୀ ଗାଡ଼ି କାମରେ ଲାଗିଥାଏ।

ତେବେ ସବୁଠାରୁ ସହଜ ହୋଇଛି ଯେବେଠାରୁ ବିଭିନ୍ନ ଘରୋଇ ସଂସ୍ଥା ଓ ଟ୍ରାଭେଲ ଏଜେନ୍ସିରୁ ବେସରକାରୀ ଗାଡ଼ିଗୁଡ଼ିକ ସରକାର ଭଡ଼ାରେ ଆଣି ବାବୁମାନଙ୍କୁ ଯୋଗାଉଛନ୍ତି। ଯେହେତୁ ଏହି ଗାଡ଼ିଗୁଡ଼ିକର ହଳଦିଆ ନମ୍ବର ରହୁଛି ଓ ଏଥିରେ ବିଭାଗ କିମ୍ବା ବାବୁଙ୍କ ପଦବୀ ଲେଖାଯାଉନାହିଁ, ତେଣୁ ବାବୁମାନେ ସହଜରେ ଏକାଧିକ ଗାଡ଼ି ବ୍ୟବହାର କରୁଛନ୍ତି। ସରକାରଙ୍କୁ ଗାଡ଼ି ଯୋଗାଉଥିବା ସଂସ୍ଥା ସହ ସିଧା କଥା ହୋଇ ନୂଆ ନୂଆ ଗାଡ଼ି ନେଉଛନ୍ତି।

ଏବେ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ନିଜ ନିଜ ସରକାରୀ ଗାଡ଼ି ସଂଖ୍ୟା ହ୍ରାସ କରିବା ଓ ପରିବହନ ମନ୍ତ୍ରୀ ସରକାରୀ ବସ୍‌ରେ ଯିବା ପାଇଁ ଘୋଷଣା କରିବା ପରେ ବାବୁମାନେ ନେଇଥିବା ସରକାରୀ ଗାଡ଼ିଗୁଡ଼ିକର ହିସାବ ଚାଲିଛି। କେଉଁ କେଉଁ ସଂସ୍ଥା ନିଗମ, ବୋର୍ଡ ଓ ସ୍ୱାୟତ୍ତ ସଂସ୍ଥା କେତେ ସଂଖ୍ୟକ ଗାଡ଼ି ଭଡ଼ାରେ ଆଣି କେଉଁ କେଉଁ ବାବୁମାନଙ୍କ ସେବା ପାଇଁ ଯୋଗାଇଛନ୍ତି, ତା'ର ହିସାବ କରାଯାଉଥିବାର ସୂଚନା ମିଳୁଛି।

ତେବେ ଇତିମଧ୍ୟରେ ସରକାରୀ ଗାଡ଼ିକୁ ମନଇଚ୍ଛା ବ୍ୟବହାର କରୁଥିବା, ବିଶେଷକରି ନିଜର ଘରୋଇ କାମରେ ଲଗାଉଥିବା ବାବୁମାନେ କିଭଳି ଏହି ଗାଡ଼ିଗୁଡ଼ିକୁ ପୂର୍ବଭଳି କାମରେ ଲଗାଇବେ, ସେଥିପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ସରକାରୀ ଗାଡ଼ିଗୁଡ଼ିକ ଯେଭଳି ଘଣ୍ଟା ଘଣ୍ଟା ଧରି ବାବୁଙ୍କ ଦୁଆର ମୁହଁରେ ଛିଡ଼ାହୋଇ ରହୁଥିଲେ, କିଛିଦିନ ପାଇଁ ତାହା ବନ୍ଦ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେଉଁ ସଂସ୍ଥାରୁ ଟେଣ୍ଡର ଜରିଆରେ ସରକାରଙ୍କର କେଉଁ ବିଭାଗ କେତେ ଗାଡ଼ି ଆଣିଛି ତା'ର ତଥ୍ୟ ସଂଗ୍ରହ ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କର ମିତବ୍ୟୟିତାକୁ ଜୋରଦାର ଭାବେ ପ୍ରଚାର କରୁଥିବା ଗଣମାଧ୍ୟମ ମଧ୍ୟ ବାବୁମାନଙ୍କ ସରକାରୀ ଗାଡ଼ି ବ୍ୟବହାର ଉପରେ ନଜର ପକାଇଛନ୍ତି।

# ଅବହେଳିତ ଅବସ୍ଥାରେ ନୀଳକଣ୍ଠପୁର ପଞ୍ଚାୟତର ଦୁଇ ୱାର୍ଡ

## ପାନୀୟ ଜଳ ଓ ଉଜ୍ଜ୍ୱଳ ଆଲୋକରୁ ବଞ୍ଚିତ



**ପଟ୍ଟାମୁଣ୍ଡାଇ,୧୪।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଂଚାୟତର ୧୧ନଂ ଓ ୧୨ନଂ ୱାର୍ଡ ଅବହେଳାର ଶିକାର ହୋଇଛି । ଏହି ଦୁଇଟି ୱାର୍ଡରେ କୌଣସି ସରକାରୀ ଯୋଜନା ଓ ସୁବିଧା ସୁଯୋଗ ପହଞ୍ଚି ନାହିଁ । ପିଇବା ପାଣି ସଙ୍କଟ ଉତ୍କଟ ହୋଇଥିବାବେଳେ ଷ୍ଟ୍ରିଟ ଲାଇଟ ଜଳୁ ନାହିଁ । ଅନ୍ୟାନ୍ୟ ସମସ୍ୟା ନକହିଲେ ଭଲ ।

ନୀଳକଣ୍ଠପୁର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟୀଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ପଞ୍ଚାୟତ ସ୍ଥିତି ସଂଗୀନ ହୋଇପଡିଛି । ନାୟବ ସରପଞ୍ଚ ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ଥିଲେ ମଧ୍ୟ ୧୧ ଓ ୧୨ନଂ ୱାର୍ଡ କଦଳୀବଣ ଗ୍ରାମ ଅବହେଳାର ଶିକାର ହୋଇଛି ।

ଏହି ଦୁଇ ୱାର୍ଡରେ ପ୍ରାୟ ୨୦୦ ପରିବାରର ୧ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ କୌଣସି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଉନାହିଁ। ପିଇବା ପାଣି ମିଳୁନଥିବାବେଳେ ଷ୍ଟ୍ରିଟ ଲାଇଟ ଜଳୁ ନାହିଁ । ଗତ ୨୦୨୫ ମସିହାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ଏହି ଦୁଇଟି ୱାର୍ଡରେ ପାନୀୟ ଜଳ ଯୋଗାଇବା ପାଇଁ ପାଇପ ବିଛା ଯାଇନାହିଁ । ଏହି ଦୁଇଟି ୱାର୍ଡରେ ଥିବା ୩ଟି ନଳକୂପ ଅଚଳ ହୋଇପଡିଛି ।

ସମସ୍ତ ସରକାରୀ ଯୋଜନା ଓ ସୁବିଧା ସୁଯୋଗରୁ ବଂଚିତ ହୋଇ ୧୧ନଂ ଓ ୧୨ନଂ ୱାର୍ଡ ବାସିନ୍ଦା ଦୁଃଖ କଷ୍ଟ ଭୋଗ କରୁଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତରାଜ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ଅଗ୍ନିବିପନ୍ନ ପରିବାରକୁ ବିଜେପିର ସହାୟତା ପ୍ରଦାନ



**ପଟ୍ଟାମୁଣ୍ଡାଇ,୧୪।୫ (ସଂଚାର ବ୍ୟୁରୋ):** ଅଗ୍ନି ବିପନ୍ନ ପରିବାରକୁ ବିଜେପି ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ୧୧ ତାରିଖ ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧିନ ବେଲତଳ ଅଧିକାରୀ ସାହିର ରାଜକିଶୋର ଦାଶଙ୍କ କୋଠା ଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଜଣାଯାଇଛି। ଏହି ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ତିନି ବଖରା କୋଠାଘର ସମେତ ତିନୋଟି ବାଇକ୍ ଓ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନି ବିପନ୍ନ ପରିବାର ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ଆଜି ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ପୂର୍ବତନ ନଗର ସଭାପତି ଉପେନ୍ଦ୍ର ନାୟକଙ୍କ ନେତୃତ୍ୱ ରେ ପୂର୍ବତନ ନଗର ସଭାପତି ସୁଧାଂଶୁ ଶେଖର ଜେନା, ଶଶିକାନ୍ତ ସ୍ୱାଇଁ ବରିଷ୍ଠ ବିଜେପି ନେତା ରବୀନ୍ଦ୍ର ବିଶ୍ୱାଳ, ଯୁବନେତା ଚନ୍ଦନ ପାତ୍ର, ସମୀର ପାତ୍ର, ବିମଳ ରଞ୍ଜନ ତ୍ରିପାଠୀ, ଯୋଗେଶ ବେହେରା, ପରେଶ୍ୱର ପାତ୍ର ପ୍ରମୁଖ ବହୁ ନୂତନ ଓ ପୁରାତନ ବିଜେପି କାର୍ଯ୍ୟକର୍ତ୍ତା ଅଗ୍ନି ବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ଆରୋହଣ ଆବାସିକ ମହାବିଦ୍ୟାଳୟରେ ସଚେତନତା ଶିବିର



**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନ ଯାପନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୁଲନଗର ସ୍ଥିତ ଆରୋହଣ ଆବାସିକ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋହଣ ଆବାସିକ ମହାବିଦ୍ୟାଳୟର ପ୍ରତିଷ୍ଠାତା ସତ୍ୟବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜ ଫାର୍ମାର ସିଇଓ ଡ଼. ସଂଜୀବ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ସେ ବର୍ତ୍ତମାନ ସମାଜରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ଗୁରୁତ୍ୱାରୋପ କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ରାସାୟନିକ ପଦାର୍ଥର ଅତ୍ୟଧିକ ବ୍ୟବହାର ବର୍ଜନ କରି ପ୍ରାକୃତିକ ଓ ସୁସ୍ଥ ଜୀବନ ଯାପନ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ସଚେତନ ହେବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ ।

ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ତୁଳସୀ ନର୍ସିଙ୍ଗ କଲେଜର ଅଧ୍ୟକ୍ଷା ଜ୍ୟୋତିମୟୀ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ଼. ତ୍ରିଲୋଚନ ପ୍ରଧାନ ଓ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଓ ସମାଜ ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ପଟ୍ଟାମୁଣ୍ଡାଇ ତହସିଲରେ ଜନଶୁଣାଣି ଶିବିର

**ପଟ୍ଟାମୁଣ୍ଡାଇ,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ମାମଲାର ଫଇସଲା ଓ ତ୍ୱରିତ ରାଜସ୍ୱ ସେବା ଯୋଗାଇ ଦ ଦେବା ପାଇଁ ତହସିଲ ସ୍ତରରେ ଜନଶୁଣାଣୀ ଶିବିର କରାଯାଉଛି । ଆଜି ପଟ୍ଟାମୁଣ୍ଡାଇ ତହସିଲରେ ରାଜସ୍ୱ ମାମଲା ଫଇସଲା ସହ ରାଜସ୍ୱସେବାକୁ ତ୍ୱରାନ୍ୱିତ କରିବା ପାଇଁ ତହସିଲ ଅଫିସରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ତହସିଲଦାର ପଞ୍ଚାନନ ନାୟକ ଯୋଗ ଦେଇ ଶିବିରରେ ଆଗତ ୧୬ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ଶିବିରରେ ଅତିରିକ୍ତ ତହସିଲଦାର ପ୍ରଣବ କିଶୋର ପଣ୍ଡା ଓ ସରକାରୀ ଓକିଲ ଶିଶିର କୁମାର ମଲିକ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ପତ୍ନୀଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ଶାଖାର ଅବସରପ୍ରାପ୍ତ କର୍ମଚାରୀ ସୁବାସ ଚନ୍ଦ୍ର ବରାଳଙ୍କ ଧର୍ମପତ୍ନୀ ଇନ୍ଦୁମତି ବରାଳଙ୍କ ଏକାଦଶାହ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସ୍ମୃତିସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ, ଓଡିଶା ସର୍କଲ ପକ୍ଷରୁ ଆଳିକ ସମ୍ପାଦକ ଗଣେଶ୍ୱର ମେକାପ, କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ବରିଷ୍ଠ ସଦସ୍ୟ ସୁନାକର ଜେନା ଓ ଗୋଲଖ ବିହାରୀ ବେହେରା ପ୍ରମୁଖ ତାଙ୍କ କେଙ୍କରଡା ବାଲିବିଲିସ୍ଥିତ ବାସଭବନରେ ପହି ସ୍ୱର୍ଗତା ବରାଳଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

# ଭୁଜାଲି ଦେଖାଇ ମା'-ଝିଅଙ୍କୁ ବାନ୍ଧି ଲୁଟ୍

**ଝିଅ ବିବାହ ପାଇଁ ରଖିଥିବା ସୁନା ଓ ଟଙ୍କା ନେଇଗଲେ ଦୁର୍ବୃତ୍ତ**

**ପୁଲିସ ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ**



**ଗରଦପୁର, ୧୪।୫(ସଂଚାର ବ୍ୟୁରୋ):** କୁଦାନଗରୀ ଥାନା ଅଞ୍ଚଳରେ ପୁଣି ମଧ୍ୟରାତ୍ରୀ ଡକାୟତି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଗ୍ରାମ ଓଉପଡ଼ା, ପୋଷ୍ଟ ନଡ଼ିଆବରାଇର ବାସିନ୍ଦା ବସନ୍ତ ରାଉତ (୫୨)ଙ୍କ ଘରେ ବୁଧବାର ରାତି ପ୍ରାୟ ୨ଟା ସମୟରେ ୩ ଜଣ ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ଡାଡ଼ି ଭିତରକୁ ପଶିଥିବା ଅଭିଯୋଗ ହୋଇଛି ।

ବସନ୍ତ ରାଉତ ଯାଜପୁରରେ ରହି ଏକ ବେସରକାରୀ ସଂସ୍ଥାରେ କାମ କରୁଥିବା ବେଳେ ଘରେ ତାଙ୍କ ପତ୍ନୀ ଓ ଝିଅ ରୁହୁଥିଲେ । ଘଟଣା ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମା' ନିରୁପମା ରାଉତ ଓ ଝିଅ କରିନା ରାଉତଙ୍କୁ କାବୁ କରିଥିଲେ । ଛୁରୀ ବେକରେ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଆଲମିରା ଓ ଦୁଇଟି ବାକ୍ସ ଭାଙ୍ଗି ସେଥିରେ ଥିବା ସୁନା ଚେନ, ୨ ସୁନା ମୁଦି, ୪ ହଳ ଶଙ୍ଖା, ୩ ହଳ କାନଫୁଲ, ରୂପା ପାଉଁଜି, ନଗଦ ୭୦ ହଜାର ଟଙ୍କା ସହ ପିତଳ ବାସନକୁସନ ଲୁଟି ନେଇଥିବା ଜଣାପଡ଼ିଛି ।

ସବୁଠାରୁ ଦୁଃଖଦ କଥା ହେଲା, ଏହି ସମସ୍ତ ସୁନା ଅଳଙ୍କାର ଓ ସାମଗ୍ରୀ ଝିଅର ବିବାହ ପାଇଁ କିଣାଯାଇ ଘରେ ରଖାଯାଇଥିଲା । ଏକ ମୁହୂର୍ତ୍ତରେ ସବୁ ଲୁଟି ନେଇଯାଇଥିବାରୁ ପରିବାର ଭାଙ୍ଗିପଡ଼ିଛି । ଘଟଣାକୁ ନେଇ ବସନ୍ତ ରାଉତ ଗୁରୁବାର ସକାଳ ପ୍ରାୟ ୯ଟାରେ କୁଦାନଗରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ପ୍ରାୟ ୮ ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କେବଳ ଫଟୋ ଉଠାଇ ଚାଲିଯାଇଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏହି ଘଟଣା ପରେ କୁଦାନଗରୀ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବା ବେଳେ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ଅଞ୍ଚଳରେ ରାତ୍ରି ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି ।

## ମେଗା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



**ନିଶ୍ଚିନ୍ତକୋଇଲି,୧୪।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ କୋଠପଦା ମିନି ଷ୍ଟାଡ଼ିୟମ୍ ଠାରେ ଏକ ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଅଛି। ମାହାଙ୍ଗାର ଯୁବ ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପାନୀୟଜଳ, ଗ୍ରାମ୍ୟଉନ୍ନୟନ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମେ ବୃହତ୍ତ ମେଗା ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ମେଗା ପ୍ରକଳ୍ପ ମାହାଙ୍ଗା ବ୍ଲକର ୩୭ଗୋଟି ପଞ୍ଚାୟତ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଗୋଟି ପଞ୍ଚାୟତ ମୋଟ୍ ୪୪ଟି ଗ୍ରାମ ପଞ୍ଚାୟତ ୨୧୧ଗ୍ରାମର ୫୦ହଜାର ପରିବାରଙ୍କୁ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମନ୍ତ୍ରୀ ଶ୍ରୀ ନାୟକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯିବା ସହ ୩ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ୧୫୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଶୁଭ ଶିଳାନ୍ୟାସ କରିଥିଲେ।

ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ତାଙ୍କ ଅଭିଭାଷଣରେ ମାହାଙ୍ଗାବାସୀ ଯେଉଁ ସ୍ନେହ, ସହାନୁଭୂତି ସରକାରଙ୍କ ପ୍ରତି ଆଜି ଦେଖାଇଛନ୍ତି ତାହା ସବୁ ଦିନ ପାଇଁ ଅବିସ୍ମରଣୀୟ ରହିବ ବୋଲି କହିଥିଲେ। ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଭଉଁରିଆ ନହଙ୍ଗ ରାସ୍ତା, ନଡ଼ିଆସାହାସପୁର ଠାରୁ ପୋଡ଼ାମରାଇ, ବଢେଇ ଛନ୍ଦା ଠାରୁ ମାଣିତ୍ରୀ, ନୂର୍ତ୍ତାଙ୍ଗ ଧର୍ମାଗତପୁର ରାସ୍ତା, ଗୋବିନ୍ଦପୁର ସେଠୀ ସାହି ଠାରୁ ମିର୍ଜାପୁର ରାସ୍ତା, କୁଣ୍ଡି ଆରଆଣ୍ଡବି ରାସ୍ତା ମାଳିଛକ ଠାରୁ ସାହାସପୁର, ତୁଳସୀପୁର ଗୁଡ଼ିଆ ସାହି ଛକ ଠାରୁ ସମସରପୁର, ବୈଷ୍ଣବ ପାଣି ଆଇଟିଆଇ କେନ୍ଦ୍ର ଠାରୁ ମୂଳବସନ୍ତ ବଢେଇ ସାହି, ଆଶ୍ରମ ଛକ କେଉଟ ସାହି ଠାରୁ ଅହମ୍ମଦ ନଗର, ଗୋତରା ଠାରୁ ସୁକରପଡ଼ା, ବିରୁପା ନଦୀ ଉପରେ ଚକି ହାଟ ଠାରେ ହର୍ତ୍ତାଙ୍ଗ ଓ ଅରିଲୋ ରାସ୍ତା, ନଡ଼ିଆ ସାହାସପୁର ପୋଡ଼ାମରାଇ ରାସ୍ତାରେ ଗୋବରୀ ନଦୀ ସେତୁ, କୁଳିଆ ଠାରୁ କୋଲଣପୁର କେନ୍ଦ୍ରାପଡ଼ା କେନାଲ ଉପରେ ସେତୁ, ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କୋଠପଦା ପ୍ରଭୃତି ଶିଳାନ୍ୟାସ କରାଯାଇଛି।

## ଯୁବକଙ୍କୁ ଭୁଲ୍ ଇଞ୍ଜେକ୍ସନ୍ ମାମଲାରେ ଫାର୍ମାସିଷ୍ଟଙ୍କ ବଦଳି

**କେନ୍ଦ୍ରାପଡ଼ା,୧୪।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଯୁବକଙ୍କୁ ଭୁଲବଶତଃ କୁକୁର କାମୁଡା ଆଣ୍ଟି ରେବିସ୍ ଇଞ୍ଜେକ୍ସନ୍ ଦିଆଯାଇଥିବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ପୃକ୍ତ ଫାର୍ମାସିଷ୍ଟ ସୁଧୀର କୁମାର ଦଳେଇଙ୍କୁ କରିଲୋପାଟଣା ପିଏଚସିରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, କରିଲୋପାଟଣା ଗାଁର ଅନନ୍ତ ଜେନା ନାମକ ଜଣେ ଯୁବକ ଛାତିରେ ଯନ୍ତ୍ରଣା ହେବାରୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଏହି ସମୟରେ କୁକୁର କାମୁଡା ରୋଗୀଙ୍କ ପାଇଁ ଆଣାଯାଇଥିବା ଆଣ୍ଟି ରେବିସ୍ ଇଞ୍ଜେକ୍ସନ୍‌କୁ ଭୁଲକରି ଅନନ୍ତଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଇଞ୍ଜେକ୍ସନ୍ ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘଟଣା ପ୍ରଚାର ପାଇବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟପ୍ରଣାଳୀକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ବଦଳି କରିଥିବା ସୂଚନା ମିଳିଛି। ଏହି ଘଟଣା ପରେ ରୋଗୀଙ୍କ ପରିଚୟ ଓ ଚିକିତ୍ସା ପ୍ରକ୍ରିୟାରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ସାଧାରଣରେ ଦାବି ହେଉଛି।

## ମାଟ୍ରିକ ପାରୀକ୍ଷାରେ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲିଆପାଳ,୧୪।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏ -୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ବାଲିଆପାଳ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୃତି ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଗୁରୁକୁଳ ଭବନ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ, ସମ୍ମାନୀତ ଅତିଥି ଭାବେ କାର୍ଯ୍ୟରତ ସହଗୋଷ୍ଠୀ ଶିକ୍ଷାଧିକାରୀ ବଂଶୀଧର ନାୟକ, ଶିକ୍ଷକ ସମନ୍ୱୟ ସମିତିର ସଭାପତି ବିଶ୍ୱମ୍ଭର ପାତ୍ର, ଓଷ୍ଟାର ବାଲିଆପାଳ ବ୍ଲକ ସଭାପତି ରାଜେନ୍ଦ୍ର ବେହେରା, ସିଆରସିସି ଯଶୋବନ୍ତ ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ସହିତ ନିଜର ଲକ୍ଷ୍ୟ ସ୍ଥିର କରି ସତ୍ ମାର୍ଗରେ ଯାଇ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେବା ସହିତ କୃତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବାଲିଆପାଳ ବ୍ଲକରେ ଏଓ୍ୱାନ ଗ୍ରେଡରେ ପାସ କରିଥିବା ୪୧ଜଣ ଛାତ୍ରଛାତ୍ରୀ, ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ରେ ବୃତ୍ତି ପାଇଁ ଥିବା ପିଲା ଓ ସେମାନଙ୍କ ପିତାମାତା ଏବଂ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନିତାଇ ଚରଣ ରାଉଳ ଅତିଥି ପରିଚୟ ଏବଂ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଶିକ୍ଷକ ସୁଶାନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅଶୋକ କୁମାର ଗିରି, ପ୍ରଦୀପ କୁମାର ପଣ୍ଡା, ସିଆରସିସି ଶମ୍ଭୁନାଥ ସାହୁ, ତପନ କୁମାର ରାଉଳ, ନିରଞ୍ଜନ ଘଡାଇ, ରଞ୍ଜନ ସେନାପତି , ପତିତପାବନ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ମଣ୍ଡଳ,ପଞ୍ଚାନନ ବେହେରା, ଜୟକୃଷ୍ଣ ମାଝୀ, ପାର୍ଥ ସାରଥି ବେହେରା , ସୁଶାନ୍ତ କୁମାର ରାଉଳ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପେଟ୍ରୋଲ ଓ ଡିଜେଲର ଅଭାବ, ସାଧାରଣ ଜୀବନ ପ୍ରଭାବିତ



**କେନ୍ଦ୍ରାପଡ଼ା,୧୪।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଡିଜେଲ ଓ ପେଟ୍ରୋଲର ଅଭାବ ଜନଜୀବନକୁ ବିଶେଷ ଭାବେ ପ୍ରଭାବିତ କରିଛି । ବିଭିନ୍ନ ପେଟ୍ରୋଲପମ୍ପରେ ଡିଜେଲ ଓ ପେଟ୍ରୋଲ ନମିଳିବାରୁ ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନକୁ ଏହା ବ୍ୟାପକ ଭାବେ ପ୍ରଭାବିତ କରୁଛି। ବିଶେଷକରି ଜରୁରୀକାଳୀନ ସେବା ଯଥା ଆମ୍ବୁଲାନ୍ସ, ରୋଗୀଙ୍କୁ ଡାକ୍ତରଖାନାକୁ ପରିବହନ କରୁଥିବା ଅନ୍ୟାନ୍ୟ ଗାଡିମଟର ସମେତ କୃଷି କାର୍ଯ୍ୟ ଓ ଯାତାୟତ ବ୍ୟବସ୍ଥା ଗୁରୁର ଭାବେ ବ୍ୟାହତ ହୋଇଛି । ପେଟ୍ରୋଲପମ୍ପ ଗୁଡିକ ସମ୍ମୁଖରେ ତେଲ ପାଇଁ ଲମ୍ବା ଲାଇନ ଲାଗିଥିବା ବେଳେ ଅନେକ ସମୟରେ ଦୀର୍ଘସମୟ ଧରି ଲାଇନରେ ଥାଇ ମଧ୍ୟ ତେଲ ମିଳୁନଥିବା ଦେଖାଯାଇଛି । ଏହି ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି ।

ଏଭଳି ପରିସ୍ଥିତିକୁ ନେଇ କେନ୍ଦ୍ରାପଡାର ମାଟି,ବାଲି ଓ ପାଣି ମର ଆବାହକ ଆଇନଜୀବୀ ବିଧୁଭୂଷଣ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଯାଇଛି ଯେ ପେଟ୍ରୋଲ ଓ ଡିଜେଲର ଅଭାବ ଯୋଗୁଁ ଆମ୍ବୁଲାନ୍ସ ସେବା ଠାରୁ ଆରମ୍ଭ କରି ଦୈନନ୍ଦିନ ସାଧାରଣ ଜୀବନରେ ଆବଶ୍ୟକ ପଡୁଥିବା ପ୍ରତ୍ୟେକ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହୋଇଛି । ସରକାର ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଏଥିପାଇଁ ଆନ୍ଦୋଳନ ତୀବ୍ର ହେବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି। ପ୍ରଶାସନ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜିଲ୍ଲାରେ ଡିଜେଲ ଓ ପେଟ୍ରୋଲ ଯୋଗାଣକୁ ସ୍ୱାଭାବିକ ନକଲେ ଆସନ୍ତା ଦିନରେ ରାସ୍ତାରୋକ ଓ ଚକାଜାମ ଆନ୍ଦୋଳନ କରାଯିବ ବୋଲି ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି ।

## ଅଜଣା ଜ୍ୱରରେ ଛାତ୍ରୀ ମୃତ; ଗାଁକୁ ଯାଇପାରିଲାନି ସ୍ୱର୍ଗରଥ

**ଯାଜପୁର,୧୪।୫ (ସଂଚାର ବ୍ୟୁରୋ):** ଯାଜପୁରଜିଲ୍ଲା ପ୍ରଶାସନର ଆମ୍ବୁଲାନ୍ସ ପ୍ରତ୍ୟାହାର ନିଷ୍ପତ୍ତିର ପ୍ରଭାବ ସିଧା ସଳଖ ନଗଡ଼ା ଉପରେ ପଡ଼ିଛି। ଆମ୍ବୁଲାନ୍ସ ଅଭାବରୁ ଛଟପଟ ହୋଇ ଜଣେ ସପ୍ତମ ଶ୍ରେଣୀ ଜୁଆଙ୍ଗ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ନଗଡ଼ା ପଡ଼ୋଶୀ ଗୁହିଆଶାଳ ମୌଜାର ଚନ୍ଦୁରୀ ଓ ବାସୁ ପ୍ରଧାନଙ୍କ ଦ୍ୱିତୀୟ ସନ୍ତାନ କାବେରୀ(୧୨)।

ଗୁହିଆଶାଳ ଉପ୍ରା ସ୍କୁଲ ଛାତ୍ରୀ କାବେରୀ ଓ ତାଙ୍କ ସାନଭାଇ ସଞ୍ଜୟ(୭) ରବିବାରରୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ୩ ଦିନ ଜ୍ୱରରେ ନିଜ ଘରର ଅସ୍ୱାସ୍ଥ୍ୟକର ପରିବେଶରେ ପଡ଼ି ରହିଥିଲେ। ମଙ୍ଗଳବାର ସକାଳୁ ଦମ୍ପତି ୨ ରୋଗଣା ପିଲା ଓ ସାନପୁଅ ଚନ୍ଦନଙ୍କୁ ସାଥୀରେ ଧରି ଗାଁରୁ ୩ କିଲୋମିଟର ଚାଲିଚାଲି ନାଲିଆଡାବ ପହଞ୍ଚିଥିଲେ। ଜ୍ୱରରେ କମ୍ପୁଥିବା ୨ ଶିଶୁ କାବେରୀ ଓ ସଞ୍ଜୟ ବାଟରେ ଏକାଧିକ ବାର ବସିଉଠି ବାଟ ଚାଲୁଥିଲେ ବୋଲି ମାଆ ଚନ୍ଦୁରୀ କହନ୍ତି। ସାଥୀରେ ଆଉ ୩ ଜଣ ଜରୁଆ ଶିଶୁ ପାଲଏ ଓ ନନ୍ଦ ପ୍ରଧାନଙ୍କ ପୁଅ ମଧୁ(୧୪) ଓ କୈଳାସ(୧୧), ସ୍ୱର୍ଗତ ଶଙ୍କରା ପ୍ରଧାନଙ୍କ ପୁଅ ସୁନିଆଁ(୧୧) ବି ପହଞ୍ଚିଥିଲେ। ନାଲିଆଡାବରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା ପରେ ବି ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ହୋଇନଥିଲା। ସଂଧ୍ୟାରେ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ରାଉତରାୟଙ୍କ ଅନୁରୋଧରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ଏକ ଆମ୍ବୁଲାନ୍ସ ନାଲିଆଡାବରେ ପହଞ୍ଚିଥିଲା। ୫ ଜଣ ରୋଗଣା ଶିଶୁଙ୍କୁ ଧରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିଥିଲା ବେଳକୁ ରାତି ୯ଟା ବାଜି ଯାଇଥିଲା। ବାଟରେ କାବେରୀଙ୍କ ମୃତ୍ୟୁ ହୋଇ ସାରିଥିଲା। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାଳିଆପାଣି ପୁଲିସ ସୁକିନ୍ଦା ମେଡିକାଲ ପହଞ୍ଚି ଶବ ଜବତ କରି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ୧୨/୨୬ ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ କହନ୍ତି। ପଞ୍ଚନାମା ପରେ ଦାନଗଦୀରେ ଆଜି ଶବ ବ୍ୟବଛେଦ କରାଯାଇଥିଲା।

ସୁକିନ୍ଦା ସ୍ୱର୍ଗରଥରେ ତାଙ୍କ ମରଶରୀର ପଠାଯାଇଥିଲା। ହେଲେ ଗୁହିଆଶାଳକୁ ରାସ୍ତା ନଥିବାରୁ ନାଲିଆଡାବରେ ତାଙ୍କ ଶବ ଓହ୍ଲାଇବାକୁ ପଡ଼ିଥିଲା ବୋଲି ଚାଳକ ବସନ୍ତ ମହାଳିକ କହନ୍ତି। ସଂପର୍କୀୟ ଓ ଭାଇସାହି ଏକ ଭାରରେ ଶବ ବୋହି ୩ କିଲୋମିଟର ଦୂର ଗାଁର ପୋଖରୀ କୂଳ ଶ୍ମଶାନ ପହଞ୍ଚାଇଥିଲେ। ସଂଧ୍ୟାରେ ଏକ ଶୋକାକୁଳ ପରିବେଶରେ ମୃତ ଛାତ୍ରୀଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ୨୦୨୭ରେ ଜିଲ୍ଲା ପରିଷଦ ଆସନ ଦଖଲ କରିବ ବିଜେପି: ସଭାନେତ୍ରୀ



**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଦଖଲ କରିବ । ଏହାସହ ୯ଟି ଯାକ ବ୍ଲକରେ ବିଜେପି ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ସମିତି ଦଖଲ କରିବେ । ଏହାପରେ ୨୦୨୯ରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ୫ଟି ଯାକ ଆସନ ବିଜେପି ଦଖଲ କରିବ ବୋଲି ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ନିଯୁକ୍ତି ପାଇଥିବା ଡ. ଜ୍ୟୋତ୍ସ୍ନାରାଣୀ ଜେନା ବୁଧବାର ହୋଟେଲ ମୟୁରୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ମତବ୍ୟକ୍ତ କରିଛନ୍ତି ।

ଡ. ଜେନା କହିଛନ୍ତି ଏବେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ବିଜେପି ଦଖଲରେ ରହିଛି। ଏହାସହ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ବିଜେପି ଦଖଲରେ ରହିଛି । ଆଗକୁ କେନ୍ଦ୍ରାପଡ଼ା, ପାଟକୁରା, ରାଜନଗର, ଆଳି ନିର୍ବାଚନମଣ୍ଡଳୀ ମଧ୍ୟ ବିଜେପି ଦଖଲରେ ରହିବ । କାରଣ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ପଥରେ ଆଗେଇ ଚାଲିଛି । କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବିକାଶ କାର୍ଯ୍ୟ ଆଗେଇ ଚାଲିଛି । ଏହାସହ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲାରେ ବିକାଶମୂଳକ କାର୍ଯ୍ୟ ଚାଲିଛି । ବିଜେପିର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଅଧିକ ସଂଗଠିତ କରାଯିବ । ଫଳରେ ଅନ୍ୟ ୪ଟି ଆସନ ମଧ୍ୟ ବିଜେପି ଦଖଲକୁ ଆସିବ। ସେହିପରି ଜିଲ୍ଲାରେ ମହିଳା ଭୋଟ ବ୍ୟାଙ୍କ କିପରି ଶହେ ପ୍ରତିଶତ ବିଜେପି ଖାତାକୁ ଆସିବ ସେ ନେଇ ସେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ । ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୭ରେ ଜିଲ୍ଲା ପରିଷଦ ଦଖଲ ଓ ୨୦୨୯ରେ ଜିଲ୍ଲାର ୫ଟି ଯାକ ନିର୍ବାଚନମଣ୍ଡଳୀ ଦଖଲ କରାଯିବ ବୋଲି ଡ. ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ବୁଧବାର ୨୦୦ରୁ ଅଧିକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ କେନ୍ଦ୍ରାପଡ଼ାର ଆରାଧ୍ୟ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ କରିବା ପରେ ଶ୍ରୀମତୀ ଜେନା ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ତାଙ୍କର ସାଙ୍ଗଠନିକ ଦକ୍ଷତା ଉପରେ ଦୃଢୋକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ଗତ ୨୫ ବର୍ଷ ଧରି ସେ କେନ୍ଦ୍ରାପଡ଼ା ରାଜନୀତିରେ ଜଣେ ସକ୍ରିୟ ନେତ୍ରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି । ସେ ପୂର୍ବରୁ ୮ ନଂ. ଜୋନର ଜିଲା ପରିଷଦ ସଭ୍ୟା ଥିଲେ । ଏହାସହ ଜିଲ୍ଲା ଯୋଜନା ବୋର୍ଡର ସଭ୍ୟା ଥିଲେ । ସେହିପରି ସେ ଏବେ ଦିଶା(ଡିଷ୍ଟ୍ରିକ୍ଟ ଡେଭେଲପମେଣ୍ଟ କୋର୍ଡିନେସନ ଆଣ୍ଡ ମନିଟରିଂ କମିଟି)ର ସଦସ୍ୟା ଅଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଜିଲ୍ଲା ପାଇଁ ଗୌରବ ଆଣିଲେ ସାଇ ଆହ୍ୱାନ ଜେନା



**ଯାଜପୁର ରୋଡ଼,୧୪।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଶତକଡା ୯୭.୮ ପ୍ରତିଶତ ନମ୍ବର ରଖି ଯାଜପୁର ବ୍ୟାସନଗରର ସୁପରିଚିତ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ମଦନ ମୋହନ ସ୍ୱାଇଁଙ୍କ ଝିଅ ଆଡ଼ଭୋକେଟ ସସ୍ମିତା ସ୍ୱାଇଁ ଏବଂ ବିଜୟ ଜେନାଙ୍କର ସୁପୁତ୍ର ଶ୍ରୀ ସାଇ ଆହ୍ୱାନ ଜେନା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଡ଼ିଏଭି ଜୋନାଲରେ ପ୍ରଥମ ଓ ଡିଏଭି ଚନ୍ଦ୍ରଶେଖରପୁର ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ଟପର ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଦେଖିବାକୁ ମିଳିଛି । ସାଇ ଆହ୍ୱାନର ଏଭଳି ସଫଳତା ପଛରେ ନିଜର ପିତାମାତା, ଗୁରୁଜନ, ଶିକ୍ଷକ ଶିକ୍ଷୟତ୍ରୀ ଓ ମାମୁଁ ମହାମାୟୀ ପ୍ରତାପ ସ୍ୱାଇଁଙ୍କ ଆଶୀର୍ବାଦ ରହିଥିବା କହିଥିଲେ। ଏଥି ସହିତ ନିଜର ପ୍ରଚେଷ୍ଟା,ଅଧବସାୟ,ସ୍କୁଲର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ପ୍ରେରଣା ପାଇଁ ପୁଅ ରାଜ୍ୟ, ଜିଲ୍ଲା ଓ ଡିଏଭି ପରିବାର ପାଇଁ ଗୌରବ ଆଣିଥିବା ମାଆ ସସ୍ମିତା ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସାଇ ଆହ୍ୱାନର ଏଭଳି ସଫଳତା ପାଇଁ ସମସ୍ତେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



ଗୁରୁବାର ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ବାଲେଶ୍ୱର ବିଜେଡି ଟିମ୍‌କୁ ଭେଟିଛନ୍ତି। ଏହି ଅବସରରେ ସେ ଜିଲ୍ଲାରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି।

## ସଚିବସ୍ତରୀୟ ବୈଠକ
# ବିଭିନ୍ନ ବିଭାଗ ବ୍ୟୟ ଓ ରାଜସ୍ୱ ଆଦାୟ ସ୍ଥିତିର ସମୀକ୍ଷା
### ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବାକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ମାସ ଶେଷ ସୁଦ୍ଧା ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ତାହାକୁ ଅଗ୍ରାଧିକାର ଦେବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ମୁଖ୍ୟମନ୍ତ୍ରୀ ଦେଇଥିବା ମାଧ୍ୟମରେ ନିରନ୍ତର ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ଏଥିରେ ସମ୍ପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ସମ୍ପର୍କରେ ବିଭାଗୀୟ କମିଶନର ତଥା ଶାସନ ସଚିବ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଗଭୀର ସମୁଦ୍ର ବନ୍ଦରର ବିକାଶ, ବୃହତ ବ୍ରହ୍ମପୁର ମହାନଗର ନିଗମର ସାମଗ୍ରିକ ଉନ୍ନତି, ପିପଲପଙ୍କା ଜଳସେଚନ ପ୍ରକଳ୍ପ, ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦର, ଜାତୀୟ ରାଜପଥ-୧୬ର ସମ୍ପ୍ରସାରଣ ଓ ଏହାକୁ ୬



ବିଭିନ୍ନ ବିଭାଗର ବ୍ୟୟ ସମେତ ରାଜସ୍ୱ ଆଦାୟ ସ୍ଥିତିର ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ଭିତ୍ତିଭୂମି କ୍ଷେତ୍ର, ସାମାଜିକ, କୃଷି ଓ ଉଦୀୟମାନ କ୍ଷେତ୍ରରେ ବ୍ୟୟ ସ୍ଥିତି ଅନୁଧ୍ୟାନ କରାଯାଇ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟରେ ବିଭିନ୍ନ ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ସମ୍ପର୍କିତ ପତ୍ର (ୟୁଓଆଇ ନୋଟ)ର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇ ଉତ୍ତର ଅପେକ୍ଷାରେ ଥିବା ବିଭାଗମାନଙ୍କୁ ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ଜୀବନ ମିଶନ-୨.୦

ବୈଠକରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. ଓଡ଼ିଶା ଭିଜନ ଲକ୍ଷ୍ୟ ନେଇ ଜିଲ୍ଲାର ୨୫ଟି ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଏକ ଉତ୍ସାହଜନକ ଓ ଦୂରଦର୍ଶୀ ରୋଡମ୍ୟାପ ଉପସ୍ଥାପନ କରିଥିଲେ। ଗୋପାଳପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ବିକଶିତ କରିବା, 'ବାହୁଦା' ଲେନ୍ ବିଶିଷ୍ଟ କରାଯିବା, ଋଷିକୂଲ୍ୟାରେ କଂସାରୀ ଗଣ୍ଡ ଅନ୍ତଃ-ନଦୀ ଜଳାଶୟ ପ୍ରକଳ୍ପ, ଜିଲ୍ଲାର ବାକି ରହିଥିବା ସବୁ ବ୍ଲକକୁ ମେଗା ପାଇପ ଜଳଯୋଗାଣ ସୁବିଧା, ବ୍ରହ୍ମପୁର ବାଇପାସ ରୋଡ୍ ନିର୍ମାଣ ଶେଷ କରାଯିବା ସମ୍ପର୍କରେ ଜିଲ୍ଲାପାଳ ତଥ୍ୟ ରଖିଥିଲେ।

## ପାଇଲଟ ଓ ଏସକର୍ଟ ଗାଡ଼ି ହଟାଇଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସ୍ୱୀକାର କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ପାଇଲଟ ଓ ଏସକର୍ଟ ଗାଡ଼ିଗୁଡ଼ିକୁ ହଟେଇ ଦେଇଛନ୍ତି। ଆଜିଠାରୁ ସଚିବାଳୟ ଯିବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସେ କେବଳ ଏକମାତ୍ର ଗାଡ଼ି ବ୍ୟବହାର କରିବେ। ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ ପେଟ୍ରୋଲ ବ୍ୟବହାର କମ୍ କରିବା ଓ ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ଓ ଇଭି ଗାଡ଼ିର ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

## ରାଜ୍ୟରେ ଚାଲିଛି ୯୦ ହଜାର କୋଟିର ରେଳ ବିକାଶ କାର୍ଯ୍ୟ



**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ରାଜ୍ୟରେ ରେଳ ବିକାଶ ନେଇ ଏବେ ପ୍ରାୟ ୯୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ଆଜି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଜୁନାଗଡ଼-ନବରଙ୍ଗପୁର ରେଳ ଲାଇନ, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣପୁର-ଥେରୁବାଲି, ଖୋର୍ଦ୍ଧା ରୋଡ-ବଲାଙ୍ଗିର ଓ ବିମଳାଗଡ଼-ତାଳଚେର ପରି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ଦୀର୍ଘ ବର୍ଷ ଧରି ଆଗେଇ ପାରୁ ନ ଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥ କାମ ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ସେହିଭଳି ହାୱଡ଼ା-ଚେନ୍ନାଇ ମଧ୍ୟରେ ଚାରି ଲେନବିଶିଷ୍ଟ ରେଳ କରିଡର ଓଡ଼ିଶା ଦେଇ ଗତ କରୁଛି। ଏହାଦ୍ୱାରା ଭବିଷ୍ୟତରେ ଓଡ଼ିଶାରେ ଆଉ ୫୦୦ ନୂଆ ଟ୍ରେନ ଚାଲିପାରିବ ବୋଲି ସେ କହିଛନ୍ତି। ସେହିଭଳି ରାଜ୍ୟରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଓ ବାରିପଦା ଭଳି ୫୯ଟି ରେଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଅମୃତ ଷ୍ଟେସନ ଯୋଜନାରେ ରୂପାନ୍ତରିତ କରାଯାଉଛି। ଏଥିସହ ପୁରୀ-କୋଣାର୍କ ରେଳ ଯୋଗାଯୋଗ ନେଇ ଏକ ନୂଆ ଡିପିଆର ପ୍ରସ୍ତୁତ କରାଯାଉଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ପୁରୀରୁ କୋରାପୁଟ ମଧ୍ୟରେ ସପ୍ତାହକୁ ତିନି ଦିନ ଚାଲିବାକୁ ଥିବା ଏକ୍ସପ୍ରେସ ଟ୍ରେନ ଜଗନ୍ନାଥ ଧାମକୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଉଭୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଯୋଡ଼ିବ। ଏଥିସହ ଏହି ରେଳପଥ ପୂର୍ବ-ଦକ୍ଷିଣ-ପଶ୍ଚିମ ଜିଲ୍ଲାଗୁଡ଼ିକ ମଧ୍ୟରେ ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଯୋଗରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି।

## ସରଳ ହେବ ଆପାର୍ଟମେଣ୍ଟ ପଞ୍ଜୀକରଣ

- ଭାରତୀୟ ଷ୍ଟାମ୍ପ ଅଧିନିୟମରେ ସଂଶୋଧନ ଅଧ୍ୟାଦେଶ ଜାରି
- ଆପାର୍ଟମେଣ୍ଟର ସାଧାରଣ କ୍ଷେତ୍ର ଓ ସୁବିଧା ପାଇଁ ୫୦ ହଜାର ଷ୍ଟାମ୍ପ ଦେୟ



**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶ ସମ୍ପର୍କିତ ବିଜ୍ଞପ୍ତି ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବରୁ ପ୍ରଚଳିତ ଥିବା ଆପାର୍ଟମେଣ୍ଟ୍ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଓ ସରକାରଙ୍କ ରାଜସ୍ୱ ଆଦାୟକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ରେ ଆବଶ୍ୟକ ସଂଶୋଧନ ପାଇଁ ଅଧ୍ୟାଦେଶ ଜାରି କରିବା ନିମନ୍ତେ କ୍ୟାବିନେଟ୍‌ର ସ୍ୱୀକୃତିପ୍ରାପ୍ତ ହୋଇଥିଲା।

ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୨୩ ଅନୁଯାୟୀ ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ୍ ପଞ୍ଜୀକରଣ ସମୟରେ ସମୁଦାୟ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକୁ ଆସୋସିଏସନ ଅଫ୍ ଆଲଟିଙ୍କ ସପକ୍ଷରେ ହସ୍ତାନ୍ତର କରିବା ବାଧ୍ୟତାମୂଳକ। ଏଥିପାଇଁ ଆସୋସିଏସନ ଅଫ୍ ଆଲଟିଙ୍କୁ ଦଲିଲ୍ ପଞ୍ଜୀକରଣ ନିମନ୍ତେ ୫ ପ୍ରତିଶତ ଷ୍ଟାମ୍ପ ଦେୟ ଦେବାକୁ ପଡୁଥିଲା, ଯାହାକି ସେମାନଙ୍କ ଉପରେ ଅଧିକ ଆର୍ଥିକ ଭାର ସୃଷ୍ଟି କରୁଥିଲା ଓ ଏହାଦ୍ୱାରା ଆପାର୍ଟମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିଲା। ତେବେ ବର୍ତ୍ତମାନ ଏହି ସଂଶୋଧନ ବଳରେ ଆପାର୍ଟମେଣ୍ଟରେ ଥିବା ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ପଞ୍ଜୀକରଣ ନିମନ୍ତେ ଆସୋସିଏସନ୍ ଅଫ୍ ଆଲଟିଙ୍କୁ ଦଲିଲ ପଞ୍ଜୀକରଣ ପାଇଁ ୫୦ ହଜାର ଟଙ୍କା ମାତ୍ର ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ବିକ୍ରି ସମୟରେ ଆପାର୍ଟମେଣ୍ଟ ୟୁନିଟ୍ ସହ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ଅବିଭକ୍ତ ଅଂଶ ଉପରେ ୫% ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ। ଏଥିସହ ଅଧିନିୟମରେ ଥିବା ଆପାର୍ଟମେଣ୍ଟର ମୂଲ୍ୟ ଅନୁଯାୟୀ ୩ଟି ସ୍ଲାବ୍ ଯଥା ୩, ୪ ଓ ୫ ପ୍ରତିଶତ ପରିବର୍ତ୍ତେ କେବଳ ୫ ପ୍ରତିଶତ ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ।

## ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ସଭା



**ଭୁବନେଶ୍ୱର, ୧୪ା୫ (ସଂଚାର ବ୍ୟୁରୋ) :** ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ଆଲୋଚନା ଲକ୍ଷ୍ମୀସାଗର ସ୍ଥିତ ଏମେରାଲ୍ଡ ଆପାର୍ଟମେଣ୍ଟର କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଉରୀବନ୍ଧୁ ସ୍ମୃତି ପରିଷଦର ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପରିଷଦର ଟ୍ରଷ୍ଟି ଡକ୍ଟର ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡକ୍ଟର ଲୋପାମୁଦ୍ରା ମହାନ୍ତି। ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ବିପିନ ବିହାରୀ ପଣ୍ଡା ମାନବବାଦର ବିଶେଷତ୍ୱ ଉପରେ ଚର୍ଚ୍ଚା କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଡକ୍ଟର ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ସବିତା ମହାନ୍ତି, ଡକ୍ଟର ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ସାମ୍ପ୍ରତିକ ସମୟରେ ମାନବବାଦ ଓ ସମ୍ବେଦନଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଣିଷ ପାଖରୁ ମରିଯାଉଥିବା ମଣିଷପଣିଆ ଓ ସେବା ମନୋଭାବ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସାହିତ୍ୟିକ, ଚିନ୍ତକମାନେ ନିଜ ଲେଖନୀ ମାଧ୍ୟମରେ ପୁଣିଥରେ ପୂର୍ବର ସେହି ସହଯୋଗ ଓ ସହାନୁଭୂତି ଭାବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କବି ନିରାକାର ଦାସ, ଡକ୍ଟର ସଂଘମିତ୍ରା ମହାପାତ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସ୍ୱଅଭିମତ ପ୍ରକାଶ କରିଥିଲେ। ପରିଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## କଟକ ଜିଲ୍ଲା ବ୍ଲକ୍ ଟପ୍ପର୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ



**କଟକ,୧୪ା୫(ସଂଚାର ବ୍ୟୁରୋ)ଃ** କଟକ ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଫାଉଣ୍ଡେସନ ପକ୍ଷରୁ ଆଜି କଟକ ସର୍କିଟ ହାଉସ ସଭା ଗୃହରେ କଟକ ଜିଲ୍ଲାର ୧୪ ବ୍ଲକର ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନ ସଭାପତି ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜ, ସମାଜସେବୀ ପିଙ୍କନ ସାହୁ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ମାହାଙ୍ଗା ବ୍ଲକ୍‌ର ଜନ୍ମେଞ୍ଜୟ ମହାନ୍ତି, ନିଶ୍ଚିନ୍ତକୋଇଲି ବ୍ଲକ୍‌ର ଆଦ୍ୟାଶା ଦାଶ, ବାଙ୍କୀ ବ୍ଲକ୍‌ର ଆଶୁତୋଷ କର, ଡମପଡ଼ା ବ୍ଲକ୍‌ର ସୌମ୍ୟରଞ୍ଜନ ସାହୁ, ଆଠଗଡ଼ ବ୍ଲକ୍‌ର ବିଭାସ କୁମାର ସାହୁ, ବଡ଼ମ୍ବା ବ୍ଲକ୍‌ର ଚନ୍ଦ୍ରନା ନାୟକ, ତିଗିରିଆ ବ୍ଲକ୍ ପ୍ରିୟାଂଶୀ ପ୍ରିୟଦର୍ଶିନୀ, ନରସିଂହପୁର ବ୍ଲକ୍‌ର ଆଦ୍ୟାଶା ପ୍ରିୟଦର୍ଶିନୀ, ବାଙ୍କୀ ବ୍ଲକ୍‌ର ଆଶୁତୋଷ ନାୟକ, ନିଆଳି ବ୍ଲକ୍‌ର ତ୍ରିଶା ମହାରଣା, କଣ୍ଟାପଡ଼ା ବ୍ଲକ୍‌ର ଦେବପ୍ରିୟା ସାହୁ, କଟକ ସଦର ବ୍ଲକ୍‌ର ଦିବ୍ୟାଂଶୁ ମହାପାତ୍ର, ବାଙ୍କୀ ୨ର ଆଶୁତୋଷ ନାୟକ, ଟାଙ୍ଗୀ- ଚୌଦ୍ୱାର ବ୍ଲକ୍‌ର ସୁବାଶିଷ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନ ସମ୍ପାଦକ ତ୍ରିନାଥ ବେହେରା, ସାଧାରଣ ସମ୍ପାଦକ ବିକାଶ ଦଳେଇ, ଅଙ୍କିତ କୁମାର ଜେନା, ଶାଶ୍ୱତ ରାଉତରାୟଙ୍କ ସହ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। କଟକ ଜିଲ୍ଲାର ସଉରି ଚରଣ ପିଆଣ୍ଡଟି ଟ୍ରଷ୍ଟର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଗାଡ଼ି ବ୍ୟବହାରରେ ଲାଗିବ କଟକଣା

**ଭୁବନେଶ୍ୱର, ୧୪ା୫ (ସଂଚାର ବ୍ୟୁରୋ)ଃ** ଆଗାମୀ ଦିନରେ ରାଜ୍ୟରେ ସରକାରୀ ଗାଡ଼ି ବ୍ୟବହାର ଉପରେ ଅଧିକ କଟକଣା ଲାଗିବାର ସମ୍ଭାବନା ରହିଛି। ଏଥିସକାଶେ ସରକାର ନୂଆ ଗାଇଡଲାଇନ୍ ମଧ୍ୟ ଆଣିବା ନେଇ ସଙ୍କେତ ମିଳିଛି। ରାଜ୍ୟରେ ଇନ୍ଧନର ବ୍ୟବହାର କମାଇବା ଓ ପ୍ରଶାସନିକ ସ୍ତରରେ ମିତବ୍ୟୟିତାକୁ ଆପଣାଇବା ସକାଶେ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ନୂଆ ନିୟମଗୁଡ଼ିକ ମୁଖ୍ୟତଃ ସରକାରୀ ଗାଡ଼ି ଓ ଅଧିକାରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଲାଗୁ କରାଯାଇପାରେ। ସରକାରୀ ଗାଡ଼ି ବ୍ୟବହାର ଉପରେ ଅଙ୍କୁଶ ଲାଗିବ। ଅଣଜରୁରୀ ବ୍ୟବହାର ବନ୍ଦ ହେବ। କେବଳ ଅତି ଜରୁରୀ କାର୍ଯ୍ୟ ବ୍ୟତୀତ ସରକାରୀ ଗାଡ଼ି ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିବ। ପ୍ରତି ବିଭାଗ ଓ ଅଧିକାରୀଙ୍କ ପାଇଁ ମାସିକ ତେଲ ଖର୍ଚ୍ଚର ଏକ ସୀମା ମଧ୍ୟ ଧାର୍ଯ୍ୟ ହେବ। ଅଧିକାରୀମାନଙ୍କ

### ଆସିବ ନୂଆ ଗାଇଡଲାଇନ୍

ପାଇଁ ବ୍ୟକ୍ତିଗତ ଗାଡ଼ି ବଦଳରେ ପୁଲ୍-ଭେହିକିଲ୍ କିମ୍ବା ସାମୂହିକ ଯାତାୟାତ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବାର ସମ୍ଭାବନା ରହିଛି।

ସେହିପରି ୱାର୍କ ଫ୍ରମ୍ ହୋମ୍ ଓ ସମୟ ପରିବର୍ତ୍ତନ ନେଇ ଆସିପାରେ ଗାଇଡଲାଇନ। ଯାତାୟାତ କମାଇବା ପାଇଁ କିଛି ଦିନ 'ଘରୁ କାମ' କିମ୍ବା ପର୍ଯ୍ୟାୟ କ୍ରମେ ଅଫିସ୍ ସମୟ ନିର୍ଦ୍ଧାରଣ ହୋଇପାରେ। ଟୁର୍ ଓ କ୍ଷେତ୍ର ପରିଦର୍ଶନ ଉପରେ ରୋକ୍ ଲାଗିପାରେ। ଅନାବଶ୍ୟକ ସରକାରୀ



ଗସ୍ତ ଓ ଫିଲ୍ଡ ଭିଜିଟ୍ ଉପରେ ସାମୟିକ କଟକଣା ଲାଗିବ। ସଚିବାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀଙ୍କୁ ବସ୍, ସାଇକେଲ୍ କିମ୍ବା ଇ-ଭେହିକିଲ୍ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଳୟରେ ଥିବା ଗାଡ଼ି ସଂଖ୍ୟାରେ ବଡ଼ ଧରଣର ହ୍ରାସ କରାଯାଇସାରିଛି। ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନଙ୍କୁ ବିଳାସପୂର୍ଣ୍ଣ ଗାଡ଼ି ବଦଳରେ କମ୍ ତେଲ ଖର୍ଚ୍ଚ ହେଉଥିବା ଗାଡ଼ି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇପାରେ। ଏହିସବୁ ନିୟମର ପାଳନ ଉପରେ ନଜର ରଖିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ ଓ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

### ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ
## ଡିଜି ଅଫିସ୍ ଘେରିଲା ଜିଲ୍ଲା ବିଜେଡି

**କଟକ,୧୪ା୫(ସଂଚାର ବ୍ୟୁରୋ)ଃ** କଟକ ଜିଲ୍ଲା ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କ ଅଫିସ ଘେରାଉ କରାଯାଇଛି। ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗରେ ଡବଲ ଇଞ୍ଜିନ ସରକାର ବିରୋଧରେ ଗର୍ଜିଛି ବିଜେଡି। ଏହା ପ୍ରତିବାଦରେ ଆଜି କଟକ ବିଜେଡି ପକ୍ଷରୁ ଡିଜି ଅଫିସ୍ ଘେରାଉ କରାଯାଇଛି। କଟକ ମାତାମଠ ପାଖରୁ ଏକ ର୍‍ୟାଲିରେ ବାହାରି ଦଳୀୟ କର୍ମୀମାନେ ଡିଜି ଅଫିସ୍ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ବିଜେଡିର ଅନେକ ଟାଣୁଆ ନେତା ସାମିଲ ହୋଇଥିଲେ। ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା,



ମେୟର ସୁବାଷ ସିଂ, ଛାତ୍ର ବିଜେଡିର ସଭାନେତ୍ରୀ ଈପସିତା ସାହୁ, ସାଂସଦ ସୁଲତା ଦେଓ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରକୁ ଭର୍ତ୍ସନା କରିଥିଲେ। କେନ୍ଦ୍ରର ଏନଡିଏ ସରକାର ଓ ରାଜ୍ୟର ବିଜେପି ସରକାର ବିରୋଧରେ ଆଜି ବିଜେଡି ବିଶାଳ ପଦଯାତ୍ରା କରି ନିଜର ଶକ୍ତି ଦେଖାଇଛି। ବର୍ତ୍ତମାନର ସରକାର କେବଳ ରଙ୍ଗ ମାରିବା, ଫିତା କାଟିବା ଆଦିରେ ବ୍ୟସ୍ତ ରହି ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ଆଗାମୀ ଦିନରେ ବିଜେଡି ବିଜେପି ସରକାର ବିରୋଧରେ ଲଢ଼େଇ ଜୋରଦାର କରିବ ବୋଲି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି। ଘେରାଉକୁ ନିୟନ୍ତ୍ରଣ କରିବା ସକାଶେ ୨୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ବିକ୍ଷୋଭରେ ବହୁ ସଂଖ୍ୟାରେ ଯୁବଛାତ୍ର ଓ ମହିଳା କର୍ମୀ ସାମିଲ ହୋଇଥିଲେ। ପରେ ବିଜେଡିର ଏକ ପ୍ରତିନିଧି ଦଳ ଡିଜିଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଥିଲେ।

## ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରୁଛି ଟିପିସିଓଡିଏଲ

**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ମୁଫ୍ତ ବିଜଲି ଯୋଜନା ଅଧୀନରେ କଟକ ଜିଲ୍ଲାରେ ସୌର ଶକ୍ତି ବ୍ୟବହାର ସମ୍ପର୍କରେ ଜନସଚେତନତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଏହି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ପ୍ରୋତ୍ସାହିତ କରୁଛି, ଯାହା ଘରୋଇ ଉପଭୋକ୍ତାଙ୍କ ପାଇଁ ସ୍ୱଚ୍ଛ ଶକ୍ତି ସମାଧାନକୁ ଅଧିକ ସହଜ, ସରଳ, ସୁଲଭ ଓ ସୁବିଧାଜନକ କରିପାରିଛି।

ଏହି ପ୍ରସାର ଅଭିଯାନର ଅଂଶସ୍ୱରୂପ ପିଏମ୍ ସୂର୍ଯ୍ୟ ଘରଃ ମୁଫ୍ତ ବିଜଲି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସ୍ଥାପନର ସୁଫଳ ବିଷୟରେ ଉପଭୋକ୍ତାଙ୍କୁ ଶିକ୍ଷିତ କରିବା ପାଇଁ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ରାମସ୍ତରୀୟ ସଚେତନତା ସଭା ଆୟୋଜନ କରାଯାଉଛି।



ନିକଟରେ ନିଶ୍ଚିନ୍ତକୋଇଲି ଫଗୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ରୁଫଟପ୍ ସୋଲାର ପ୍ୟାନେଲ ସ୍ଥାପନ କରିବାର ସରଳ ପ୍ରକ୍ରିୟା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଶତାଧିକ ଗ୍ରାମବାସୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଓ ନିଜ ଘର ପାଇଁ ସୌର ଶକ୍ତି ସମାଧାନ ଆପଣେଇବାକୁ ଆଗ୍ରହ ପ୍ରକାଶ କରିଥିଲେ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ ଟିପିସିଓଡିଏଲ ଭାରତ ସରକାରଙ୍କ ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶକ୍ତି ସମାଧାନର ସଂକଳ୍ପକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ। ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଓ ଉପଭୋକ୍ତାମାନଙ୍କ ସହ ଆଲୋଚନା ମାଧ୍ୟମରେ ଆମେ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ରୁଫଟପ୍ ସୋଲାର ସିଷ୍ଟମ ଆପଣେଇବାକୁ ପରିବାରଗୁଡ଼ିକୁ ଉତ୍ସାହିତ କରୁଛୁ। ଏହି ପଦକ୍ଷେପ କେବଳ ଉପଭୋକ୍ତାମାନଙ୍କୁ ସେମାନଙ୍କର ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଏକ ସବୁଜ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ଦିଗରେ ମଧ୍ୟ ଅବଦାନ ରଖିବ।

# ଓଡ଼ିଶାରେ ଖୋଲିବ ସେବି ଦପ୍ତର

**ଭୁବନେଶ୍ୱର,୧୪ା୫ଃ** ଓଡ଼ିଶାରେ ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ର ଆଞ୍ଚଳିକ ଦପ୍ତର ଖୋଲିବ। ଏଥିପାଇଁ ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ ବିଶେଷ ଆଗ୍ରହୀ ଥିବା ଜଣାଯାଇଛି। ଶ୍ରୀ ପାଣ୍ଡେ ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର ଓ କେନ୍ଦ୍ରକୁ ଯିବା ପୂର୍ବରୁ ସେ ଏଠାରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେବିର ଅଧ୍ୟକ୍ଷ ହେବା ପରେ ଏହି କେନ୍ଦ୍ରୀୟ ସଂସ୍ଥାର ସମ୍ପ୍ରସାରଣ ପାଇଁ ଶ୍ରୀ ପାଣ୍ଡେ ବିଶେଷ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ସେବି ଜନସାଧାରଣଙ୍କ ମଧ୍ୟରେ ପୁଞ୍ଜି ନିବେଶ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବାପାଇଁ ପଦକ୍ଷେପ ଗ୍ରହଣ କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେଉଁଠାରେ ଓ କିଭଳି ପୁଞ୍ଜି ବିନିଯୋଗ କରିବେ, ସେ ସଂକ୍ରାନ୍ତରେ ଜାଣିପାରୁ ନାହାନ୍ତି। ଯାହା ଫଳରେ କି ନିରୀହ ପୁଞ୍ଜି ନିବେଶକାରୀ ଠକାମୀର ଶିକାର ହେଉଛନ୍ତି।

ଓଡ଼ିଶାରେ ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇ ଯେଭଳି ଲକ୍ଷ ଲକ୍ଷ ପୁଞ୍ଜି ବିନିଯୋଗକାରୀମାନେ ସେମାନଙ୍କର କଷ୍ଟ ଅର୍ଜିତ ଆୟ ହରାଇଲେ, ସେହି ପରିପ୍ରେକ୍ଷୀରେ ସେବି ଦ୍ୱାରା ପୂର୍ବାଞ୍ଚଳ ଦପ୍ତର ଏଠାରେ ଖୋଲିବା ପାଇଁ ହେଉଥିବା ଉଦ୍ୟମ ସାଧାରଣ ପୁଞ୍ଜି ନିବେଶକାରୀମାନଙ୍କ ସକାଶେ ବେଶ୍ ସହାୟକ ହେବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ବଜାର ଅର୍ଥନୀତିକୁ ସେବି ଯେଭଳି ଦିଗ୍‌ଦର୍ଶନ ଦେଉଛନ୍ତି ସେହିପରି ସାଧାରଣ ଜନତାଙ୍କୁ ପୁଞ୍ଜି ନିବେଶ କ୍ଷେତ୍ରରେ ଅନୁରୂପ ଦିଗ୍‌ଦର୍ଶନ ଦେଇପାରିବେ ବୋଲି ଅର୍ଥନୀତିଜ୍ଞମାନେ ଆଶା ପ୍ରକାଶ କରୁଛନ୍ତି। ସେବି ପକ୍ଷରୁ ଏଠାରେ ଆଞ୍ଚଳିକ




ଦପ୍ତର ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଇତିମଧ୍ୟରେ ଅନୁରୋଧ କରାଯାଇଥିବା ଜଣାଯାଇଛି। ସେଥିପାଇଁ ସ୍ଥାନ ଯୋଗାଇଦେବା ସକାଶେ ସେବି ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଯେଭଳି ପ୍ରତ୍ୟେକ ରାଜ୍ୟର ରାଜଧାନୀରେ ନିଜର ଶାଖା ପ୍ରତିଷ୍ଠା କରିଛି, ଅନୁରୂପ ଭାବେ ସେବି ମଧ୍ୟ ରାଜ୍ୟ ରାଜଧାନୀରେ ତା'ର ଆଞ୍ଚଳିକ ଶାଖା ଖୋଲିବା ପାଇଁ ଉଦ୍ୟମ କରିଛନ୍ତି। ସରକାରୀ ଜମି ପାଇ ନୂତନ ନିର୍ମାଣ ଭବନ ନିର୍ମାଣ କରିବା ପର୍ଯ୍ୟନ୍ତ ଏଠାରେ ଅସ୍ଥାୟୀ ଭବନରେ ସେବି ତା'ର ଦପ୍ତର ଖୋଲି ପୁଞ୍ଜି ନିବେଶକାରୀ ସଚେତନତା ଅଭିଯାନ ଚଳାଇବା ପାଇଁ ପଦକ୍ଷେପ ଦେବାର ସମ୍ଭାବନା ରହିଛି ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି।

ଉଲ୍ଲେଖନୀୟ ଯେ ଓଡ଼ିଶାରେ ସେବିର ଦପ୍ତର ନ ଥିବାରୁ ପୁଞ୍ଜି ନିବେଶ କ୍ଷେତ୍ରରେ ପରାମର୍ଶଠାରୁ ଆରମ୍ଭ କରି ନିବେଶ ପର୍ଯ୍ୟନ୍ତ ସବୁକିଛି ପାଇଁ ଲୋକଙ୍କୁ ବିଭିନ୍ନ ସଂସ୍ଥା ଓ ଏଜେଣ୍ଟଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ନିବେଶକାରୀମାନଙ୍କୁ ସେମାନଙ୍କର ପୁଞ୍ଜିର କିଛି ଅଂଶ ମଧ୍ୟ ଖର୍ଚ୍ଚ କରୁଛନ୍ତି। ଏଠାରେ ସେବି ତା'ର ଆଞ୍ଚଳିକ ଦପ୍ତର ଖୋଲିଲେ ବହୁ ନିବେଶକାରୀ ସିଧାସଳଖ ଭାବେ ପରାମର୍ଶ ପାଇପାରିବେ ବୋଲି ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି। (ତଥ୍ୟ)

## ବିସ୍ଥାପିତଙ୍କୁ ନ୍ୟାୟ ଅଧିକାର ଦାବିରେ କଂଗ୍ରେସର ରଣହୁଙ୍କାର
### ପ୍ରତ୍ୟେକ ଶିଳ୍ପାନୁଷ୍ଠାନ ପାଚେରି ବାହାରେ ଗରିବଙ୍କ ଘରଃ ଭକ୍ତ

**ଭୁବନେଶ୍ୱର,୧୪ା୫(ସଂଚାର ବ୍ୟୁରୋ)ଃ** ବିସ୍ଥାପିତ ଓ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ଗତ ୬ରୁ ଡିଙ୍କିଆରୁ ଆରମ୍ଭ ହୋଇଥିବା ଗାନ୍ଧିପଥେ ନ୍ୟାୟ ପଦଯାତ୍ରା ଆଜି ଭୁବନେଶ୍ୱରରେ ପହଞ୍ଚି ଲୋୟର ପିଏମଜିଠାରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣାରେ ହଜାର ହଜାର ବିସ୍ଥାପିତଙ୍କ ସମେତ ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଶିଳ୍ପାନୁଷ୍ଠାନମାନଙ୍କ ଅମାନବୀୟ ଅତ୍ୟାଚାର ଓ ସରକାରଙ୍କ ନିରବତାକୁ ଘୋର ସମାଲୋଚନା କରିଥିଲେ। ଅମାନବୀୟ ବ୍ୟବହାର ଓ ଅତ୍ୟାଚାର ମାଧ୍ୟମରେ ଲୋକଙ୍କୁ ଶୋଷଣ କରିବା ବରଦାସ୍ତ କରାଯିବ ନାହିଁ। ମନମର୍ଜି ଜମି, ଜଙ୍ଗଲ ଅଧିଗ୍ରହଣ ଓ ଜଳ ବ୍ୟବହାର କରୁଛନ୍ତି ଏବଂ ସରକାର ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ଲୋକେ ନିଜ ଭିଟାମାଟି ହରାଉଛନ୍ତି, କିନ୍ତୁ ପ୍ରତିବଦଳରେ କେବଳ ପ୍ରତାରଣା ପାଉଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଜମି ହରାଇଥିବା ପ୍ରତ୍ୟେକ ବିସ୍ଥାପିତଙ୍କୁ ଶିଳ୍ପାନୁଷ୍ଠାନର ଶେୟାର ହୋଲଡର କରିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ବିସ୍ଥାପନ ଗ୍ରାମସଭା ମାଧ୍ୟମରେ ଆଇନ ଅନୁଯାୟୀ ହେବା ଉଚିତ ଓ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ। ପିସିସି ସଭାପତି ତଥା ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ଧାରଣାରେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ, ସହ ପ୍ରଭାରୀ ଜେଟି କୁସୁମ କୁମାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପଦଯାତ୍ରା ଅଧ୍ୟକ୍ଷ ସୁରେଶ ରାଉତରାୟ, ସାଂସଦ ସପ୍ତଗିରି ଉଲାକା, ବିଧାୟକ ଅଶୋକ ଦାସ, ସିଏସ ରାଜେନ ଏକ୍କା, ମଙ୍ଗୁ ଖିଲ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ଅନନ୍ତ ସେଠୀ, ଆଇଏନଟିୟୁସି ଅଧ୍ୟକ୍ଷ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସରକାରଙ୍କ ବିସ୍ଥାପନ ନୀତିକୁ ସମାଲୋଚନା କରିଥିଲେ।

# ୧୬ରେ ଶେଷ ହେବ ଆମେରିକାର ରିହାତି ସୀମା

## ବିକଳ୍ପ ଉତ୍ସ ସନ୍ଧାନରେ ଭାରତୀୟ ତୈଳ ବିଶୋଧନକାରୀ ସଂସ୍ଥା




ନୂଆଦିଲ୍ଲୀ,୧୪।୫ଃ ମଧ୍ୟପ୍ରାଚ୍ୟ ଯୁଦ୍ଧକାଳୀନ ସ୍ଥିତି ଯୋଗୁ ସୃଷ୍ଟି ହୋଇଥିବା ତୈଳସଂକଟ ପରିସ୍ଥିତିରେ ଭାରତ ରୁଷଠାରୁ ଅବିଦେଶିତ ତେଲ କିଣିବାଲାଗି ଆମେରିକା ଅନୁମତି ଦେବା ସହିତ ଯେଉଁ ରିହାତି ସମୟ ଧାର୍ଯ୍ୟ କରିଥିଲା ତାହା ଏଇ ସପ୍ତାହ ଶେଷ ସୁଦ୍ଧା ଶେଷ ହୋଇଯିବା ମାତ୍ର ଏଯାଏ ହର୍ମୁଜ୍ ଅବରୋଧ ହଟି ନଥିବାରୁ ପୂର୍ବପରି ତୈଳ ସଂକଟ ଜାରି ରହିଛି। ଆମେରିକା ଯଦି ଏହି ସମୟ ସୀମା ନବଢ଼ାଏ ତା'ହେଲେ ଭାରତର ତୈଳ ବିଶୋଧନକାରୀ ସଂସ୍ଥାଗୁଡ଼ିକ ତୈଳ ଆମଦାନୀର ବିକଳ୍ପ ଖୋଜିବାକୁ ବାଧ୍ୟହେବେ ବୋଲି ଏକ ଅସମର୍ଥିତ ସୂତ୍ରରୁ ଜାଣିବାକୁ ମିଳିଛି। ସମୟ ସୀମା ସରିବାକୁ ଆଉ ହାତଗଣତି ମାତ୍ର କିଛି ଦିନ ଥିବା ବେଳେ ଭାରତୀୟ ତୈଳ ବିଶୋଧନକାରୀ ସଂସ୍ଥାଗୁଡ଼ିକ ଏହି ସମୟ ସୀମା ବୃଦ୍ଧି କରିବାକୁ ଆମେରିକାକୁ ଅନୁରୋଧ କରିଛନ୍ତି। ଭାରତୀୟ ରିଫାଇନାରୀ ସହିତ ଜଡ଼ିତ ଜଣେ ଅଧିକାରୀ ତାଙ୍କର ପରିଚୟ ଗୋପନ ରଖିବୁ ଅନୁରୋଧ କରି 'ବିଜନେସ-ଡଟ୍-ଇକୋନୋମିକ ଟାଇମ୍ସ' କହିଛନ୍ତି ଯେ, ଆମେରିକା ମେ' ୧୬ ତାରିଖ ପରେ ଭାରତ ସମେତ ଅନ୍ୟ ଦେଶମାନଙ୍କୁ ବ୍ୟାରେଲ କିଣିବାଲାଗି ଅନୁମତି ଦେଇ ରିହାତି ସମୟକୁ ବୃଦ୍ଧି କରିବ କି ନା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ଯଦି ଆମେରିକାଠାରୁ କୌଣସି ପ୍ରତ୍ୟୁତ୍ତର ନମିଳେ ତା'ହେଲେ ଭାରତରେ ତୈଳ ପ୍ରକ୍ରିୟାକରଣ କରୁଥିବା ସଂସ୍ଥାଗୁଡ଼ିକ ବିକଳ୍ପ ଖୋଜିବେ ଆଉ ସେହିସବୁ ବିକଳ୍ପ ସ୍ଥାନରୁ ମହଙ୍ଗା ଦରରେ ବ୍ୟାରେଲ କିଣିବାକୁ ବାଧ୍ୟହେବେ। କେପଲର୍‌ର ସଦ୍ୟତମ ତଥ୍ୟ କହୁଛି ଯେ, ଆମେରିକା ତେଲ କ୍ରୟ ପାଇଁ ଅନୁମତି ଦେଇଥିବା କାରଣରୁ ମେ' ମାସରେ ଏ ପର୍ଯ୍ୟନ୍ତ ଭାରତ ରୁଷଠାରୁ ଦିନକୁ ୨.୩ ନିୟୁତ ବ୍ୟାରେଲ କ୍ରୁଡ ପେଟ୍ରୋଲିୟମ୍ ଆମଦାନୀ କରୁଛି। ଯଦି ଆମେରିକା ରିହାତି ସମୟ ସୀମା ବୃଦ୍ଧି ନକରେ ତା'ହେଲେ ମସ୍କୋରୁ ଏହି ଆମଦାନୀ ଦିନକୁ ୧.୯ ବ୍ୟାରେଲକୁ ଖସି ଆସିବାର ସମ୍ଭାବନା ରହିଛି।

ଇରାନ ଓ ଆମେରିକା ଯୁଦ୍ଧ ଯୋଗୁ ପାରସ୍ୟ ଉପସାଗରରେ ତୈଳ ପରିବହନ ବନ୍ଦ ହୋଇଯିବା ପରେ ବିଶ୍ୱ ତୈଳ ବଜାର କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଭାରତ ଭଳି ଗୁରୁତ୍ୱପୂର୍ଣ୍ଣ ତୈଳ ଆମଦାନୀ କରୁଥିବା ଦେଶଗୁଡ଼ିକ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ଭାରତ ହେଉଛି ପାରସ୍ୟ ଉପସାଗରରେ ଦେଇ ତୈଳ ଆମଦାନୀ କରୁଥିବା ଦେଶ ଗୁଡ଼ିକ ମଧ୍ୟ ଦ୍ୱିତୀୟ ବୃହତ୍ତମ କ୍ରୁଡ ପେଟ୍ରୋଲିଅମ ଆମଦାନୀକାରୀ ରାଷ୍ଟ୍ର। ଏହାକୁ ଦୃଷ୍ଟିରେ ରଖି ଆମେରିକା ମାର୍ଚ୍ଚ ୫ ତାରିଖରେ ପ୍ରଥମେ ରୁଷଠାରୁ ତେଲ କିଣିବାକୁ ଭାରତକୁ ଅନୁମତି ଦେଇଥିଲା। ଗୋଟିଏ ସପ୍ତାହ ପରେ ଏହି ସମୟସୀମାକୁ ଆମେରିକା ମେ ୧୬ ତାରିଖ ଯାଏ ବଢ଼ାଇ ଦେଇଥିଲାତେବେ ଏହି ସମୟ ସୀମା ଶେଷ ହେବା ଆଗରୁ ଭାରତର ପ୍ରମୁଖ ରିଫାଇନର ଇଣ୍ଡିଆନ୍ ଅଏଲ କର୍ପୋରେସନ୍ ଏବଂ ଭାରତ ପେଟ୍ରୋଲିଅମ୍ କର୍ପୋରେସନ ଲିମିଟେଡ ଏହି ସପ୍ତାହରେ ପଶ୍ଚିମ ଆଫ୍ରିକା ଓ ଆମେରିକାରୁ ଅଣୋଧିତ ତୈଳ କିଣିଛନ୍ତି ବୋଲି ଏହି ଦୁଇ ସଂସ୍ଥା ସହିତ ସମ୍ପୃକ୍ତ ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ପଶ୍ଚିମ ଆଫ୍ରିକା ଓ ଆମେରିକାର ସେହି ପ୍ରମ୍ପଟ କାର୍ଗୋଗୁଡ଼ିକ ଏହି ମାସ ମଧ୍ୟରେ ଲୋଡ଼ ହେବ ବୋଲି ସେ କହିଛନ୍ତି। ଏଥିସହିତ ପାରସ୍ୟ ଉପସାଗର ତୈଳ ପରିବହନ ଉପରେ ଅଧିକ ନିର୍ଭରଶୀଳ ନହେବା ପାଇଁ ବିପିସିଏଲ ଆଜେରି ଓ ଆଫ୍ରିକା ସହିତ ସ୍ୱଳ୍ପକାଳୀନ ଯୋଗାଣ ଚୁକ୍ତିନାମା କରିବା ଲାଗି ଯୋଜନା ଆରମ୍ଭ କରିଛି।



## ଭାରତରେ ତେଲର ସଂକଟ ସୃଷ୍ଟି ହୋଇନାହିଁ

ନୂଆଦିଲ୍ଲୀ,୧୪।୫ଃ ଭାରତରେ ଯଥେଷ୍ଟ ତେଲ ମହଜୁଦ ହୋଇ ରହିଛି। ତେଲର କୌଣସି ସଂକଟ ସୃଷ୍ଟି ହୋଇନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ପୂର୍ବ ସପ୍ତାହରେ କେନ୍ଦ୍ର ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଯେ, ବିଶ୍ୱରେ ତୈଳ ସଂକଟ ସୃଷ୍ଟି ହୋଇଥିଲେ ମଧ୍ୟ ଭାରତରେ ତେଲ ଓ ଗ୍ୟାସ ଯୋଗାଣ ପୂର୍ବବତ ରହିବ। ସିଆଇଆଇ ବାର୍ଷିକ ବିଜନେସ ସମ୍ମିଳନୀକୁ ସମ୍ବୋଧିତ କରି ପୁରୀ କହିଥିଲେ ଯେ, ଭାରତରେ ଅପାତତଃ ଦୁଇମାସରୁ ଅଧିକ ଦିନ ଲାଗି ଏଲପିଜି ଓ ଏଲଏନଜି ଗଚ୍ଛିତ ହୋଇ ରହିଛି।

## ହର୍ମୁଜରେ ଆକ୍ରମଣ ଗ୍ରହଣୀୟ ନୁହେଁ

### ନିନ୍ଦାକଲା ବହିର୍ବ୍ୟାପାର ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୧୪।୫ଃ ବୁଧବାର ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଭାରତର ବାଣିଜ୍ୟିକ ଜାହାଜ ଉପରେ ଇରାନ ସେନା ପକ୍ଷରୁ ହୋଇଥିବା ଆକ୍ରମଣକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିନ୍ଦା କରାଯାଇଛି। ଓମାନ ଉପକୂଳରେ ଜାହାଜଟି ଯାତ୍ରା କରୁଥିବା ବେଳେ ତାହା ଉପରକୁ ଆକ୍ରମଣ କରାଯାଇଥିଲା। ତେବେ ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି। ଜାହାଜକୁ ସୁରକ୍ଷିତ ଭାବରେ ଆଗକୁ ନେବା ସହିତ ଜାହାର କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିବାରୁ ଓମାନ କର୍ତ୍ତୃପକ୍ଷଙ୍କୁ ଭାରତ ଧନ୍ୟବାଦ ଜଣାଇଛି। ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ହର୍ମୁଜରେ ବାରମ୍ବାର ଭାରତୀୟ ପତାକା ଥିବା ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରାଯିବା ଘଟଣା ଆଦୌ ଗ୍ରହଣୀୟ ନୁହେଁ। ପଶ୍ଚିମ ଏସୀଆରେ ଲାଗି ରହିଥିବା ଉତ୍ତେଜନା ଏବଂ ହର୍ମୁଜରେ ଜାରି ରହିଥିବା ଅବରୋଧ ମଧ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାକୁ ଭାରତ ଗମ୍ଭୀରତାର ସହ ନେଇଛି ବୋଲି ସୂତ୍ର ପ୍ରକାଶ କରିଛି। ତେବେ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଏବେ ଭାରତୀୟ ବାଣିଜ୍ୟିକ ଜାହାଜ ଚଳାଚଳ ଜାରି ରହିଛି।

## ଦିଲ୍ଲୀରେ ଫେରିଲା ୱାର୍କ ଫ୍ରମ୍ ହୋମ୍



ନୂଆଦିଲ୍ଲୀ,୧୪।୫ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପେଟ୍ରୋଲ-ଡିଜେଲ ସଞ୍ଚୟ ଓ ୱାର୍କ ଫ୍ରମ୍ ହୋମର ଆହ୍ୱାନ ପରେ ଦିଲ୍ଲୀ ସରକାର ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ସରକାରୀ ଅଫିସ ଗୁଡ଼ିକରେ ଦୁଇଦିନ ୱାର୍କ ଫ୍ରମ୍ ରହିବ। ସେ ଘରୋଇ କମ୍ପାନୀଗୁଡ଼ିକରୁ ମଧ୍ୟ ଏହାକୁ ଲାଗୁ କରିବାକୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲର ସଞ୍ଚୟ ପାଇଁ ସରକାରୀ ସ୍ତରରେ ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ୱାର୍କଫ୍ରମ୍ ହୋମ୍ ରହିବ। ଅନ୍ୟପଟେ, ଘରୋଇ କମ୍ପାନୀଗୁଡ଼ିକୁ ମଧ୍ୟ ଦୁଇଦିନ ୱାର୍କ ଫ୍ରମ୍ ହୋମ୍ କରାଯିବାକୁ କୁହାଯିବ। ୱାର୍କ ଫ୍ରମ ହୋମ୍ ଦିନଗୁଡ଼ିକରେ ୧୦୦ ପ୍ରତିଶତ କର୍ମଚାରୀ ଘରୁ ନିଜର କାମ କରିବେ। ହେଲେ ଜରୁରୀକାଳୀନ ଓ ଆବଶ୍ୟକ ସେବାର ବିଭାଗଗୁଡ଼ିକୁ ଏଥିରୁ ଅଲଗା ରଖାଯିବ। ସିଏମ୍ ଓ ମନ୍ତ୍ରୀଙ୍କ ଗାଡ଼ି ସଂଖ୍ୟାରେ କରାଯାଇ ଥିବା ହ୍ରାସର ଉଲ୍ଲେଖ କରି ରେଖା ଗୁପ୍ତା ସାର୍ବଜନିକ ପରିବହନର ଅଧିକ ବ୍ୟବହାର କରାଯିବା ନେଇ କହିଛନ୍ତି। ଅଧିକାରୀଙ୍କ ପେଟ୍ରୋଲରେ ୨୦ ପ୍ରତିଶତର ହ୍ରାସ କରାଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ ସୋମବାର 'ମଣ୍ଡେ ମେଟ୍ରୋ' ଡେ ରହିବ ଏବଂ ମନ୍ତ୍ରୀ ଓ ଅଧିକାରୀ ଅଧିକରୁ ଅଧିକ ସଂଖ୍ୟାରେ ଏହାର ବ୍ୟବହାର କରିବେ। ଅଫିସ ଗୁଡ଼ିକର ସମୟରେ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ସରକାରଙ୍କ କାର୍ଯ୍ୟାଳୟର ସମୟ ୧୦ରୁ ୭.୩୦ଟା ଯାଏ କାମ କରିବ। ନିଗମର ଅଫିସ ସକାଳ ୮.୩୦ ରୁ ସନ୍ଧ୍ୟା ୫.୩୦ଟା ଯାଏ ଚାଲିବ। ଦିଲ୍ଲୀରେ ଲୋକଙ୍କୁ ଅନୁରୋଧ ଯେ, ନୋ ଭାଇକଲ ଡେ ପାଳିବେ। ସରକାର ଆଗାମୀ ୬ ମାସ ଯାଏ କୌଣସି ଗାଡ଼ି କ୍ରୟ କରିବେ ନାହିଁ। ୧ରୁ ୮ ଗ୍ରେଡ୍ ଯାଏ କର୍ମଚାରୀଙ୍କୁ ସରକାରଙ୍କ ଠାରୁ ୧୦ପ୍ରତିଶତ ଅତିରିକ୍ତ ଭତ୍ତା ଦିଆଯିବ , ଯଦି ୨୫ ପ୍ରତିଶତ ଭତ୍ତାର ଖର୍ଚ୍ଚ ସାର୍ବଜନିକ ପରିବହନ ଉପରେ କରିବେ। ୨୯ କଲୋନୀରେ ୫୮ଟି ବସ୍ ଲାଗିବ ,ଯାହା ସରକାରୀ କର୍ମଚାରୀଙ୍କୁ ତାଙ୍କ ଘରୁ ମେଟ୍ରୋ ଷ୍ଟେସନ ଯାଏ ପହଞ୍ଚାଇବାର କାମ କରିବ। ୫୦ ପ୍ରତିଶତ ବୈଠକ ଅନଲାଇନ କରାଯିବ , ବିଶ୍ୱବିଦ୍ୟାଳୟ ଓ କଲେଜରୁ ମଧ୍ୟ ଅନଲାଇନ ମୋଡ଼୍‌ରେ ପଢାଇବାକୁ ଅନୁରୋଧ କରାଯିବ।

## ଭିଏଲ୍‌ଟିଡି, ପ୍ୟାନିକ୍ ବଟନ୍ ନଥିଲେ ପରମିଟ୍ ରଦ୍ଦଃ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୪।୫ଃ ସଡ଼କ ସୁରକ୍ଷା ନେଇ ଦେଶର ସର୍ବୋଚ୍ଚ ଅଦାଲତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସର୍ବସାଧାରଣଙ୍କ ସେବାରେ ନିୟୋଜିତ ସବୁ ଗାଡ଼ିରେ ଭିଏଲ୍‌ଟିଡି ଏବଂ ପ୍ୟାନିକ୍ ବଟନ ଲଗାଇବା ବାଧ୍ୟତାମୂଳକ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଯେଉଁ ଗାଡ଼ିରେ ଭେହିକିଲ ଲୋକେସନ ଟ୍ରାକିଂ ଡିଭାଇସ (ଭିଏଲ୍‌ଟିଡି) ଏବଂ ପ୍ୟାନିକ୍ ବଟନ ଲାଗି ନଥିବ ସେହି ଗାଡ଼ିକୁ ପରମିଟ୍ କିମ୍ବା ଫିଟ୍‌ନେସ୍ ନଦେବା ଲାଗି ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିବା ବେଳେ ୧ ପ୍ରତିଶତ ଗାଡ଼ିରେ ବି ଏହି ଡିଭାଇସ୍ ଲାଗିନଥିବାରୁ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଜେବି ପରଦିୱାଲା ଏବଂ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସୁପ୍ରିମ୍‌କୋର୍ଟ ଏହାକୁ ଅତ୍ୟନ୍ତ 'ଗମ୍ଭୀରଜନକ' ସ୍ଥିତି ବୋଲି କହିଛନ୍ତି। ବିଶେଷ କରି ମହିଳା, ଶିଶୁ ଏବଂ ବୟସାଧିକ ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ଏହି ଡିଭାଇସ୍ ଲାଗିବାର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ନୂଆ ଏବଂ ପୁରୁଣା ଗାଡ଼ିରେ ଏହି ଡିଭାଇସ୍ ଯେପରି ଲାଗିପାରିବ ତାହା ସରକାର ସୁନିଶ୍ଚିତ କରିବାକୁ ସୁପ୍ରିମ୍‌କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଡିଭାଇସ୍ ଲଗାଇବା ବ୍ୟବସ୍ଥାକୁ ବାହନ ପୋର୍ଟାଲ ସହ ଯୋଡ଼ାଯିବ। ଯାହାଦ୍ୱାରା କେଉଁ ଗାଡ଼ିର ଏହି ଡିଭାଇସ୍ ଅଛି, କେଉଁ ଗାଡ଼ିର ନାହିଁ, କାହାର ଅବଧି ସରିଗଲାଣି ତାହା ଜଣାପଡ଼ିବ। ଏଭଳି ଡିଭାଇସ୍‌ର ବ୍ୟବହାର ତଥା ଆବଶ୍ୟକତା ସଂକ୍ରାନ୍ତରେ ଆମିକସ୍‌କ୍ୟୁରୀ ଗୌରବ ଅଗ୍ରୱାଲ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରିଥିଲେ। ଦେଶରେ ଲେନ୍ ଡ୍ରାଇଭିଂ ବ୍ୟବସ୍ଥା ନଥିବାରୁ ବିଚାରପତି ଜଷ୍ଟିସ୍ ପରଦିୱାଲା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲେନ୍ ଡ୍ରାଇଭିଂ ନଥିବାରୁ ଦେଶରେ ବେଶୀ ଦୁର୍ଘଟଣା ଘଟୁଛି। ଲେନ୍ ଡ୍ରାଇଭିଂ ଦ୍ୱାରା ଦେଶରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ଯାହା ଉପରେ ସରକାର ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି ସୁପ୍ରିମ୍‌କୋର୍ଟ ଏହି ଅବସରରେ ମତ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହି ଡିଭାଇସ୍ ଲଗାଇଥିବା ପାଇଁ କୁହାଯାଇଛି ବୋଲି ଅତିରିକ୍ତ ସଲିସେଟର ଜେନେରାଲ ବିକ୍ରମ୍ଜିତ୍ ବାନାର୍ଜୀ ଅଦାଲତଙ୍କୁ ଜଣାଇଥିଲେ। କିନ୍ତୁ ଚିଠି ଲେଖିବା ଅପେକ୍ଷା ଆଦେଶ କେତେଦୂର୍ କାର୍ଯ୍ୟକାରୀ ହୋଇଛି ତାହା ଉପରେ ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟ କହିଥିଲେ। ଏହି ଆଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ସେସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣିରେ ରିପୋର୍ଟ ଦାଖଲ ପାଇଁ ଅଦାଲତ କହିଛନ୍ତି।

## ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

### ମମତା ରୋକିଥିଲେ, ଶୁଭେନ୍ଦୁ ଲାଗୁକଲେ



କୋଲକାତା,୧୪।୫ଃ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ତଥା ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିରେ ଆସନ୍ତା ୧୮ ତାରିଖଠାରୁ ବାଧ୍ୟତାମୂଳକ ଭାବେ 'ବନ୍ଦେ ମାତରମ୍' ଗାୟନ କରାଯିବ ବୋଲି ପଶ୍ଚିମବଙ୍ଗର ବିଜେପି ନେତୃତ୍ୱାଧୀନ ସରକାର ବୁଧବାର ଘୋଷଣା କରିଛନ୍ତି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ବିଭାଗ ଜରିଆରେ ପଶ୍ଚିମବଙ୍ଗର ନବଗଠିତ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ଏହି ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲରେ ସକାଳ ପ୍ରାର୍ଥନା ବେଳେ 'ବନ୍ଦେ ମାତରମ୍' ବୋଲିବା ଏଣିକି ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ସ୍କୁଲଶିକ୍ଷା ବିଭାଗ ପକ୍ଷରୁ ସବୁ ସ୍କୁଲକୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ଯେ, ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବା ପୂର୍ବରୁ ସକାଳେ ହେଉଥିବା ପ୍ରାର୍ଥନା ସଭାରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ ଭାବେ ବୋଲାଯିବ। ଫଳରେ ରାଜ୍ୟର ସମସ୍ତ ସ୍କୁଲର ସବୁ ଛାତ୍ରଛାତ୍ରୀ ଏହାକୁ ଗାଇ ପାରିବେ। ବିବୃତ୍ତିରେ ଆହୁରି କୁହାଯାଇଛି ଯେ, ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟମାନେ ଦାୟୀ ରହିବେ। ନିର୍ଦ୍ଦେଶକୁ ଅନୁପାଳନ କରାଯାଉଛି ବୋଲି ପ୍ରମାଣ ସ୍ୱରୂପ ସ୍କୁଲଗୁଡ଼ିକୁ ଭିଡ଼ିଓ ରେକର୍ଡିଂ କରିବାକୁ ପଡ଼ିବ।

ଭାରତର ଅନ୍ୟ ରାଜ୍ୟ ପରି, ପଶ୍ଚିମବଙ୍ଗର ସ୍କୁଲଗୁଡ଼ିକରେ ବନ୍ଦେ ମାତରମ୍ ବୋଲା ଯାଉ ନଥିଲା। ଟିଏମସିର ୧୫ ବର୍ଷର କାର୍ଯ୍ୟକାଳରେ ସ୍କୁଲର ସକାଳ ପ୍ରାର୍ଥନା ସଭାରେ ଜାତୀୟ ସଙ୍ଗୀତ 'ଜନ-ଗଣ-ମନ' ସହିତ ରାଜ୍ୟ ସଂଗୀତ 'ବାଙ୍ଗଲାର ମାଟି ବାଙ୍ଗଲାର ଜଲ୍' ଗାନ କରାଯାଉଥିଲା।

ଜାନୁଆରୀରେ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷପୂର୍ତ୍ତି ପାଳନ କରାଯିବା ଅବସରରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରଣାଳୟ ପକ୍ଷରୁ 'ବନ୍ଦେ ମାତରମ' ବୋଲିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ କେନ୍ଦ୍ର ସରକାର ଓ ଟିଏମସି ମଧ୍ୟରେ ଅନ୍ତର୍ନିହିତ କନ୍ଦଳ କାରଣରୁ ପଶ୍ଚିମବଙ୍ଗରେ 'ବନ୍ଦେ ମାତରମ' ବୋଲିବା ନେଇ ଜାରି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇ ନଥିଲା।

## ଭିଡି ସତୀଶନ ହେବେ କେରଳ ମୁଖ୍ୟମନ୍ତ୍ରୀ


୧୮ରେ ଶପଥ

ନୂଆଦିଲ୍ଲୀ,୧୪।୫ଃ ୧୦ ଦିନର ଛକାପଞ୍ଝା ପରେ କଂଗ୍ରେସ ନେତା ଭିଡି ସତୀଶନ୍ କେରଳମର ନୂତନ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ଥିର ହୋଇଛି। ଦଳର ହାଇକମାଣ୍ଡ ଆନୁଷ୍ଠାନିକ ଭାବରେ ବୁଧବାର ତାଙ୍କ ନାମ ଘୋଷଣା କରିଛନ୍ତି। କଂଗ୍ରେସ ନେତୃତ୍ୱ ଭିଡି ସତୀଶନଙ୍କ ଉପରେ ଆସ୍ଥା ପ୍ରକାଶ କରିଛନ୍ତି। ଭିଡି ସତୀଶନ କେରଳମର ନୂଆ ମୁଖ୍ୟମନ୍ତ୍ରୀ ହେବେ ବୋଲି କଂଗ୍ରେସ ପ୍ରେସମିଟ୍ କରି ତାଙ୍କ ନାଁ ଘୋଷଣା କରିଛି। ୨୦୨୬ ବିଧାନ ସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କେରଳମରେ ଏକ ବଡ଼ ବିଜୟ ହାସଲ କରିଛି। ଏଲଡିଏଫ୍‌ର ୧୦ ବର୍ଷର ଶାସନର ଅନ୍ତ ଘଟିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ କଂଗ୍ରେସର ଭିଡ଼ି ଶତୀସନ, କେସି ବେଣୁଗୋପାଳ ଏବଂ ରମେଶ ଚେନ୍ନିଥାଲା ଦାବିଦାର ଥିଲେ। ଆଜି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କେରଳମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ଦଳର ଶୀର୍ଷ ନେତାଙ୍କ ସହ ଚୂଡ଼ାନ୍ତ ପରାମର୍ଶ କରିଥିଲେ।

## ରେଡ୍ ଶିଲ୍ଡ ଗନର୍ସର ବନ୍ୟା ରିଲିଫ୍ ତାଲିମ୍ ଅଭ୍ୟାସ



ଦିସପୁର,୧୪ ।୫ଃ ବର୍ଷାଋତୁ ପୂର୍ବରୁ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ସେନାର ସ୍ପିୟର କର୍ପସ ଅଧୀନରେ କାମ କରୁଥିବା ରେଡ୍ ଶିଲ୍ଡ ଗନର୍ସ ପକ୍ଷରୁ ଜୋରହାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନ ପାଣ୍ଠି (ଏସଡିଆରଏଫ) ସହଯୋଗରେ ବୁଧବାର ଏକ ମିଳିତ ବନ୍ୟା ରିଲିଫ୍ ତାଲିମ୍ ଏକ୍ସରସାଇଜ୍ 'ଜଳ ରକ୍ଷକ-୩' ଆୟୋଜିତ ହୋଇଯାଇଛି। ବନ୍ୟା ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକର ସାମୂହିକ ପ୍ରତିକ୍ରିୟା ଦକ୍ଷତା ବଢ଼ାଇବା ଏହି ତାଲିମର ଲକ୍ଷ୍ୟ ଥିଲା। ଉଦ୍ଧାର ତଥା ରିଲିଫ୍ କାର୍ଯ୍ୟ ସମୟରେ ସମନ୍ୱୟ, ଯୋଗାଯୋଗ ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଉନ୍ନତ କରିବା ଦିଗରେ ଏହି ଅଭ୍ୟାସ ଶିବିର ଅବସରରେ ଧ୍ୟାନ ଦିଆଯାଇଥିଲା। ତାଲିମ ବେଳେ ଅଂଶଗ୍ରହଣ କରିଥିବା କର୍ମୀମାନଙ୍କୁ ବନ୍ୟା ସହାୟତା ପ୍ରକ୍ରିୟା, ଉଦ୍ଧାର ଅଭ୍ୟାସ, ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କୁ ସ୍ଥାନାନ୍ତର କରିବାର କୌଶଳ ସହିତ ବିପର୍ଯ୍ୟୟ ପରିସ୍ଥିତିରେ ଉପଲବ୍ଧ ଥିବା ସମ୍ପଦର କିପରି ସୁବିନିଯୋଗ କରାଯିବ ସେ ବିଷୟରେ ଅବଗତ କରାଯାଇଥିଲା।

## ଚଳନ୍ତା ବସ୍‌ରେ ମହିଳାଙ୍କୁ ଗଣଦୁଷ୍କର୍ମ, ୨ ଗିରଫ






ନୂଆଦିଲ୍ଲୀ,୧୪।୫ଃ ଦିଲ୍ଲୀର ରାନୀ ବାଗ୍ ଅଞ୍ଚଳରେ ଏକ ଚଳନ୍ତା ସ୍ଲିପର ବସରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଘରୋଇ ବସ୍‌କୁ ଜବତ କରିଛି। ସୋମବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି।

ତଥ୍ୟ ଅନୁଯାୟୀ, ଅଭିଯୁକ୍ତମାନେ ମହିଳାଙ୍କୁ ଜବରଦସ୍ତି ଏକ ଘରୋଇ ସ୍ଲିପର ବସ୍‌ରେ ବସାଇ ତାଙ୍କ ସହ ଦୁଇଘଣ୍ଟା ଧରି ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ବସରେ ବସାଇ ବିଭିନ୍ନ ଅଞ୍ଚଳରେ ବୁଲାଇ ଦୁର୍ବ୍ୟବହାର କରିଥିବା ବେଳେ ସେ ଛାଡ଼ିଦେବାକୁ ନିବେଦନ କରିଥିଲେ ବି ତାଙ୍କ କଥା ଶୁଣି ନଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହ ବର୍ବରତା ପ୍ରଦର୍ଶନ କରିଥିଲେ ପୀଡ଼ିତା କହିଛନ୍ତି। ପ୍ରାୟ ଦୁଇ ଘଣ୍ଟା ପରେ ମହିଳାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ରାସ୍ତା କଡ଼ରେ ଫିଙ୍ଗି ଦେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପୀଡ଼ିତା ପୁଲିସ ନିକଟରେ ପହଞ୍ଚି ଘଟଣା ବିଷୟରେ ଜଣାଇଥିଲେ।

ପୁଲିସ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିବା ବେଳେ ଡାକ୍ତରୀ ପରୀକ୍ଷାରୁ ତାଙ୍କ ସହ ବର୍ବରତା ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ପୀଡ଼ିତା ହସ୍ପିଟାଲରେ ରହିବାକୁ ମନା କରିଛନ୍ତି। ପୀଡ଼ିତା କହିଛନ୍ତି ଯେ, ମୋ ସ୍ୱାମୀ ଅସୁସ୍ଥ। ମୋର ତିନୋଟି ଛୋଟ ଝିଅ ଅଛନ୍ତି। ମୁଁ ଯଦି ହସ୍ପିଟାଲ ରହିବି, କାମକୁ ନଯିବି ତା'ହେଲେ ମୋ ଘର କେମିତି ଚଳିବ ବୋଲି ପୀଡ଼ିତା ପ୍ରଶ୍ନ କରିଛନ୍ତି। ପୀଡ଼ିତା ପିତମପୁରା ବସ୍ତିରେ ରହୁଥିବା ବେଳେ ମଙ୍ଗୋଲପୁରୀର ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିବା ଜଣାପଡ଼ିଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ପୁଲିସ ସେମାନଙ୍କୁ ଜେରା କରୁଛି।ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ଓ ଫରେନସିକ୍ ଟିମ୍ ଜବତ ବସର ଯାଞ୍ଚ କରିଛନ୍ତି। ବସ୍ ଭିତରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରାଯାଇଛି। ପୁଲିସ ସେହି ରୁଟ୍‌ର ସମସ୍ତ ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ୍ କରୁଛି।

## ବିଦେଶ ଯାତ୍ରା ପାଇଁ କିଏ ଯୋଗାଉଛି ପାଣ୍ଠି ?


ରାହୁଲଙ୍କ ବିଦେଶ ଯାତ୍ରାକୁ ନେଇ ବିଜେପିର ପ୍ରଶ୍ନ

ନୂଆଦିଲ୍ଲୀ,୧୪।୫ଃ ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତକୁ ନେଇ ପ୍ରଶ୍ନ କରିଛି ଭାରତୀୟ ଜନତା ପାର୍ଟି। ଭାରତୀୟ ଜନତା ପାର୍ଟି (ବିଜେପି) ତାଙ୍କ ବିଦେଶ ଯାତ୍ରାକୁ କଡ଼ା ସମାଲୋଚନା କରିଛି। ବିଜେପି ପ୍ରଶ୍ନ କରିଛି ଯେ ତାଙ୍କ ବିଦେଶ ଯାତ୍ରା ପାଇଁ କିଏ ପାଣ୍ଠି ଯୋଗାଇଥିଲା। ରାହୁଲ ଗାନ୍ଧୀ ପ୍ରତ୍ୟେକ ଥର ବିଦେଶ ଯାତ୍ରା କରିବା ସମୟରେ ତାଙ୍କ ସହିତ ତିନି କିମ୍ବା ଚାରି ଜଣ ଲୋକ ଥାଆନ୍ତି।

ରାହୁଲଙ୍କ ବିଦେଶ ଯାତ୍ରା ଉପରେ ପ୍ରଶ୍ନ ଉଠାଇ ବିଜେପି ନେତା ସମ୍ବିତ ପାତ୍ର କହିଛନ୍ତି, "ରାହୁଲ ଗାନ୍ଧୀ ପ୍ରାୟ ୨୨ ବର୍ଷ ଧରି ନିର୍ବାଚିତ ପଦବୀରେ ଅଛନ୍ତି। ଏହି ସମୟ ମଧ୍ୟରେ ସେ ଅନେକ ଥର ବିଦେଶ ଯାତ୍ରା କରିଛନ୍ତି। ତାଙ୍କର ଆନୁଷ୍ଠାନିକ ଭାବରେ ୫୪ଟି ବିଦେଶ ଯାତ୍ରା ଅଛି। ଏହି ଯାତ୍ରାଗୁଡ଼ିକ ସାର୍ବଜନୀନ। କିନ୍ତୁ ସେମାନଙ୍କର ପାଣ୍ଠି ନୁହେଁ। ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ ବିଦେଶ ଯାତ୍ରାରେ ପ୍ରାୟ ୩ରୁ ୪ ଜଣ ତାଙ୍କ ସହିତ ଯାଇଛନ୍ତି। ତାଙ୍କ ବିଦେଶ ଯାତ୍ରାରେ ମୋଟ ଖର୍ଚ୍ଚ ୬୦ କୋଟି ହୋଇଛି। ଆମ ପାଖରେ ୨୦୧୩-୧୪ ରୁ ୨୦୨୨-୨୩ ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ଆୟର ବିବରଣୀ ଅଛି। ସେହି ୧୦ ବର୍ଷ ମଧ୍ୟରେ, ରାହୁଲ ଗାନ୍ଧୀଙ୍କ ଆୟ ୧୧ କୋଟି ଥିଲା। ରାହୁଲ ରୋଜଗାର ୧୧ କୋଟି କିନ୍ତୁ ୬୦ କୋଟି ଖର୍ଚ୍ଚ କରିଛନ୍ତି।

ଲୋକସଭାରେ ବିରୋଧୀ ଦଳ ନେତାଙ୍କ ବିଦେଶ ଯାତ୍ରାର ବିବରଣୀ ଦେଇ ସମ୍ବିତ ପାତ୍ର କହିଛନ୍ତି, "ମୁଁ ଏହା ଦର୍ଶାଇବାକୁ ଚାହୁଁଛି ଯେ, ରାହୁଲ ଗାନ୍ଧୀ ୨୨ ବର୍ଷ ଧରି ନିର୍ବାଚିତ ପଦବୀରେ ଅଛନ୍ତି ଏବଂ ସାର୍ବଜନୀନ ଭାବରେ ଉପଲବ୍ଧ ସୂଚନା ଅନୁଯାୟୀ, ଏହି ସମୟ ମଧ୍ୟରେ ସେ ଇଟାଲୀ, ଇଂଲଣ୍ଡ, ଆମେରିକା, ଜର୍ମାନୀ, ଭିଏତନାମ, ସିଙ୍ଗାପୁର, ବାହାରିନ, ମାଳଦ୍ୱୀପ, କତାର ଏବଂ ୟୁଏଇ ଭଳି ଦେଶକୁ ୫୪ଟି ବିଦେଶ ଯାତ୍ରା କରିଛନ୍ତି। ଏହି ଯାତ୍ରାଗୁଡ଼ିକ ମଧ୍ୟରୁ ଅଧିକାଂଶ ରେକର୍ଡରେ ଅଛି। ରାହୁଲ ଗାନ୍ଧୀଙ୍କ ପବ୍ଲିକ୍ ହୋଷ୍ଟ ପୃଷ୍ଠା, ପ୍ରେସ୍ ଯାତ୍ରା, ସଂସଦୀୟ ଅନୁପସ୍ଥିତି ରେକର୍ଡ ଏବଂ ଫଟୋଗ୍ରାଫ୍ ରୂପରେ ପ୍ରଚୁର ସୂଚନା ଉପଲବ୍ଧ । ମୁଁ କହିବାକୁ ଚାହୁଁଛି ଯେ ଏହି ଯାତ୍ରାଗୁଡ଼ିକ ସାର୍ବଜନୀନ ହୋଇଥିଲେ ମଧ୍ୟ, ଏହା ପଛରେ ଥିବା ପାଣ୍ଠି ଉତ୍ସଗୁଡ଼ିକ ସାର୍ବଜନୀନ ନୁହେଁ। ତାଙ୍କ ବିଦେଶ ଯାତ୍ରା ପାଇଁ ପାଣ୍ଠି କିଏ ଯୋଗାଏ ? ପିଏମ୍ ମୋଦିଙ୍କ ଅପିଲକୁ ବିରୋଧ କରିଥିଲେ ରାହୁଲ- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭ଟି ଆବେଦନକୁ ରାହୁଲ ଗାନ୍ଧୀ ସମାଲୋଚନା କରିଥିଲେ। ଏହା ପରେ ବିଜେପି ପକ୍ଷରୁ ଏହି ମନ୍ତବ୍ୟ ଦିଆଯାଇଛି।

## କେଜରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୪।୫ଃ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ଗୁରୁବାର ଅପରାଧିକ ଅବମାନନା ମାମଲାରେ ଆମ ଆଦମୀ ପାର୍ଟି (ଆପ) ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କୁ ନୋଟିସ୍ ଜାରି କରିଛନ୍ତି। କୋର୍ଟ ଚେତାବାନୀ ଦେଇଛନ୍ତି ଯେ ଯଦି ଏପରି ମାମଲାରେ କଡ଼ା ଆଭିମୁଖ୍ୟ ଅବଲମ୍ବନ କରାନଯାଏ ତେବେ ସମାଜରେ ଅରାଜକତାର ବିପଦ ବଢ଼ିପାରେ। ଏହି ମାମଲାରେ କେଜରିୱାଲଙ୍କ ସମେତ ଆମ ଆଦମୀ ପାର୍ଟିର ଅନ୍ୟ ବରିଷ୍ଠ ନେତା ମନିଷ ସିସୋଦିଆ, ସଞ୍ଜୟ ସିଂହ ଓ ଦୁର୍ଗେସ୍ ପାଠକଙ୍କ ବିରୋଧରେ ମଧ୍ୟ ଅବମାନନା କାର୍ଯ୍ୟାନୁଷ୍ଠାନ କରାଯିବ। ନ୍ୟାୟପାଳିକାଙ୍କ ଗାରିମାକୁ ଧ୍ୟାନରେ ରଖି କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। ନ୍ୟାୟାଳୟ କହିଛନ୍ତି ଯେ, ଯେବେ ସର୍ବୋଚ୍ଚନ୍ୟାୟାଳୟକୁ କାଠଗଡ଼ାରେ ଛିଡା କରାଯାଉଛି, ସେତେବେଳେ ଜଣେ ଜଜଙ୍କ କର୍ତ୍ତବ୍ୟ ହେଉଛି ବିନା କୌଣସି ଚାପରେ କାର୍ଯ୍ୟକରିବେ ଓ ବଦନାମ ଉଦ୍ୟମରେ ନିଜ ନିଷ୍ପତ୍ତିକୁ ପ୍ରଭାବିତ ହେବାକୁ ନ ଦେବେ। କୋର୍ଟ ଏହା ବି ସ୍ପଷ୍ଟ କରିଛନ୍ତି ଯେ ଯେବେ ବିଚାରପତିଙ୍କୁ ଏହି ମାମଲାରୁ ପୃଥକ ହେବା ପାଇଁ ଆବେଦନର ଶୁଣାଣି ହେଉଥିଲା ସେତେବେଳେ ଆଶଙ୍କା କରାଯାଉଥିଲା।

‘ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬’ ପରାମର୍ଶଦାତା କର୍ମଶାଳା

# ହସ୍ତଶିଳ୍ପୀଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ): ‘ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି- ୨୦୨୬’ ପରାମର୍ଶଦାତା କର୍ମଶାଳା ସ୍ଥାନୀୟ ମେ’ ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ହସ୍ତଶିଳ୍ପ ଆମ ସଂସ୍କୃତିର ସ୍ପନ୍ଦନ ଓ ଅସ୍ମିତାର ନିଦର୍ଶନ। ହସ୍ତଶିଳ୍ପୀମାନେ ଆମ ସାଂସ୍କୃତିକ ଐତିହ୍ୟର ସଂରକ୍ଷକ। ତେଣୁ ହସ୍ତଶିଳ୍ପର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ପ୍ରଚାର ସହ ହସ୍ତଶିଳ୍ପୀଙ୍କ କଲ୍ୟାଣକୁ କେନ୍ଦ୍ର କରି ‘ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି- ୨୦୨୬’ ପ୍ରସ୍ତୁତ ହୋଇଛି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ପ୍ରାରମ୍ଭିକ ଅଭିଭାଷଣ ରଖି ‘ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି- ୨୦୨୬’ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିକଶିତ ଓଡ଼ିଶା-୨୦୩୬ ଓ ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ ଆଧାରରେ ଆମେ ଚିଠା ନୀତି ପ୍ରସ୍ତୁତ କରିଛୁ ବୋଲି କହିଥିଲେ। ବୁଦ୍ଧିଜୀବୀ, ବିଶେଷଜ୍ଞ,



ଡିଜାଇନର୍, ଶିକ୍ଷାବିତ୍, ରପ୍ତାନିକାରୀ, କାରିଗରଙ୍କ ଗଠନମୂଳକ ମତାମତ ଆଧାରରେ ଏହି ନୀତି ଚୂଡ଼ାନ୍ତ ହେବ।

ଅଧିକ ବ୍ୟବସାୟ ପାଇଁ ବଜାର ସୁବିଧା, ମେସିନ୍-ନିର୍ମିତ ସାମଗ୍ରୀ ସହ ପ୍ରତିଯୋଗିତା, ପର୍ଯ୍ୟାପ୍ତ କଞ୍ଚାମାଲ ସୁବିଧା, ଯୁବପିଢ଼ିଙ୍କୁ ଆକର୍ଷିତ କରିବା ଭଳି ଡିଜାଇନ୍, ଡିଜିଟାଲ୍ ମାର୍କେଟିଂ, ଗ୍ଲୋବାଲ ମାର୍କେଟ ଚେନ୍ ସହ ସଂଯୋଗ, ସମବାୟ ସଂସ୍ଥାର ସଶକ୍ତୀକରଣ, ହସ୍ତଶିଳ୍ପ ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ, ଜିଆଇ ଟ୍ୟାଗ୍ ଉତ୍ପାଦକୁ ପ୍ରୋତ୍ସାହନ, ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା।

କର୍ମଶାଳାରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ପଦ୍ମଶ୍ରୀ ବିନୋଦ ମହାରଣା, ପଦ୍ମଶ୍ରୀ ପ୍ରଭାକର ମହାରଣା, ପ୍ରଫେସର ଡକ୍ଟର ଅଖିଳ ବିହାରୀ ଓତା, ପ୍ରଫେସର ହରେକୃଷ୍ଣ ମିଶ୍ର, ପ୍ରଫେସର କିଶୋର କୁମାର ବାସା, ‘ସିଏସଆଇଆର-ଆଇଏମଏମଟି’ର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ଏନଆଇଏଫଟି ନିର୍ଦ୍ଦେଶିକା ବିଭାବରୀ କୁମାର, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମସ୍ତ ଜିଲ୍ଲାର ହସ୍ତଶିଳ୍ପ ଅଧିକାରୀ, ଜାତୀୟ ତଥା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗର, ବିଶେଷଜ୍ଞ, ଶିକ୍ଷାବିତ୍, ରପ୍ତାନିକାରୀ, ସମବାୟବିତ୍, ଡିଜାଇନର୍, ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ।

## ବୁଥ୍ ଏଜେଣ୍ଟ ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

କୋଲକାତା,୧୪।୫(ସଂଚାର ବ୍ୟୁରୋ): ବେଲେଘାଟା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାରକେଲଡାଙ୍ଗାର ଏକ ପୋଲିଂ ବୁଥ୍‌ରେ ତୃଣମୂଳ ଏଜେଣ୍ଟ ବିଶ୍ୱଜିତ ପଟ୍ଟନାୟକଙ୍କୁ ହତ୍ୟା ଘଟଣାରେ ବେଲେଘାଟା ଥାନା ପୁଲିସ ରାଜା ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବୁଧବାର ରାତିରେ ରାଜା ସେହି ଅଞ୍ଚଳକୁ ଫେରି ଆସିଥିବା ସୂଚନା ପାଇ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହେପାଜତକୁ ନେଇଥିଲେ। ସିସିଟିଭି ଫୁଟେଜରେ ଅଭିଯୁକ୍ତ ଯୁବକ ବିଶ୍ୱଜିତଙ୍କୁ ପିଛା କରୁଥିବାର ଚିତ୍ର କଏଦ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କ ପାଇଁ ବର୍ତ୍ତମାନ ତଲାସି ଚାଲିଛି। ପୁଲିସ ସୂତ୍ର ଅନୁଯାୟୀ, ନିର୍ବାଚନ ଫଳାଫଳ ଘୋଷଣା ପରେ ଛାତରୁ ପଡ଼ି ବୁଥ୍ ଏଜେଣ୍ଟ ବିଶ୍ୱଜିତଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ତାଙ୍କ ମୃତଦେହକୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲା। ମୃତକଙ୍କ ପରିବାର ଅଭିଯୋଗ କରିଥିଲେ ଯେ, ସେମାନଙ୍କ ଦଳ ବିଜୟ ପରେ ବିଜେପି ସମର୍ଥକଙ୍କ ଏକ ଦଳ ସେମାନଙ୍କ ଘର ସମ୍ମୁଖରେ ଏକାଠି ହୋଇଥିଲେ। ସେମାନେ ଦୁଆର ଭାଙ୍ଗି ଭିତରକୁ ପଶିଥିଲେ। ବିଶ୍ୱଜିତ ସେହି ସମୟରେ ଘରେ ଉପସ୍ଥିତ ଥିଲେ। ଯେତେବେଳେ ସେ ପଳାଇବାକୁ ଚେଷ୍ଟା କଲେ, ଅଭିଯୁକ୍ତମାନେ ତା’ର ପିଛା କରିଥିଲେ। ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ସେ ନିକଟସ୍ଥ ଏକ କୋଠାର ଛାତ ଉପରେ ଚଢ଼ିଯାଇ ଡେଇଁ ପଡ଼ିଥିଲେ। ଏହା ଫଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା।



ଫଟୋ: ଚନ୍ଦ୍ରଶେଖର

ଦିନକ ପରେ ସାବିତ୍ରୀ ବ୍ରତ, ବଜାରରେ ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼

## ରୁଷୀୟ ଜାହାଜରେ ଯାଉଥିଲା ପରମାଣୁ ରିଆକ୍ଟର

ମାଡ୍ରିଦ,୧୪।୫: ୨୦୨୪ ଡିସେମ୍ବର ୨୩ ତାରିଖରେ ଇଞ୍ଜିନ ରୁମ୍‌ର ବିସ୍ଫୋରଣ ଘଟି ଭୂମଧ୍ୟ ସାଗରରେ ବୁଡ଼ିଯାଇଥିବା ରୁଷୀୟ ଜାହାଜ ‘ଉର୍ସା ମେଜର’ରେ ଯୁଦ୍ଧପୋତ ବ୍ୟବହାର ଉପଯୋଗୀ ପରମାଣୁ ରିଆକ୍ଟର ପରିବହନ କରାଯାଉଥିଲା ବୋଲି ସ୍ପେନ ସରକାରଙ୍କ ଦ୍ୱାରା ସଂସଦରେ ପଞ୍ଜୀକୃତ ହୋଇଥିବା ଏକ ଦସ୍ତାବିଜ ପ୍ରକାଶ କରିଛି। ସ୍ପେନ ସରକାର ଜାହାଜର କ୍ୟାପଟେନଙ୍କ ବିବୃତ୍ତିକୁ ଆଧାରକରି ପ୍ରସ୍ତୁତ କରିଥିବା ପ୍ରତିକ୍ରିୟାସବୁକୁ ଫେବ୍ରୁଆରି ୨୩ ତାରିଖରେ ସଂସଦର ପଞ୍ଜୀକୃତ ଦସ୍ତାବିଜରେ ସାମିଲ କରିଥିବା ମଙ୍ଗଳବାର ସିଏନଏନ୍ ରିପୋର୍ଟ କରିଛି। ଉର୍ସା ମେଜର ନାମକ ଏକ



ରୁଷୀୟ ଜାହାଜ ୨୦୨୪ ଡିସେମ୍ବର ୨୩ ତାରିଖରେ ସେଣ୍ଟ ପିଟର୍ସବର୍ଗରୁ ରୁଷର ପୂର୍ବ ଭ୍ଲାସିଭୋଷ୍ଟୋକ ଯାତ୍ରା କରୁଥିବା ବେଳେ ସ୍ପେନ୍ ଓ ଆଲଜେରିଆ ମଝିରେ ବୁଡ଼ି ଯାଇଥିଲା। ଜାହାଜର ଦୁଇଜଣ କୁ ସଦସ୍ୟ ନିଖୋଜ ହୋଇଯାଇଥିବା ବେଳେ ସ୍ପେନର ଉଦ୍ଧାରକାରୀ ଦଳ ଅନ୍ୟ ୧୪ ଜଣଙ୍କର ଜୀବନ ବଞ୍ଚାଇଥିଲେ। ଉଦ୍ଧାର ପରେ ‘ଉର୍ସା ମେଜର’ର ରୁଷୀୟ କ୍ୟାପଟେନ୍ ସ୍ପେନର ବନ୍ଦର କର୍ତ୍ତୃପକ୍ଷଙ୍କୁ କହିଥିଲେ ଯେ, ସେମାନେ ଯୁଦ୍ଧପୋତ ଲାଗି ବ୍ୟବହାର ଉପଯୋଗୀ ନ୍ୟୁକ୍ଲିୟର ରିଆକ୍ଟର ନେଇ ଯାଉଥିଲେ। ଇଞ୍ଜିନ ରୁମରେ ବିସ୍ଫୋରଣ ହେବା ଯୋଗୁ ଜାହାଜଟି ଭୂମଧ୍ୟସାଗରରେ ସ୍ପେନ୍ ଓ ଆଲଜେରିଆ ମଝିରେ ବୁଡ଼ି ଯାଇଥିଲା। ବିରୋଧୀ ଦଳର ନେତାଙ୍କୁ ଲିଖିତ ଉତ୍ତର ଦେବାକୁ ଯାଇ ସ୍ପେନ ସରକାର ତାଙ୍କ ଦସ୍ତାବିଜରେ ଉଲ୍ଲେଖ କରିଛନ୍ତି ଯେ, ଯୁଦ୍ଧପୋତ (ସବ୍‌ମେରିନ)ରେ ଯେଉଁଭଳି ରିଆକ୍ଟର ବ୍ୟବହାର କରାଯାଏ, ରୁଷର ‘ଉର୍ସା ମେଜର’ରେ ଠିକ୍ ସେହିଭଳି ଦୁଇଟି ନ୍ୟୁକ୍ଲିୟର ରିଆକ୍ଟର ପାଇଁ ଆବଶ୍ୟକୀୟ ଉପାଦାନ ପରିବହନ କରାଯାଉଥିଲା।

■ ଓଲଟ ବିବାହ

## ରୋଷଣୀ କରି ଆସିଲା କନ୍ୟା, ବାହାହେଇ ଘରକୁ ନେଲା ବର



ବାଂଶପାଳ, ୧୪।୫ (ସଂଚାର ବ୍ୟୁରୋ): କନ୍ୟା ରୋଷଣୀ କରି ଆସିଲେ। ସାଥିରେ କନ୍ୟାଯାତ୍ରୀ ଥିଲେ। ବରପକ୍ଷ କନ୍ୟାକୁ କନ୍ୟାବରଣୀ କରି ଘରକୁ ପାଛୋଟି ନେଲେ। କନ୍ୟା ସହ ବରର ବେଦୀରେ ବାହାଘର ହେଲା। କନ୍ୟା ସହ ବର କନ୍ୟାଘରକୁ ବିଦାହେଲେ। ବରକୁ ସମସ୍ତ ଯାନିଯୌତୁକ ଦେଇ ବିଦା କଲେ ବରପକ୍ଷ। କଥାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହୋଇଛି ଏଭଳି ଏକ ନିଆରା ବାହାଘର। ସାଧାରଣ ଆମର ବୈବାହିକ ପ୍ରଥା ଅନୁଯାୟୀ, ବର ବରଯାତ୍ରୀ ନେଇ କନ୍ୟାଘରକୁ ଯାଏ ଓ ବିବାହ କରି କନ୍ୟାକୁ ଘରକୁ ଆଣେ। ମାତ୍ର କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଛାମୁଣ୍ଡା ଗାଁରେ ଏଭଳି ବିପରୀତମୁଖୀ ବିବାହ ଅନୁଷ୍ଠିତ ହୋଇଛି। ଗାଁର ପଞ୍ଚୁ ପ୍ରଧାନଙ୍କ ପୁଅ ବସନ୍ତ ପ୍ରଧାନଙ୍କୁ ବିବାହ କରିବାକୁ ବାଂଶପାଳ ବ୍ଲକ ରାଇଗୋଡ଼ା ଗାଁର ରୟା ଦେହୁରୀଙ୍କ ଝିଅ ଲକ୍ଷ୍ମୀ କନ୍ୟାବେଶରେ ସଜ୍ଜିତ ହୋଇ ରୋଷଣୀ କରି ଛାମୁଣ୍ଡା ଗାଁରେ ପହଞ୍ଚିଥିଲେ। ପରେ ବେଦିରେ ଯଥାରୀତି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାପରେ ଲକ୍ଷ୍ମୀ ସହିତ ବସନ୍ତଙ୍କୁ ତାଙ୍କ ଘର ଲୋକେ ବିଦା କରିଥିଲେ। ବିଦା କରିବା ସହିତ ସମସ୍ତ ଯାନି ଯୌତୁକ ମଧ୍ୟ ଦେଇଥିଲେ। ସୂଚନାଯୋଗ୍ୟ ଯେ, ରାଇଗୋଡ଼ା ଗାଁର ରୟା ଦେହୁରୀଙ୍କର ୨ ଜଣ ଝିଅ ଥିବାବେଳେ ପୁଅ ନାହାନ୍ତି। ବଡ଼ଝିଅ ବାହା ହୋଇ ସାରିଥିବା ବେଳେ ସାନଝିଅଙ୍କ ପାଇଁ ଘରଜ୍ୱାଇଁ ଖୋଜୁଥିଲେ ପରିବାର। ଇତିମଧ୍ୟରେ ତେଲକୋଇ ବ୍ଲକ ଛାମୁଣ୍ଡା ଗାଁର ପଞ୍ଚୁ ପ୍ରଧାନଙ୍କ ପୁଅ ବସନ୍ତଙ୍କ ସହିତ ରୟା ଦେହୁରୀଙ୍କ ସାନଝିଅ ଲକ୍ଷ୍ମୀଙ୍କର ବିବାହ ପାଇଁ ନିର୍ବନ୍ଧ ହୋଇଥିଲା। ହେଲେ ପୁଅକୁ ଘରଜ୍ୱାଇଁ ଭାବେ ଛାଡ଼ିବାକୁ ରାଜି ହୋଇ ନଥିଲେ ପଞ୍ଚୁ ପ୍ରଧାନ। ପୁଅକୁ ବାହା ହେବା ପାଇଁ ନେଇ ସେଠାରେ ଘରଜ୍ୱାଇଁ ଭାବେ କାହିଁକି ଛାଡ଼ିବୁ ବୋଲି ସେ ପ୍ରଶ୍ନ କରିଥିଲେ। ଏଥିପାଇଁ ଲକ୍ଷ୍ମୀ କନ୍ୟାବେଶରେ ସଜ୍ଜିତ ହୋଇ କନ୍ୟାପକ୍ଷଙ୍କ ସହିତ ବରଯାତ୍ରୀ ଭଳି ରୋଷଣୀ କରି ବରଘରକୁ ଯାଇ ବିବାହ କାର୍ଯ୍ୟ ସମ୍ପନ୍ନ କରି ବସନ୍ତଙ୍କୁ ସାଙ୍ଗରେ ଧରି ନିଜ ଘରକୁ ଫେରିବାକୁ ସ୍ଥିର ହେଲା। ଏହି ବିବାହ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମହାକାଶ ବିଜ୍ଞାନୀ ହେବେ ଆଦୃତ, ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୋଲକାତା,୧୪।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଆଦୃତ ପାଲ ଭବିଷ୍ୟତରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରିବାକୁ ଇଚ୍ଛା ରଖିଛନ୍ତି। ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ପରୀକ୍ଷାର ଫଳାଫଳ ଗୁରୁବାର ପ୍ରକାଶିତ ହୋଇଥିବା ବେଳେ ପ୍ରଥମ ସ୍ଥାନରେ ରହିଛନ୍ତି ଆଦୃତ ପାଲ। ଫଳାଫଳ ପ୍ରକାଶନ ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ତାଙ୍କ ସହିତ ଟେଲିଫୋନରେ କଥା ହୋଇଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆହୁରି ବଡ଼ ହୁଅ। ପଶ୍ଚିମବଙ୍ଗର ଲୋକମାନେ ତୁମ ପାଖରେ ଠିଆ ହୋଇଛନ୍ତି। ତୁମେ ବଡ଼ ହେବା ସହିତ, ରାଜ୍ୟ ଏବଂ ଜାତିର ଉନ୍ନତି ପାଇଁ କାମ କର। ସମାଜ ପାଇଁ କାମ କର। ଜାତୀୟତାବାଦ ପାଇଁ କାମ କର। ସୂଚନାଯୋଗ୍ୟ ଯେ, ଆଦୃତଙ୍କ ପିତାମାତା ଉଭୟ ପ୍ରଫେସର। ତାଙ୍କ ପିତା ଜୀବନକୃଷ୍ଣ ପାଲ ଆଇଏସ୍‌ଆଇରେ ପାଠପଢ଼ା କରନ୍ତି, ଅନ୍ୟପକ୍ଷ ତାଙ୍କ ମା’ ଫାଲଗୁନି ପାଲ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ଜଣେ ଅଧ୍ୟାପିକା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ କଥା ହୋଇଥିଲେ।

## ଇଡି କାର୍ଯ୍ୟାଳୟରେ ହାଜର ହେଲେ ଡିସିପି

କୋଲକାତା,୧୪।୫(ସଂଚାର ବ୍ୟୁରୋ): ଗୁରୁବାର କୋଲକାତା ପୁଲିସର ଡେପୁଟି କମିଶନର ଶାନ୍ତନୁ ସିହ୍ନା ବିଶ୍ୱାସ ଇଡି କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। କୁଖ୍ୟାତ ଅପରାଧୀ ସୋନା ପପ୍ପୁଙ୍କ ସହିତ ସମ୍ପର୍କ ରଖିଥିବା ଅଭିଯୋଗରେ ଇଡି ତାଙ୍କୁ ସମନ କରିଥିଲା। ସୋନା ପପ୍ପୁଙ୍କ ଦ୍ୱାରା ହୋଇଥିବା ଜମି ହଡ଼ପ ଓ ଦାଦାବଟି ଆଦାୟ ଭଳି ଅପରାଧ ସହ ସେ ଜଡ଼ିତ ଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏଥିସହ ସୋନା ପପ୍ପୁଙ୍କ ବାସଭବନରୁ ମିଳିଥିବା ଅସ୍ତ୍ରଶସ୍ତ୍ର ସହିତ ସେ ସମ୍ପୃକ୍ତ ଥିବାନେଇ ତଦନ୍ତକାରୀମାନେ ଶାନ୍ତନୁଙ୍କୁ ସେମାନଙ୍କ ସନ୍ଦିଗ୍ଧ ତାଲିକାରେ ରଖିଛନ୍ତି। ତାଙ୍କ ନାମରେ ବାଲି ଚୋରାଚାଲାଣ ମାମଲା ବି ରହିଛି। ସୂଚନାଯୋଗ୍ୟ ଯେ, ନିର୍ବାଚନ ପୂର୍ବରୁ ଅଧିକାରୀମାନେ ବାଲିଗଞ୍ଜର ଫର୍ଣ୍ଣରୋଡରେ ଥିବା ଡିସିପି ଶାନ୍ତନୁଙ୍କ ବାସଭବନରେ ଚଢ଼ାଉ କରିବା ସହ ରାତି ୨ଟା ପର୍ଯ୍ୟନ୍ତ ଘର ତଲାସି କରିଥିଲେ। ତଲାସି ପରଦିନ ଶାନ୍ତନୁଙ୍କ ଦୁଇ ପୁଅ ସାୟନ୍ତନ ଏବଂ ମନୀଷଙ୍କୁ ସିଜିଓ କମ୍ପ୍ଲେକ୍ସକୁ ଡକାଯାଇଥିଲା ମାତ୍ର ସେମାନଙ୍କ ମଧ୍ୟରୁ କେହି ଇଡି କାର୍ଯ୍ୟାଳୟରେ ହାଜର ହୋଇନଥିଲେ। ଶାନ୍ତନୁଙ୍କୁ ସମନ କରାଯାଇଥିଲେ ମଧ୍ୟ ସେ କାର୍ଯ୍ୟବ୍ୟସ୍ତ ଥିବା ବାହାନା କରି ସମନକୁ ଏଡାଇ ଯାଇଥିଲେ।

ନିଟ୍ ପେପର୍ ଲିକ୍ ମାମଲା

## ୭ରେ ପହଞ୍ଚିଲା ଗିରଫଦାରୀ ସଂଖ୍ୟା

ନୂଆଦିଲ୍ଲୀ,୧୪।୫: ବହୁଚର୍ଚ୍ଚିତ ନିଟ୍ ପେପର୍ ଲିକ୍ ମାମଲାରେ ଆଜି ସିବିଆଇ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ଏହି ସ୍କାମ୍‌ରେ ମୋଟ ଗିରଫଦାରୀ ୭ରେ ପହଞ୍ଚିଛି। ପୂର୍ବରୁ ସିବିଆଇ ମଙ୍ଗଳବାର ଜଣଙ୍କୁ, ଗତକାଲି ୪ ଜଣଙ୍କୁ ଗିରଫ କରିଥିଲା। ଆଜି ସିବିଆଇ ପକ୍ଷରୁ ମୋଟ ୧୪ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିସହ ଏହି ସ୍କାମ୍‌ରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା ହେଉଥିବା ବେଳେ ସିବିଆଇ ଏହାକୁ ଅସ୍ୱୀକାର କରିନାହିଁ। ଆଜି ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଅହିଲ୍ୟାନଗରର ଆୟୁର୍ବେଦ



ଡାକ୍ତର ଧନଞ୍ଜୟ ଲୋଖଣ୍ଡେ ଓ ମହାରାଷ୍ଟ୍ର ପୁଣେର ବିଉଟି ସାଲୋନ୍ ମାଲିକ ମନୀଷା ୱାଘମାରେ। ସେମାନଙ୍କୁ ଗତକାଲି ମହାରାଷ୍ଟ୍ର ପୁଲିସ୍ ଅଟକ ରଖି ଜେରା କରୁଥିଲା। ଏହି ପେପର୍ ଲିକ୍ ମାମଲା ସହ ସେମାନଙ୍କ ସମ୍ପର୍କ ସ୍ପଷ୍ଟ ହେବା ପରେ ଉଭୟଙ୍କୁ ସିବିଆଇ ଗିରଫ କରିଥିବା ଜଣାପଡ଼ିଛି।

## ଅସୁସ୍ଥ ବାପାଙ୍କୁ ଦେଖିବାକୁ ପାରୋଲ ଆବେଦନ

କୋଲକାତା,୧୪।୫ (ସଂଚାର ବ୍ୟୁରୋ): ପ୍ରେସିଡେନ୍ସି ଜେଲରେ ସଜା ଭୋଗୁଥିବା ଜେଏମ୍‌ବି ଆତଙ୍କବାଦୀ ଅବଦୁଲ କରିମ ବାପା ଅସୁସ୍ଥ ଥିବା ଦର୍ଶାଇ ପାରୋଲ ଦେବାକୁ ଅଦାଲତରେ ଆବେଦନ କରିଛନ୍ତି। କୋଲକାତାର ସିଟି ସେସନ୍ସ କୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ଏହି ଆବେଦନ କରାଯାଇଛି। ଏହି ଆବେଦନର ଶୁଣାଣି ପାଇଁ ଅଦାଲତ ମେ ୧୯କୁ ତାରିଖ ଧାର୍ଯ୍ୟ କରିଛନ୍ତି ବୋଲି ବୁଧବାର ସରକାରୀ ଓକିଲ ଗଣେଶ ମାଇତି କହିଛନ୍ତି। କଏଦୀଙ୍କ ପିତା ଅସୁସ୍ଥତା ଥିବା ନେଇ ପୁଲିସ ନିଶ୍ଚିତ କରିବା ପରେ କୋର୍ଟ ଏହି ମାମଲାରେ ଶୁଣାଣି କରିବାକୁ ସ୍ଥିର କରିଛନ୍ତି।

# ବରିଷ୍ଠ ନାଗରିକ ମାମଲା, ଜଣେ ବି ଦଣ୍ଡ ପାଉନାହାନ୍ତି

ଭୁବନେଶ୍ୱର,୧୪।୫: ବରିଷ୍ଠ ନାଗରିକଙ୍କ ପ୍ରତି ଘଟୁଥିବା ବିଭିନ୍ନ କିସମ ଅପରାଧ ସଂକ୍ରାନ୍ତୀୟ ମାମଲା ଫଏସଲାରେ ଅହେତୁକ ବିଳମ୍ବ ଘଟୁଥିବା ବେଳେ ଯେତିକି ବି ମାମଲାର ଫଏସଲା ହେଉଛି, ସେଥିରେ ଜଣେ ହେଲେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ କରାଯାଇପାରୁନାହିଁ। ଏଥିଘେନି ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଉଛି। କେନ୍ଦ୍ର ସରକାରଙ୍କ ଜାତୀୟ ଅପରାଧ ନଥି ସଂସ୍ଥା ପକ୍ଷରୁ ସଦ୍ୟ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ୨୦୨୪ ବର୍ଷରେ ଏ ସଂକ୍ରାନ୍ତୀୟ ୨୫୬୧ଟି ମାମଲା ବିଚାର ପାଇଁ ଓଡ଼ିଶାର ବିଭିନ୍ନ ଅଦାଲତରେ ଥିବା ବେଳେ ସେଥିରୁ ୬୦ଟି ଫଏସଲା ହୋଇଥିଲା ଓ ୬୦ଟିଯାକ ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ



ହୋଇଥିବା ବେଳେ ଗୋଟିଏ ବି ମାମଲାରେ ଦଣ୍ଡବିଧାନ ହୋଇପାରିନାହିଁ। ଚଳିତ ବର୍ଷ ଚଳିତ ମାସରେ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଦିଆଯାଇଥିବା ତଥ୍ୟ ମୁତାବକ ବରିଷ୍ଠ ନାଗରିକଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରେ ଓଡ଼ିଶାରେ ଫଏସଲା ହାର ମାତ୍ର ୨.୩ ପ୍ରତିଶତ ରହିଛି।

ଅନ୍ୟ ପକ୍ଷରେ ସମଗ୍ର ଦେଶରେ ଏ ସଂକ୍ରାନ୍ତୀୟ ମାମଲାରେ ଦଣ୍ଡବିଧାନ ହାର ୩୮.୫ ପ୍ରତିଶତ ରହିଛି। ଉକ୍ତ ବର୍ଷରେ ଏ ସଂକ୍ରାନ୍ତୀୟ ୮୮୧୬ଟି ମାମଲା ଫଏସଲା ହୋଇଥିବା ବେଳେ ସେଥିରୁ ୨୫୯୭ଟିରେ ଦଣ୍ଡବିଧାନ ହୋଇଛି ଓ ୩୯୧୧ଟି ମାମଲାରେ ଅଭିଯୁକ୍ତମାନେ ଖଲାସ ହୋଇଛନ୍ତି। ଅଭିଯୋଗକାରୀ ବରିଷ୍ଠ ନାଗରିକଙ୍କ ମୃତ୍ୟୁ, ସାକ୍ଷ୍ୟ ପ୍ରମାଣରେ ସମସ୍ୟା, ଅଭିଯୁକ୍ତଙ୍କ ମୃତ୍ୟୁ ଆଦି ବିଭିନ୍ନ କାରଣରୁ ଅବଶିଷ୍ଟ ମାମଲା ବିନା ବିଚାରରେ ଫଏସଲା ହୋଇଛି କିମ୍ବା ପ୍ରତ୍ୟାହାର କରିନିଆଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବରିଷ୍ଠ ନାଗରିକମାନଙ୍କ ନିରାପତ୍ତା ଘେନି ବିଭିନ୍ନ ଯୋଜନା ରୂପାୟନ କରୁଥିବା ବେଳେ ଏହା ଏକ ପ୍ରମୁଖ ସମସ୍ୟା ହୋଇଛି। ବିଗତ ବର୍ଷମାନଙ୍କରେ ପ୍ରକାଶ ପାଇଥିବା କେନ୍ଦ୍ର ସରକାରଙ୍କ ଏନସିଆରବି ରିପୋର୍ଟ ମୁତାବକ, ୨୦୧୬ ବର୍ଷରେ ଏ ସଂକ୍ରାନ୍ତୀୟ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ମାତ୍ର ୩.୮ ପ୍ରତିଶତ ଥିବା ବେଳେ ୨୦୨୧ ବର୍ଷରେ ବି ଗୋଟିଏ ହେଲେ ମାମଲା ଫଏସଲା ହୋଇ ନ ଥିବାରୁ ଆଦୌ କାହାରିକୁ ଦଣ୍ଡବିଧାନ କରାଯାଇନଥିଲା। ୨୦୨୨ ବର୍ଷରେ ବି ଓଡ଼ିଶାରେ ସମାନ ସ୍ଥିତି ଥିଲା।

୨୦୨୩ ମସିହାରେ ମଧ୍ୟ ବରିଷ୍ଠ ନାଗରିକଙ୍କ ପ୍ରତି ଅପରାଧିକ ମାମଲାରୁ ଗୋଟିଏ ହେଲେ ଫଏସଲା ହୋଇ ନ ଥିଲା କିମ୍ବା କୌଣସି ମାମଲାରେ ବି ଦଣ୍ଡବିଧାନ କରାଯାଇପାରି ନ ଥିଲା। କେତେକ ବରିଷ୍ଠ ନାଗରିକ କହୁଛନ୍ତି ଯେ ବହୁ କ୍ଷେତ୍ରରେ ସେମାନଙ୍କ ଉପରେ ଅପରାଧିକ ତତ୍ତ୍ୱମାନେ ଆକ୍ରମଣ କରୁଛନ୍ତି ଓ ଘରେ ପଶି ଲୁଟତରାଜ ବି ଘଟାଉଛନ୍ତି। ଏମିତିକି ସ୍ଥଳବିଶେଷରେ ମଧ୍ୟ ବରିଷ୍ଠ ନାଗରିକଙ୍କୁ ହତ୍ୟା କରାଯାଉଥିବା ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଛି। କମିଶନରେଟ ପୁଲିସ୍ ସମେତ ବିଭିନ୍ନ ନିରାପତ୍ତା ସଂସ୍ଥା ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ସ୍ୱତନ୍ତ୍ର ସେଲ୍‌ମାନ ଅବଶ୍ୟ ଗଠନ କରିଛନ୍ତି। ଏମିତିକି ବରିଷ୍ଠ ନାଗରିକଙ୍କ ମୋଟର ଯାନରେ ସ୍ୱତନ୍ତ୍ର ପୁଲିସ୍ ଷ୍ଟିକର୍ ବି ଲଗାଯାଉଛି। ରାଜ୍ୟରେ ଯେତିକି ସଂଖ୍ୟକ ଏ ସଂକ୍ରାନ୍ତୀୟ ମାମଲା ବିଚାରାଧୀନ ରହିଛି, ତା’ର ସଂଖ୍ୟା ପ୍ରାୟ ୩ ହଜାର ହେବ ବୋଲି କୁହାଯାଉଛି। ସ୍ୱତନ୍ତ୍ର କୋର୍ଟ ମାଧ୍ୟମରେ ଏହି ମାମଲାଗୁଡ଼ିକର ତୁରନ୍ତ ଫଏସଲା କରାଯାଇପାରିଲେ, ଅନେକ ବରିଷ୍ଠ ନାଗରିକ ସେମାନଙ୍କ ଜୀବନକାଳ ଭିତରେ ନ୍ୟାୟ ପାଇପାରନ୍ତେ। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିରାଡ଼ମ୍ବର ହେବ...

ଲୋକ କିଭଳି ଉପକୃତ ହେଉଛନ୍ତି, ତା’ର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଜୁନ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସାମିଲ୍ କରି ଶକ୍ତ ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ପରି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିସହ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଓ ଆଭିମୁଖ୍ୟଗୁଡ଼ିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବ ବୋଲି ବୈଠକରୁ ଜଣାପଡ଼ିଛି। ଏହାଛଡ଼ା ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେବେ।

### ପ୍ରଧାନମନ୍ତ୍ରୀଙ୍କୁ...

କୁହାଯାଉଛି। ରାଜ୍ୟରେ ବିଜେପି ସରକାର ନେଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ବିଶେଷକରି ସୁଭଦ୍ରା ଯୋଜନା ଓ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଭଳି ପଦକ୍ଷେପର ସମୀକ୍ଷା ଓ ଏହାର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସମ୍ବୋଧିତ କରିପାରନ୍ତି। ଏହି ଗସ୍ତ କାଳରେ ଅନେକ ନୂତନ ରେଳବାଇ, ଜାତୀୟ ରାଜପଥ ଓ ଶକ୍ତି ପ୍ରକଳ୍ପର ଶିଳାନ୍ୟାସ କିମ୍ବା ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି। ରାଜଧାନୀ ଭୁବନେଶ୍ୱର କିମ୍ବା ପୁରୀଠାରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡ଼ିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବା ପାଇଁ ନିମନ୍ତ୍ରଣ କରାଯାଇଛି। କିନ୍ତୁ ତେଲ ସଙ୍କଟ ପାଇଁ ଯେଉଁ ସମସ୍ୟା ଉପୁଜିଛି, ତାହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଏହିପରି କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍‌ସିଂ ଜରିଆରେ ସମ୍ବୋଧନ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### କାଳବୈଶାଖୀରେ...

ବହିବାରେ ଲାଗିଥିଲା। ପବନର ବେଗ ଏତେ ଅଧିକ ଥିଲା ଯେ, ଲୋକମାନେ ଗଛ ମୂଳରେ, ଫ୍ଲାଏଓଭର ତଳେ ଆଶ୍ରୟ ନେଇଥିଲେ। ପବନରେ ହୋଡ଼ିଂ, ଟିଣ ଛାତ ସବୁ ଉଡ଼ିବା ସହିତ ଗଛସବୁ ଉପୁଡ଼ି ପଡ଼ିଥିଲା। ଗଛ ଭାଙ୍ଗି ପଡ଼ିବାରୁ ରାସ୍ତା ସବୁ ବନ୍ଦ ହୋଇଯାଇଥିଲା। କେତେକ ସ୍ଥାନରେ ଗଛ ପଡ଼ିବା ଫଳରେ ଗାଡ଼ି ଚାପି ହୋଇ ଭାଙ୍ଗିଯାଇଥିଲା। ଝଡ଼ରେ ଅନେକ ଘର ଧ୍ୱଂସ ହୋଇଯାଇଥିଲା। ଉଦ୍ଧାରକାରୀମାନଙ୍କୁ ଖାଲି ହାତରେ ଭାଙ୍ଗି ପଡ଼ିଥିବା ଘରକୁ ଖୋଳି ଫସି ରହିଥିବା ଲୋକଙ୍କୁ ବାହାର କରିବା ପାଇଁ ପଡ଼ିଥିଲା। ସୋସିଆଲ ମିଡ଼ିଆରେ ପ୍ରସାରିତ ହେଉଥିବା ଭିଡିଓଗୁଡ଼ିକରୁ ଝଡ଼ର ଭୟାବହତା ଅତି ପ୍ରଚଣ୍ଡ ଥିବା ସ୍ପଷ୍ଟ ହୋଇଛି। ବରେଲିର ବାମିୟାନ ଗାଁର ଏକ ଭିଡିଓରୁ ଜଣେ ବ୍ୟକ୍ତି ଗୋଟିଏ ଟିଣ ଛାତକୁ ଧରି ଆକାଶରେ ଉଡୁଥିବା ଦେଖାଯାଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ପବନରେ ୫୦ ଫୁଟ ଦୂରକୁ ଉଡ଼ିଯାଇଥିବା ଜଣାପଡ଼ିଥିଲା। ନହ୍ନେ ମିୟାଁ ନାମକ ଏହି ବ୍ୟକ୍ତି ଜଣଙ୍କ ସୌଭାଗ୍ୟ କ୍ରମେ ବଞ୍ଚି ଯାଇଥିଲେ ବି ତାଙ୍କର ହାତଗୋଡ଼ ଭାଙ୍ଗି ଯାଇଛି। ପବନ ଉଡ଼େଇନେବା ବେଳେ ସେ ଗୋଟିଏ ଦଉଡ଼ିକୁ ଭିଡ଼ି ଧରିଥିଲେ। ପବନରେ ସେ ଓ ତାଙ୍କ ଘରର ଟିଣଛାତ ଆକାଶକୁ ଉଡ଼ିଯାଇଥିବା ନହ୍ନେ ମିୟାଁ କହିଛନ୍ତି। ସେହିପରି ଭାଦୋହିର ରାମପୁରଠାରେ ଗଙ୍ଗାନଦୀର ପନଟୁନ୍ ସେତୁ ଭାଙ୍ଗିଯିବାରୁ ସେତୁ ଉପରେ ଆଶ୍ରୟ ନେଇଥିବା ଲୋକେ ଗଙ୍ଗାନଦୀରେ ଭାସିଯାଇଛନ୍ତି।

### ଓଡ଼ିଶାକୁ ମିଳିବ...

କେନ୍ଦୁଝର ଜିଲ୍ଲାର ପଡୁଆ ପଞ୍ଚାୟତ ଜଳ ସ୍ୱଚ୍ଛଳ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହାଛଡ଼ା ସୁନ୍ଦରଗଡ଼ ଜିଲ୍ଲାର ହାତୀବନ୍ଧ ପଞ୍ଚାୟତ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଏହାକୁ ପୁରସ୍କାର ବାବଦରେ ୩୭ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ଆହୁରି ଗଞ୍ଜାମ ଜିଲ୍ଲାର ମନ୍ଦାର ପଞ୍ଚାୟତ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ ପଞ୍ଚାୟତ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏଥିପାଇଁ ଏହି ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ମିଳିବ। କୋରାପୁଟ ଜିଲ୍ଲା ପରିଷଦ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପାଇଁ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ କୋରାପୁଟ ଜିଲ୍ଲା ପରିଷଦକୁ ୫ କୋଟି ଟଙ୍କାର ପୁରସ୍କାର ରାଶି ମିଳିବ।

### ଆଇଆଇଏମ...

ଉପରେ ବ୍ୟାପକ ବିଚାରବିମର୍ଶ କରାଯାଇଛି। ଶ୍ରୀ ପ୍ରଧାନ କହିଥିଲେ ଯେ ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣାଇବାକୁ ହେବ। ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଅନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଞ୍ଚାଇବା ପାଇଁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ କରିଥିଲେ। ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଓ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଭାରତର ଆଇଆଇଏମଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଓ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ।

### ତୈଳ କମ୍ପାନୀଙ୍କ...

ପରିବହନ ଖର୍ଚ୍ଚ ବଢ଼ିଯାଉଛି। ଆଜିକା ଦିନରେ ତୈଳ କମ୍ପାନୀ ପ୍ରତି ଲିଟର ପେଟ୍ରୋଲ ଉପରେ ୨୦ ଟଙ୍କା ଓ ଡିଜେଲ ଉପରେ ୮୦ ଟଙ୍କା କ୍ଷତି ସହୁଛନ୍ତି। ଏହି କ୍ଷତି କମାଇବାକୁ ତିନୋଟିଯାକ ତୈଳ କମ୍ପାନୀ ପ୍ରତିଯୋଗିତାମୂଳକ ଭାବେ ବଜାରକୁ ତେଲ ଛାଡ଼ିବା କମାଇ ଦେଇଛନ୍ତି। ଗୋଟିଏପଟେ ଜାତୀୟ ଗଣମାଧ୍ୟମରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଚର୍ଚ୍ଚା, ସେପଟେ ତୈଳ କମ୍ପାନୀଙ୍କ ଯୋଗାଣ ହ୍ରାସ ଯୋଗୁଁ ପ୍ୟାନିକ୍ ବାଇଙ୍ଗ୍ ବଢୁଛି। ଯଦିଓ କେନ୍ଦ୍ର ସରକାର ବାରମ୍ବାର ତେଲ ଦର ବଢ଼ିବ ନାହିଁ ବୋଲି କହୁଛନ୍ତି, କିନ୍ତୁ କିଛି ଗଣମାଧ୍ୟମରେ ଦର ବୃଦ୍ଧି ଚର୍ଚ୍ଚା ଲୋକଙ୍କୁ ପ୍ରଭାବିତ କରୁଛି। ରାଜ୍ୟରେ ପ୍ରତିଦିନ ୪୭ ଲକ୍ଷ ୭୦ ହଜାର ଲିଟର ପେଟ୍ରୋଲର ଆବଶ୍ୟକତା ଥିବା ବେଳେ ୧ କୋଟି ୧୨ ଲକ୍ଷ ଲିଟର ଡିଜେଲର ଆବଶ୍ୟକତା ରହିଛି। କିନ୍ତୁ ତୈଳ କମ୍ପାନୀମାନେ ସେହି ଅନୁପାତରେ ତେଲ ଯୋଗାଣ କରୁନାହାଁନ୍ତି। ଯାହା ଫଳରେ ଏବେ ସୁଦ୍ଧା ରାଜ୍ୟରେ ୧୦୦ରୁ ଅଧିକ ପେଟ୍ରୋଲ ଟାଙ୍କିରେ ତେଲ ନଥିବା ଜଣାପଡ଼ିଛି। ହେଲେ ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠଙ୍କ ଅନୁଯାୟୀ ରାଜ୍ୟରେ ତେଲର ଅଭାବ ନାହିଁ। ଲୋକେ ଭୟଭୀତ ହୋଇ ତେଲ କିଣନ୍ତୁ ନାହିଁ, ଆସନ୍ତାକାଲି ସୁଦ୍ଧା ଏହି ସଙ୍କଟର ସମାଧାନ ହୋଇଯିବ।

### ତେଲ ସଙ୍କଟ...

ସମ୍ପୃକ୍ତ ପେଟ୍ରୋଲ ପମ୍ପର ପରିଚାଳନାଗତ ତ୍ରୁଟି ଯୋଗୁ ସୃଷ୍ଟି ହୋଇଛି। ସ୍ୱାଭାବିକ ସ୍ଥିତିରେ ବି ୨୦ରୁ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ। ସବୁ ତେଲ କମ୍ପାନୀ ସହ ଆଲୋଚନା ହୋଇଛି। ଜିଲ୍ଲାପାଳମାନଙ୍କ ସହ ବି ଆଲୋଚନା ହେଉଛି। ତେଲ ସଙ୍କଟ ନାହିଁ, ତେଣୁ କେହି ବି ପ୍ୟାନିକ ବାଇଙ୍ଗ୍ ନ କରିବାକୁ ସେ ନିବେଦନ କରିଛନ୍ତି। କେହି ହୋର୍ଡିଂ କରୁଥିବାର ବର୍ତ୍ତମାନ ପର୍ଯ୍ୟନ୍ତ ଖବର ନାହିଁ। ରାଜ୍ୟ ସରକାର ନିୟମିତ ତୈଳ କମ୍ପାନୀ ସହ ସମ୍ପର୍କରେ ଅଛନ୍ତି। ଗଣମାଧ୍ୟମରେ ବି ବେଶୀ ଗୁଜବ ସୃଷ୍ଟି ନ କରିବା ପାଇଁ ମଧ୍ୟ ଯୋଗାଣ ସଚିବ ଅନୁରୋଧ କରିଛନ୍ତି। ସେହିଭଳି ଟ୍ରକ ଓ ବସ ମାଲିକମାନେ ଭୟଭୀତ ନ ହେବାକୁ ସେ ଅପିଲ କରିଛନ୍ତି। ତେଲର ଅଭାବ ନାହିଁ, ତେଣୁ ବସ ଓ ଟ୍ରକ ଚାଲିବାରେ କୌଣସି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।

### ଓଡ଼ିଶାରେ ଆରମ୍ଭ...

ଏସଆଇଆର କାର୍ଯ୍ୟସୂଚୀକୁ ସଂଲଗ୍ନ କରାଯାଇଛି। ଫଳରେ ଦୁଇଟି କାର୍ଯ୍ୟ ଏକକାଳୀନ କରାଯିବ। ଫଳରେ ଉଭୟ ପ୍ରକ୍ରିୟାରେ ପ୍ରଶାସନିକ କଳର ସୁବିନିଯୋଗ ହୋଇପାରିବ ବୋଲି ଅଧିକାରୀମାନେ କହିଛନ୍ତି। ଇସିଆଇଙ୍କ ସୂଚନାନୁସାରେ, ବାକି ରହିଯାଇଥିବା ଅଞ୍ଚଳଗୁଡ଼ିକ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପୃଥକ୍ ଭାବେ କାର୍ଯ୍ୟସୂଚୀ ଜାରି କରାଯିବ। ତୃତୀୟ ପର୍ଯ୍ୟାୟ ଏସଆଇଆର୍ ଶୁଭାରମ୍ଭ ଅବସରରେ ମୁଖ୍ୟ ନିର୍ବାଚନ କମିଶନର୍ ତୃତୀୟ ପର୍ଯ୍ୟାୟ ଏସଆଇଆରରେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ସମସ୍ତଙ୍କୁ ଅପିଲ କରିଛନ୍ତି। ଏଥିସହ ସେମାନଙ୍କର ଗଣନା ଫର୍ମ ଦାଖଲ କରିବାକୁ ମଧ୍ୟ ସେ ନିବେଦନ କରିଛନ୍ତି। ଏସଆଇଆର ଉଦ୍ଦେଶ୍ୟ ହେଉଛି, କେବଳ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଓ ଅଯୋଗ୍ୟ ନାମ ଅନ୍ତର୍ଭୁକ୍ତ ହେବାରୁ ରୋକିବା ବୋଲି ସେ କହିଛନ୍ତି।

### ମୁଖ୍ୟ ଅଭିଯୁକ୍ତ...

ସ୍ୱାସ୍ଥ୍ୟକେନ୍ଦ୍ରରେ ସୌମ୍ୟଙ୍କ ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି ଯେ ଡାକ୍ତରଖାନାରେ ସୌମ୍ୟ ପହଞ୍ଚିବା ବେଳକୁ ତାଙ୍କ ଶରୀର ନିଶ୍ଚଳ ହୋଇଯାଇଥିଲା। ସୌମ୍ୟଙ୍କ ପଲ୍ସ ଓ ବିପି ରେକର୍ଡ କରାଯିବା ଅବସ୍ଥାରେ ନ ଥିଲା। ସୌମ୍ୟଙ୍କୁ ଡାକ୍ତରଖାନା ଅଣାଯିବା ସମୟରେ ତାଙ୍କ ହାତଗୋଡ଼ ବନ୍ଧା ହୋଇଥିଲା। ସେତେବେଳେ ସୌମ୍ୟଙ୍କ ଶରୀରର କୌଣସି ପ୍ରକାର ମୁଭମେଣ୍ଟ କରୁନଥିଲା। ସେତେବେଳେ ସୌମ୍ୟଙ୍କ ସହ କେବଳ ପୁଲିସ କର୍ମଚାରୀ ଥିଲେ ବୋଲି ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ ବାଲକାଟି ସିଏଚ୍‌ସିରୁ ସୌମ୍ୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା।

### ଅଭାବ ନା କୃତ୍ରିମ ଅଭାବ ?
## ତେଲ ଟାଙ୍କିରେ ପ୍ରବଳ ଭିଡ଼



**ଅସ୍ତରଙ୍ଗ/କାକଟପୁର,୧୪ା୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ପେଟ୍ରୋଲ ପମ୍ପ ଗୁଡ଼ିକରେ ଗୁରୁବାର ଅହେତୁକ ଭିଡ଼ ପରିଲକ୍ଷିତ ହୋଇଛି। ତେବେ ଏହି ଭିଡ଼ର କାରଣ ସ୍ପଷ୍ଟ ହୋଇପାରିନି । ପେଟ୍ରୋଲ ପମ୍ପ ଗୁଡ଼ିକରେ ପେଟ୍ରୋଲ ଅଭାବ ରହିଛି ନା ଏହା କୃତ୍ରିମ ଅଭାବ ବୋଲି ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ପେଟ୍ରୋଲ ର ଦର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଥିବାବେଳେ ଜାଣିଶୁଣି ପେଟ୍ରୋଲ ପମ୍ପ ଗୁଡ଼ିକରେ ପେଟ୍ରୋଲର ଅଭାବ ଦର୍ଶାଯାଉଥିବା ଚର୍ଚ୍ଚାକୁ ଆସିଛି। ଏପରିକି କାକଟପୁର,ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡ଼ିକରେ ଲାଗି ରହିଥିବା ଭିଡ଼ ଲୋକଙ୍କୁ ଅତିଷ୍ଠ କରିଛି। ଗାଡ଼ିରେ ତେଲ ପକାଇବା ପାଇଁ ଲୋକଙ୍କୁ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବା ଚର୍ଚ୍ଚାକୁ ହେଉଛି । ଦୀର୍ଘ ସମୟ ଅପେକ୍ଷା କରିବା ପରେ ଅନେକ ଗାଡ଼ି ପେଟ୍ରୋଲ ପକାଇ ନପାରି ଫେରିଥିବା ମଧ୍ୟ ନଜରକୁ ଆସିଛି। ଆଜିଠାରୁ ଏଭଳି ଘଟଣା ଲୋକଙ୍କ ମନରେ ଚିନ୍ତା ଭୟ ସୃଷ୍ଟି କରିବାକୁ ଲାଗିଛି। ଆଗକୁ ପେଟ୍ରୋଲ ମିଳିବ କି ନାହିଁ ତାହା ଏବେ ଚର୍ଚ୍ଚାକୁ ହେଲାଣି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବଜାରରେ ମାଳମାଳ ବେନାମୀ ଥଣ୍ଡା ପାନୀୟ
## ଚଢ଼ାଉ ନାହିଁ, ପ୍ରଶାସନ ଜାଣି ଅଜଣା




**ହିଞ୍ଜିଳିକାଟୁ,୧୪ା୫ (ସଂଚାର ବ୍ୟୁରୋ):** ଦିନକୁ ଦିନ ତାପମାତ୍ରା ବଢ଼ୁଥିବା ବେଳେ ସହରରେ ଥଣ୍ଡା ପାନୀୟର ଚାହିଦା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ଗାଁ ଗହଳି ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସବୁଠାରେ ଥଣ୍ଡା ପାନୀୟର ଚାହିଦା ବଢ଼ିଛି । ଦୋକାନ ବଜାରରେ ପାନୀୟ ଜଳଠାରୁ ଆରମ୍ଭ କରି ମିଶ୍ରି ପଣା, କାଚ ବାଟି ସୋଡ଼ା, ଘୋଳଦହି, ଆଇସକ୍ରିମ ଆଦି ଭାବରେ ବିକ୍ରୟ କରାଯାଉଛି।

ଟାଣ ଖରା ହେବାରୁ ଦୋକାନ ମାନଙ୍କରେ ଭଳିକି ଭଳି ଥଣ୍ଡା ପାନୀୟ ଦେଖିବାକୁ ମିଳୁଛି। କିଏ ଘରେ ଦୂଷିତ ପାଣିକୁ ବ୍ୟବହାର କରି ମିଶ୍ରି ଓ ସିଆସିଡ ବିକ୍ରୟ କଲାଣି ତ ପୁଣି କିଏ ନଷ୍ଟ ହେଉଥିବା ଦହିକୁ ନେଇ ଘୋଳଦହି ପ୍ରସ୍ତୁତ କରି ବିକ୍ରୟ କଲାଣି । ଏଦିଗରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଉଥିବା ବେଳେ ଅସାଧୁ ବ୍ୟବସାୟୀମାନେ ଏହାର ଫାଇଦା ଉଠାଉଛନ୍ତି । ବଜାରଘାଟ ହେଉକି ଗାଁ ଗହଳି ଦୋକାନ ମାନଙ୍କରେ ବହୁ ବେନାମୀ ତଥା ଦୂଷିତ ଥଣ୍ଡା ପାନୀୟକୁ ବେଧଡ଼କ ଭାବେ ବିକ୍ରୟ କରାଯାଉଛି । ଖାଲି ସେତିକି ନୁହେଁ, ରହିଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଏହାକୁ ବିକ୍ରୟ କରାଯାଉଛି ।

ଦୈନିକ ଏସବୁ ବ୍ୟବସାୟ ଚାଲି ଆସୁଥିବା ବେଳେ ପ୍ରଶାସନ ସବୁଜାଣି ହାତବାନ୍ଧି ବସି ରହିଛି । ବଡ଼କଥା ହେଉଛି ନାମୀ କମ୍ପାନୀ ତୁଳନାରେ ଏସବୁ ଥଣ୍ଡା ପାନୀୟର ମୂଲ୍ୟ କମ ରହୁଛି । ଫଳରେ ଦୋକାନୀ ବା ବ୍ୟବସାୟୀମାନେ ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ବେନାମୀ କମ୍ପାନୀର ସାମଗ୍ରୀକୁ ବିକ୍ରୟ କରିବାକୁ ପସନ୍ଦ କରୁଛନ୍ତି । ଅନେକ ସ୍ଥାନରେ ମଧ୍ୟ ଏକ୍ସପାରି ଥଣ୍ଡା ପାନୀୟ ବିକ୍ରୟ ହେଉଥିଲେ ମଧ୍ୟ ସେସବୁର ଯାଞ୍ଚ କରାଯାଉନାହିଁ । ତେବେ ଏଥିପ୍ରତି ତୁରନ୍ତ ବିଭାଗୀୟ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି

## ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି



**ସୁନ୍ଦରଗଡ଼,୧୪ା୫ (ସଂଚାର ବ୍ୟୁରୋ):** ବଡ଼ଗାଁ ଗ୍ରାମ ପଞ୍ଚାୟତ ଅଧିନସ୍ଥ ୱାର୍ଡ ନମ୍ବର ୫ ଓ କିଞ୍ଜିରକେଲା ସ୍ଥିତ ସୁନାପଡ଼ାରେ ଦୀର୍ଘସମୟରୁ ଅଚଳ ଅବସ୍ଥାରେ ପଡ଼ି ରହିଥିବା ସରକାରୀ ନଳକୂପ ଯୋଗୁ ପାନୀୟ ଜଳର ସୁବିଧା ନିମନ୍ତେ ମାସ ମାସ ଧରି ଦହଗଞ୍ଜ ହେଉଥିଲେ। ଏହି ପରିପ୍ରେକ୍ଷୀରେ ଆଜି ପଡ଼ାଦ୍ୱୟର ପାନୀୟଜଳ ସଙ୍କଟ ଦୂର ପାଇଁ ବଡ଼ଗାଁର ପୂର୍ବତନ ନାଇବ ସରପଞ୍ଚ କେଶବ କରସେଲଙ୍କ ଡ଼ାକବାଦନରେ ପଡ଼ାବାସିନ୍ଦାମାନେ ବଡ଼ଗାଁ ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଜଳ ଓ ପରିମଳ ବିଭାଗର ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଯଥାଶୀଘ୍ର ଜଳ ଓ ପରିମଳ ବିଭାଗ ପକ୍ଷରୁ ପଡାଦ୍ୱୟରେ ଅବସ୍ଥିତ ଥିବା ଅଚଳ ନଳକୂପ ଗୁଡ଼ିକୁ ମରାମତି କରି ପଡ଼ାରେ ପାନୀୟ ଜଳର ସୁବ୍ୟବସ୍ଥା କରିଥିଲେ। ଏଥି ଯୋଗୁ ବଡ଼ଗାଁ ବିଡ଼ିଓ ଓ ବିଭାଗୀୟ ଯନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ପଡ଼ାବାସୀ।

ବଡ଼ଗାଁ ପଞ୍ଚାୟତରେ ଜଳ ସମସ୍ୟା ଦୂର କରିବାକୁ ଦୀର୍ଘ ବର୍ଷରୁ ସ୍ଥାପନ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ବଡ଼ଗାଁ ପଞ୍ଚାୟତରେ ଘରୋଇ ପାନୀୟ ଜଳ ଯୋଗାଣ ପାଇଁ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବି ଜଣାଇଛନ୍ତି।

## ସମ୍ ନର୍ସିଂ କଲେଜ ଭୁବନେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳିତ




**ଭୁବନେଶ୍ୱର,୧୪ା୫ (ସଂଚାର ବ୍ୟୁରୋ):** ସମ ନର୍ସିଂ କଲେଜ ଭୁବନେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ନର୍ସେସ୍ ଦିବସ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ନର୍ସମାନେ ଦିବାରାତ୍ରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ରଖିଥିବା ବେଳେ ସେମାନଙ୍କୁ ସଶକ୍ତ କରିବାର ପ୍ରଚେଷ୍ଟା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ ଆଲାଏନ୍ସ ଅଫ୍ ୱିମେନ୍ ଇନ୍ ଇଣ୍ଡିଆ, ଓଡ଼ିଶା ଶାଖାର ସମ୍ପାଦିକା ପ୍ରମିଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପ୍ରତ୍ୟେକ ମା' ନର୍ସଙ୍କ ଭୂମିକା ତୁଲାଇଥାନ୍ତି। ଏହି ବୃତିକୁ ଆପଣାଉଥିବା ଛାତ୍ରଛାତ୍ରୀମାନେ ସମ୍ମାନର ସହ କାର୍ଯ୍ୟ କରନ୍ତୁ। ତେବେ ସେମାନଙ୍କୁ ସଶକ୍ତ ହେବାର ଆବଶ୍ୟକତା ଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲ୍, ଭୁବନେଶ୍ୱରର ନିର୍ଦ୍ଦେଶିକା ନର୍ସିଂ ସର୍ଭିସେସ୍ ଲେଖା ଅମିନିକୁଟୀ ପ୍ରଫେସ୍‌ନାଲ୍ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବେ। ତେବେ ସେମାନଙ୍କୁ ଅଧିକ ଦକ୍ଷ ହେବାକୁ ପଡ଼ିବ ଏବଂ ଆନାଟୋମୀ ଏବଂ ଫିଜିଓଲୋଜି ଭଳି ବିଷୟକୁ ଅଧିକ ବୁଝିବାକୁ ପଡ଼ିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଟ୍ରେନ୍‌ଡ ନର୍ସେସ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଟିଏନ୍‌ଏଆଇ) ଓଡ଼ିଶା ଶାଖାର ଉପଦେଷ୍ଟା ପ୍ରଫେସର ସରୋଜ ନଳିନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ସହଯୋଗ ନେଇ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ଏହି ଅବସରରେ ସମ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ ଯୋଗ ଦେଇ କିଭଳି ଭାବରେ ଜଣେ ଭଲ ନର୍ସ ହେବା ସହ ସମ୍ମାନର ସହ ଦକ୍ଷ ରୋଗୀ ସେବା ତୁଲାଇ ପାରିବ ସେ ସମ୍ପର୍କରେ ମତ ରଖିଥିଲେ।

## ୬୪୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ



**ଫୁଲବାଣୀ,୧୪ା୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବର୍ତ୍ତମାନ ଗଞ୍ଜେଇ କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ରାତିମତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ବାହାର ଜିଲ୍ଲା ଓ ଜିଲ୍ଲା ବାହାରକୁ ଚାଲାଣ ହେଉଛି। ବୁଧବାର କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ପୁଲିସ ଦୁଇଜଣ ବାହାର ରାଜ୍ୟର ଗଞ୍ଜେଇ ମାଫିଆଙ୍କୁ ଧରିବାରେ ସଫଳ ହେବା ସହ ତାଙ୍କ ପାଖରୁ ବାହାର ରାଜ୍ୟର ନମ୍ବର ଥିବା ଗଞ୍ଜେଇ ଭର୍ତି ଏକ ବୋଲେରୋ ପିକଅପ ଗାଡ଼ିକୁ ଜବତ କରିବା ଘଟଣା କନ୍ଧମାଳରେ ବାହାର ରାଜ୍ୟର ଗଞ୍ଜେଇ ମାଫିଆମାନେ ଡେରା ପକାଇବା ଘଟଣା ସତ ପ୍ରମାଣିତ ହୋଇଛି।

ତେବେ ଗିରଫ ମାଫିଆ ମାନଙ୍କ ମଧ୍ୟରେ ଜଣେ ବିହାର ରାଜ୍ୟ ରୋହତସ ଜିଲ୍ଲା ଅଧୀନରେ ଥିବା ସାସାରାମ ଥାନା ଦଉଲପୁର ଗାଁର ଅଖିଲେଶ କୁମାର ପାଣ୍ଡେ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟଜଣେ ସେହି ଥାନା ଅଧୀନରେ ଥିବା ଅମରତାଲୋ ଗାଁର ରାମ ବିନୟ ପାଣ୍ଡେ ଓ ସେ ଗାଡ଼ିର ଡ୍ରାଇଭର ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ହରିହର ପ୍ରଧାନଙ୍କ ଉପସ୍ଥିତିରେ ଗାଡ଼ିରେ ଥିବା ଗଞ୍ଜେଇକୁ ଓଜନ କରାଯିବା ସହ ଏହି ଘଟଣାରେ ସଦର ଥାନାରେ ୯୬/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରଦୀପ କୁମାର ଜେନା।

# ଲେଫ୍ରିପଡ଼ାରେ ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ




**ସୁନ୍ଦରଗଡ,୧୪ା୫ (ସଂଚାର ବ୍ୟୁରୋ):** ଲେଫ୍ରିପଡା ବିଜେପି ମହିଳା ମୋର୍ଚ୍ଚା ସଭାପତି ସଚିରାଣୀ ପଟେଲଙ୍କ ନେତୃତ୍ୱରେ ୨୦୦ରୁ ଅଧିକ ମହିଳା ଜନ ଆକ୍ରୋଶ ମହିଳା ସମାବେଶର ଶୋଭା ଯାତ୍ରାରେ ସାମିଲ ହୋଇ ଥିଲେ । ପ୍ରଥମେ ଦର୍ଲିପାଲି ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ଏକଜୁଟ ହୋଇଥିଲେ । ନାରୀ ଶକ୍ତି ବନ୍ଦନ ଅଧିନିୟମ ମାଧ୍ୟମରେ ଭାରତର ସଂସଦ ଓ ବିଧାନସଭାରେ ନାରୀ ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପ୍ରସଙ୍ଗରେ କଂଗ୍ରେସ, ଟିଏମସି, ବିଜେଡି ଓ ୟୁପିଏ ମେଣ୍ଟର ସହଯୋଗୀ ଦଳ ମାନଙ୍କ ଅସମର୍ଥନ ନାରୀ ବିରୋଧି ମନୋଭାବକୁ ପ୍ରକାଶ କରୁଛି । ମହିଳା ବିଲ ସଂଶୋଧନକୁ ନେଇ ଅନେକ ସ୍ଲୋଗାନ ଦେଇ ଶୋଭାଯାତ୍ରା ଆରମ୍ଭ କରିଥିଲେ।

ମନ୍ଦିରରୁ ଶୋଭାଯାତ୍ରା ବାହାରି ଦର୍ଲିପାଲି ଗ୍ରାମ ପରିଭ୍ରମଣ କରି ସାରିଲା ପରେ ବସଷ୍ଟାଣ୍ଡରେ ଏକ ସଭାର ଆୟୋଜନ କରିଥିଲେ । ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ପଟେଲ ସଭାରେ ଅଧ୍ୟକ୍ଷତା କରିଥିଲେ । ତାଙ୍କର ଅଭିଭାଷଣରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରି ନାରୀ ଆକ୍ରୋଶର ଭାବନାକୁ ଉପସ୍ଥାପନା କରିଥିଲେ। ସଂସଦରେ ମହିଳା ବିଲକୁ କଂଗ୍ରେସ ସହିତ ବିରୋଧୀ ପାର୍ଟି ବିରୋଧ କରିଥିବାରୁ ବିଜେପିର ମହିଳାମାନେ ଜନ ଆକ୍ରୋଶ ସମାବେଶରେ ଗର୍ଜିଥିଲେ । ନୂତନ ଭାବେ ହୋଇଥିବା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଚିରାଣୀ ପଟେଲ ସମସ୍ତେ ମିଶି ଏକା ସାଥିରେ ମିଶି କାମ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନବରଙ୍ଗପୁର,୧୪ା୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ରତନ ଗୌଡ଼କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ, କୋଡ଼ିଙ୍ଗା ଥାନାରେ ତତ୍କାଳୀନ କାର୍ଯ୍ୟରତ ସବ-ଇନିସ୍ପେକ୍ଟର ଅଞ୍ଜନ କୁମାର ଜାଲ କୋଡ଼ିଙ୍ଗା ଥାନାରେ ଗତ ୨୦/୦୩/୨୦୧୬ରେ ଅଭିଯୁକ୍ତ ରତନ ଗୌଡ଼ର ଅଭିଯୋଗକୁ ଭିତ୍ତି କରି କୋଡ଼ିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା କେସ ନମ୍ବର -୦୩/୧୬ ପ୍ରକାରେ ଅପମୃତ୍ୟୁ ରିପୋର୍ଟ ଦାଖଲ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ ଓ ତଦନ୍ତ ସମୟରେ ଅଭିଯୁକ୍ତ ରତନ ଗୌଡ଼ ପୁଲିସ ଆଗରେ ସ୍ୱୀକାର କରିଥିଲା ଯେ ସେ ହିଁ ତାହାର ଭାଇ କମଲସାଇ ଗୌଡ଼କୁ ହତ୍ୟା କରିଛି। ଘଟଣା ଦିନ ରାତି ପ୍ରାୟ ୮.୩୦ ସମୟରେ ମୃତ କମଲସାଇ ଗୌଡ଼ ମଦ ପିଇ ପରିବାର ସଦସ୍ୟ ମାନଙ୍କ ଗଣ୍ଡଗୋଳ କରିବା ସହ ଘରର ଆସବାବ ପତ୍ର ସବୁ ଫୋପାଡ଼ି ଦେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ରତନ ଗୌଡ଼ ବଡ଼ଭାଇ କମଲ ସାଇ ଗୌଡ଼ ଏକ କାଠ ଫାଳିଆ ସାହାଯ୍ୟରେ ମୁଣ୍ଡକୁ ଆଘାତ କରି ତାକୁ ହତ୍ୟା କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ରତନ ଗୌଡ଼କୁ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୦୨ ଓ ୨୦୧ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସମସ୍ତ ୧୪ଜଣଙ୍କ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରା ଜଜ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ରତନ ଗୌଡ଼ କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ଗୋଶାଳାର ଶିଳାନ୍ୟାସ କଲେ ସାଂସଦ



**ନୀଳଗିରି,୧୪ା୫ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୮.୩୦ ସମୟରେ ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୪ନଂ. ୱାର୍ଡ ମିରିଗିଣି ସ୍ଥିତ ଖପରାବଣିଆଁ ଠାରେ ଏକ ଗୋଶାଳା ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱରର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଗଣଙ୍କ ମଧ୍ୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଶୁଭାଶିଷ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

ମିରିଗିଣିସ୍ଥିତ ଖପରା ବଣିଆ ଠାରେ ୩ ଏକରରୁ ଊର୍ଦ୍ଧ ଜମିରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଗୋଶାଳାରେ ଗୋସମ୍ପଦର ରକ୍ଷଣା ବେକ୍ଷଣା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ତ୍ୱରାନିତ କରାଯିବା ଉପରେ ଉଭୟ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏବଂ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଖଟୁଆ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ।

## ବେଆଇନ ବାଲି ଗଦାରେ ଚଢ଼ାଉ, ୭୦ ଟ୍ରିପ ବାଲି ଜବତ



**ଛତ୍ରପୁର,୧୪ା୫ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ ପଞ୍ଚାୟତର କାଞ୍ଚେନେଶ୍ୱର ପାହାଡ ପାର୍ଶ୍ୱରେ ବେଆଇନ ଭାବେ ବହୁ ପରିମାଣର ବାଲି ମହଜୁଦ୍ ରଖାଯାଇଥିବା ନେଇ ସୂଚନା ପାଇବା ପରେ ଗଞ୍ଜାମ ଜିଲ୍ଲା ଖଣି ବିଭାଗ ଆକ୍ସନ ମୋଡରେ ଆସିଛି। ସ୍ଥାନୀୟ ଏନଫୋର୍ସମେଣ୍ଟ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଯାଞ୍ଚ ଆରମ୍ଭ କରିଛି।

ଚଢ଼ାଉ ସମୟରେ ପ୍ରାୟ ୭୦ରୁ ଅଧିକ ଟିପର ବାଲି ଜବତ ହୋଇଥିବା ସୂଚନା ମିଳିଛି। ସରକାରୀ ଜାଗାରେ ବିନା କାଗଜପତ୍ରରେ ବେଆଇନ ଭାବେ ବାଲି ମହଜୁଦ୍ ରଖାଯାଇଥିବା ସ୍ପଷ୍ଟ ହୋଇଛି। ମାଇନିଂ ଅଫିସର ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଗଞ୍ଜାମ ଥାନା ଅଧିକାରିଣୀ ସୁମିତ୍ରା ପାତ୍ର, ଏଏସଆଇ ସୁପ୍ରଭା ସାହୁ ଓ ମଲାଡ ଏଆରଆଇ ରୀତା ରାଣୀ ନାହାକଙ୍କ ସମ୍ମିଳିତ ଟିମ୍ ଚଢ଼ାଉ କାର୍ଯ୍ୟ କରିଥିଲେ। ଖଣି ବିଭାଗ ଅଧିକାରୀ ସନ୍ତୋଷ କୁମାର ବେହେରା ସ୍ପଷ୍ଟ କରିଛନ୍ତି ଯେ, ବେଆଇନ କାରବାରକୁ କୌଣସି ପ୍ରକାର ପ୍ରଶ୍ରୟ ଦିଆଯିବ ନାହିଁ।

ସୂଚନା ଅନୁଯାୟୀ, ଆଗାମୀ ବର୍ଷା ଋତୁକୁ ନଜରରେ ରଖି କିଛି ବ୍ୟବସାୟୀ ପୂର୍ବରୁ ବହୁ ପରିମାଣର ବାଲି ଗଚ୍ଛିତ କରି ରଖିଥିଲେ। ବର୍ଷା ସମୟରେ ଚାହିଦା ବଢ଼ିଲେ ଏହି ବାଲିକୁ ଅଧିକ ଦରରେ ବିକ୍ରି କରି ବିପୁଳ ଲାଭ ହାସଲ କରିବା ଯୋଜନା ଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

## ଦୁର୍ଲ୍ଲଭା ଦେବୀ ମନ୍ଦିରରେ ପାର୍ଶ୍ୱ ଦେବୀ ବିଗ୍ରହ ପ୍ରତିଷ୍ଠା

**ବାଲିଅନ୍ତା,୧୪ା୫ (ସଂଚାର ବ୍ୟୁରୋ):** ବାଲକାଟି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଦୁର୍ଲ୍ଲଭା ଦେବୀ ମନ୍ଦିର ନୂତନ ପାର୍ଶ୍ୱ ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ୧୦ ତାରିଖରେ ଅଙ୍କୁରାରୋପଣ କରାଯାଇଥିଲା। ୧୩ ତାରିଖରେ ପୁରୁଣା ପାର୍ଶ୍ୱ ଦେବୀଙ୍କ ବିସର୍ଜନ ପୂଜାବିଧି କରାଯାଇଥିଲା। ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ପୂଜା ସମାହିତ ହୋଇଥିଲା। ମନ୍ଦିର କାନ୍ଥର ପୂର୍ବ ଦିଗରେ ମା' ମାତଙ୍ଗୀ, ପଶ୍ଚିମରେ ଭୈରବୀ, ଉତ୍ତରରେ ଭୁବନେଶ୍ୱରୀଙ୍କୁ ସ୍ଥାପନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ସମୀକ୍ଷା ବୈଠକ



**ଢେଙ୍କାନାଳ,୧୪ା୫ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା, ସମ୍ଭାବ୍ୟ ବନ୍ୟା ମୁକାବିଲା ନିମିତ୍ତ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପୂର୍ବରୁ ଛୋଟ ଛୋଟ ସମସ୍ୟାର ସମାଧାନ କରିଦେଲେ ଆଗକୁ ବଡ଼ ସମସ୍ୟା ଉପୁଜିବ ନାହିଁ ବୋଲି କହି ଏଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଯତ୍ନବାନ ହେବା ସହ ଆବଶ୍ୟକସ୍ଥଳେ ତୁରନ୍ତ ମରାମତି ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ତଦାରଖ କରିବା ସହିତ କୌଣସି ଅସୁବିଧା ଥିଲେ, ଯଥା ଶୀଘ୍ର ସମାଧାନ କରିବା ପାଇଁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପରାମର୍ଶ ଦେଇଥିଲେ । ସହରାଞ୍ଚଳରେ ଥିବା ନାଳ ନର୍ଦ୍ଦମାକୁ ଯଥାଶୀଘ୍ର ସଫା କରି ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା, ବାତ୍ୟାରେ ଫସଲ ଓ ନିର୍ମାଣ ଆଦିର କ୍ଷୟକ୍ଷତି ଘଟିଲେ, ତାହାର ଆକଳନ କରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କହିଥିଲେ। କୌଣସି ଅଂଚଳରେ ଯେପରି ଜଣ୍ଡିସ୍ ଓ ଝାଡ଼ାବାନ୍ତି ନ ବ୍ୟାପିବ, ସେଥିପ୍ରତି ସଂପୂର୍ଣ୍ଣ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା, ଟେଲି ଯୋଗାଯୋଗ ବ୍ୟବସ୍ଥା, ଶୁଖିଲା ଖାଦ୍ୟ ମହଜଦ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଉଦ୍ଧାର କାର୍ଯ୍ୟ ପାଇଁ ରାପିଡ୍ ରେସ୍ପନସ୍ ଟିମ ମୁତୟନ, ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଓ ରୋଗୀ ଚିକିତ୍ସା ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ, ଗୃହପାଳିତ ପଶୁ ସଂପଦର ସୁରକ୍ଷା, ଚାଷ କାର୍ଯ୍ୟ ପରିଚାଳନା, ସାର ମହଜୁଦ ଓ ବିକ୍ରିର ତଦାରଖ କରିବା, ବହୁମୁଖୀ ଆଶ୍ରୟ ସ୍ଥଳୀରେ ଆନୁସାଙ୍ଗିକ ବ୍ୟବସ୍ଥା, ସରଞ୍ଜାମର ତଦାରଖ ଓ ପ୍ରସ୍ତୁତି ଆଦି ସଂପର୍କରେ ଆଲୋଚନା ହୋଇଥିଲା ।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଂଜୟ ମହାପାତ୍ରଙ୍କ ସମେତ ସମସ୍ତ ଉପ-ଜିଲ୍ଲାପାଳ, ସଂପୃକ୍ତ ବିଭାଗୀୟ ଅଧିକାରୀଗଣ, ବିଡ଼ିଓ, ତହସିଲଦାର, ଅଗ୍ନିଶମ ଏବଂ ଓଡ୍ରାଫର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଦିବ୍ୟ ଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲ୍‌ର ସଫଳତା



Linet Behera | Diptendu Sekhar Samal | Kishan Behera

**ବେତନଟୀ,୧୪ା୫ (ସଂଚାର ବ୍ୟୁରୋ):** ଦିବ୍ୟ ଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡାରୀ ବେତନଟୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଣା ସ୍ଥିତ ଦିବ୍ୟ ଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡରୀରେ ୩ ଜଣ ୮୦ ଶତାଂଶରୁ ଅଧିକ ନମ୍ବର ରଖିଛନ୍ତି । ବିଦ୍ୟାଳୟର ଲିନେଟ ବେହେରା ୮୫. ୪ ଶତାଂଶ, ଦୀପ୍ତେନ୍ଦୁ ଶେଖର ସାମଲ ୮୨ ଶତାଂଶ ଓ କିଷାନ ବେହେରା ୮୧ ଶତାଂଶ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାର୍ଥୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ବିଷ୍ଣୁମୁଣ୍ଡାରେ ହେବ ନୂଆ ଜିଲ୍ଲାପାଳ କାର୍ଯ୍ୟାଳୟ
### ରାଜ୍ୟ ସରକାରଙ୍କୁ ପଠାଯାଇଛି ପ୍ରସ୍ତାବ, ୧୦୦ କୋଟିର ବ୍ୟୟ ବରାଦ



**ବଲାଙ୍ଗିର,୧୪ା୫ (ସଂଚାର ବ୍ୟୁରୋ):** ବଲାଙ୍ଗିର ସହରର ବିଷ୍ଣୁମୁଣ୍ଡା ଠାରେ ହେବ ପ୍ରସ୍ତାବିତ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। ଏନେଇ ପୂର୍ତ୍ତ ବିଭାଗ ପକ୍ଷର ପ୍ଲାନିଂ ଏବଂ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ନକ୍ସା ଅନୁଯାୟୀ ଭବିଷ୍ୟତକୁ ନଜରରେ ରଖି ପ୍ରାୟ ୧୪ ଏକର ଜମି ଅଧିଗ୍ରହଣ କରାଯିବ। ସେଥରୁ ପ୍ରାୟ ୩.୯୨୫ ଏକର ଜମିରେ ହେବାକୁ ଥିବା ଏହି ଅତ୍ୟାଧୁନିକ କୋଠାଟି ତିନି ମହଲା(ଜି-୩) ବିଶିଷ୍ଟ ହେବ। ଏହାବାଦ୍ ୮୨୬ ବର୍ଗମିଟର ଅଞ୍ଚଳରେ ଏକ ଦୁଇମହଲା ବିଶିଷ୍ଟ ଅତିଥି ଭବନ ଏବଂ ୮୨୩ ବର୍ଗ ମିଟର ଜମିରେ ଏକ ଦୁଇମହଲା ବିସିଷ୍ଟ ପୁଲିସ ଷ୍ଟେସନ ରହିବାର ବ୍ୟବସ୍ଥା କରାଯାଇଛି।

କେବଳ ଏତିକି ନୁହେଁ ଏହି କ୍ୟାମ୍ପସରେ ଏକ ପ୍ରସ୍ତିତି ହ୍ୟାଲିପେଡର ବ୍ୟବସ୍ଥା ମଧ୍ୟ କରାଯାଉଛି। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଏହି ଗୋଟିଏ କୋଠାରେ ରହିବ। କୋଠା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ତେବେ ଜୁନ ସୁଦ୍ଧା ଡିପିଆରକୁ ଅନୁମୋଦନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ ପ୍ରସ୍ତୁତି ଚଳାଇଥିବା ପୂର୍ତ୍ତ ବିଭାଗ ସୁପରିଟେଣ୍ଡିଙ୍ଗ ଇଂଜିନିୟର ଆଶୁତୋଷ ଜେନା ପ୍ରକାଶ କରିଛନ୍ତି। ଡିପିଆର ଅନୁଯାୟୀ ମିନି-ସଚିବାଳୟ ଢାଂଚାରେ ହେବାକୁ ଥିବା ଏହି କୋଠାର ମଧ୍ୟଭାଗରେ ଜିଲ୍ଲାପାଳଙ୍କ ଚାମ୍ବାର, ଏଡିଏମଙ୍କ ଚାମ୍ବାର, ଏନଆଇସି ବୈଠକ କକ୍ଷ, ଅଭିଯୋଗ ହଲ, କୋର୍ଟ ରୁମ୍, ରେକର୍ଡ ରୁମ୍, ପ୍ରତୀକ୍ଷାଳୟ, ସିଡି, ଲିଫ୍ଟ ଏବଂ ମହିଳା ଓ ପୁରୁଷ ଶୌଚାଳୟ ରହିବ। ପ୍ରଥମ ମହଲାରେ ବିଭାଗୀୟ ଶାଖା ଯଥା ତାଉଜି, ରାଜସ୍ୱ ପ୍ରତିଷ୍ଠାନ, ସାଧାରଣ, ନଜାରତ, ଜରୁରୀକାଳୀନ, ନ୍ୟାୟିକ, ନିର୍ବାଚନ, ଶାଖା ସମେତ ଶୌଚାଳୟ ଇତ୍ୟାଦି ରହିବ।

ଦ୍ୱିତୀୟ ମହଲାରେ ଜମି ଅଧିଗ୍ରହଣ, ଜନଗଣନା, ମଙ୍ଗଳ କାର୍ଯ୍ୟାଳୟ, ସଚଂୟ ଅଧିକାରୀ କାର୍ଯ୍ୟାଳୟ, ସମ୍ମିଳନୀ ହଲ୍ ଅଦି ରହିବ। ସେହିପରି ତୃତିୟ ମହଲାରେ ମଧ୍ୟ ବିଭିନ୍ନ କାଯ୍ୟାଳୟ ରହିବ। ଏହାବାଦ ନିକଟରେ ଏକ ପୁଲିସ ଷ୍ଟେସନ ରହିବ। ଯେଉଁଥିରେ ମାର୍ଗଦର୍ଶିକା ଅନୁଯାୟୀ ମହିଳା ଓ ଶିଶୁ ଡେକ୍ସ, ଭିଏଚଏଫ ରୁମ୍, ସିସିଟିଏନଏସ, ରାଡାର, ବାରାକ, ମାଲଖାନା, ଶୌଚାଳୟ ରହିବ। ଏହାବାଦ ପାଖରେ ଦୁଇମହଲା ବିଶିଷ୍ଟ ଏକ ଅତିଥି ଭବନ ହେବ। ଯେଉଁଥିରେ ପାର୍କିଂ, ପ୍ରତୀକ୍ଷାଳୟ ଏବଂ ୫ଟି ଅତିଥି କକ୍ଷ ରହିବ। ଏହାବାଦ୍ କାର୍ଯ୍ୟାଳୟକୁ ସ୍ୱତନ୍ତ୍ର ପ୍ରବେଶ ଏବଂ ପ୍ରସ୍ଥାନ ରାସ୍ତା ରହିବ।

ସଂଚାର THE SANCHAR

# ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରୁ ପୁଲିସ

- ସାଧାରଣ ଲୋକଙ୍କ ପାଇଁ ବନ୍ଧୁ ଭଳି ପରିଚୟ ସୃଷ୍ଟି ହେଉ
- ସଂଗଠିତ ଅପରାଧ ନିୟନ୍ତ୍ରଣ ନିର୍ଦ୍ଦେଶ
- କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ, ପାଟ୍ରୋଲିଂକୁ ଗୁରୁତ୍ୱ



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ରାଜ୍ୟ ପ୍ରଶାସନ, ପୁଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇ କହିଛନ୍ତି ଯେ ରାଜ୍ୟ ପୁଲିସ ଏଭଳି ପଦକ୍ଷେପ ନେଉ, ଯାହାଦ୍ୱାରା ପୁଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ହୋଇ କାମ କରିବା ଆବଶ୍ୟକ। ପୁଲିସ ସହ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ମିଳିପାରିବ। ଯେକୌଣସି ଅପରାଧିକ କାର୍ଯ୍ୟକଳାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୁଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁଲିସ ସମ୍ପୂର୍ଣ୍ଣ ଭାବେ ଅପରାଧ ପ୍ରତି ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ ମ୍ୟାପିଙ୍ଗ ସହ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହ ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ, ଏହାଦ୍ୱାରା ପୁଲିସକୁ ସୂଚନା ମିଳିବାରେ ସହାୟକ ହେବ। ଏହାଦ୍ୱାରା ପୁଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁଯୋଗ ମିଳିବ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୁଲିସର ଉପସ୍ଥିତି ସର୍ବସାଧାରଣରେ ପରିଲକ୍ଷିତ ହେବା ଅତ୍ୟନ୍ତ ଜରୁରୀ। ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ଦ୍ୱାରା ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୁଲିସ ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆଙ୍କୁ ମଧ୍ୟ ଦମନ କରାଯାଉ। ଯେକୌଣସି ସ୍ଥାନରେ ଅପରାଧିକ ତତ୍ତ୍ୱ ବିରୁଦ୍ଧରେ ପୁଲିସ ଆଇନ ଅନୁଯାୟୀ ଆଗୁଆ ପଦକ୍ଷେପ ନେଇ ଅପରାଧ ସମ୍ଭାବନାକୁ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଓ ଏସ୍‌ପିମାନେ ଜିଲ୍ଲା ସ୍ତରରେ ନିୟମିତ ଭାବେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିୟମିତ ଭାବେ ଅବଗତ କରିବାକୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ।

## ମିଳୁନି ପେଟ୍ରୋଲ, ଲୋକେ ହନ୍ତସନ୍ତ



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ): ରାଜଧାନୀର ଅନେକ ସ୍ଥାନରେ ଏବେ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ବିଶେଷକରି ଗାଡ଼ିକିଆ ଓ କଳ୍ପନାର ବିଭିନ୍ନ ଟାଙ୍କିରେ ପେଟ୍ରୋଲ କି ଡିଜେଲ୍ ମିଳୁନାହିଁ। ପ୍ରଥମେ ଖୋର୍ଦ୍ଧାର ଟେଲୁନିଆ, ପରେ ଜଗତସିଂହପୁର ଓ ଏବେ ରାଜଧାନୀରେ ତୈଳ ସଙ୍କଟ ଦେଖିବାକୁ ମିଳିଛି। ଜରୁରୀକାଳୀନ ସମୟରେ ପେଟ୍ରୋଲ ନ ମିଳିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଜୟପୁରରେ ମଧ୍ୟ ପୁଣି ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। ପେଟ୍ରୋଲ ଡିଜେଲ ନ ଥିବାରୁ ଜୟପୁରରେ ସହରର ୬ଟି ପେଟ୍ରୋଲ ଟାଙ୍କିକୁ ବନ୍ଦ କରାଯାଇଛି। ଫଳରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାତ୍ର ୨ଟି ପମ୍ପରେ ତେଲ ମିଳୁଛି। ସେଣୁ ସେଠାରେ ପେଟ୍ରୋଲ ପକାଇବାକୁ ସକାଳୁ ସକାଳୁ ଗାଡ଼ି ମାଲିକମାନଙ୍କର ପ୍ରବଳ ଭିଡ଼ ଜମିଛି। ଦୁଇଚକିଆ ଯାନକୁ ୨୦୦ ଓ ଚାରିଚକିଆ ଯାନକୁ ସର୍ବାଧିକ ୫୦୦ ଟଙ୍କାର ପେଟ୍ରୋଲ ମିଳୁଛି। ପେଟ୍ରୋଲ ଅଭାବରୁ ଅନେକ ଟାଙ୍କି ବନ୍ଦ ଥିବା ବେଳେ ଲୋକମାନଙ୍କ ମଧ୍ୟରେ ପେଟ୍ରୋଲ୍ କି ଡିଜେଲ୍ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଗକୁ ଏହା ମିଳିବ କି ନାହିଁ, ସେଇ ସନ୍ଦେହରେ ଲୋକେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ପ୍ରବଳ ଭିଡ଼ ଜମାଉଛନ୍ତି।

## ମହଙ୍ଗା ପଡ଼ିଲା ଅଳଙ୍କାର କିଣି ଟଙ୍କା ନଦେବା

# ନିଲମ୍ବିତ ହେଲେ ଆସ୍କା ଏସଡିପିଓ



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ): ଆସ୍କାର ସବଡିଭିଜନାଲ ପୁଲିସ ଅଧିକାରୀ (ଏସଡିପିଓ) ସନ୍ତୋଷ କୁମାର ଜେନାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଗୃହ ବିଭାଗ ତାଙ୍କୁ ନିଲମ୍ବିତ କରିଛି। ସୂଚନାନୁଯାୟୀ, ଆସ୍କାର ଜଣେ ଅଳଙ୍କାର ବ୍ୟବସାୟୀ ଅଭିଯୋଗ କରିଛନ୍ତି ଯେ ସନ୍ତୋଷ କୁମାର ଜେନା ସୁନା ଅଳଙ୍କାର କିଣିବା ପରେ ଦେୟ ନ ଦେଇ ଧମକଚମକ ଦେଇଥିଲେ। ପରେ ବ୍ୟବସାୟୀ ଏହି ମାମଲାକୁ ଡିଜିପି ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ନେଇଥିଲେ। ଏଥିସହ ସେ ଫେସବୁକରେ ଏନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଡିଲିଟ କରାଯାଇଥିଲା। ଅଭିଯୋଗ ପରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ତଦନ୍ତ କରି ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ରିପୋର୍ଟ ଆଧାରରେ ଆସ୍କା ଏସଡିପିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଶ୍ରୀ ଜେନାଙ୍କୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ ନିୟମ ଅନୁଯାୟୀ ତୁରନ୍ତ ନିଲମ୍ବନ କରାଯାଇଛି। ସେ ଏବେ ଦକ୍ଷିଣାଞ୍ଚଳ ରେଞ୍ଜର୍ ପୁଲିସ ମହାନିରୀକ୍ଷକ ନୀତି ଶେଖରଙ୍କ କାର୍ଯ୍ୟାଳୟରେ ରହିବେ। ସେ ଆଇଜିଙ୍କ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବେ ଓ ତାଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ଓଡ଼ିଶା ସେବା ସଂହିତାର ନିୟମ ୯୦ ଅନୁଯାୟୀ ଭତ୍ତା ନେବା ସକାଶେ ଅନୁମତି ଦିଆଯାଇଛି।

## ବ୍ରହ୍ମପୁରରେ ସିରିଜ୍ ଚୋରି: ଲଗାତାର ୫ ରାତି ଧରି ଲୁଟ୍



ବ୍ରହ୍ମପୁର,୧୪।୫(ସଂଚାର ବ୍ୟୁରୋ): ବ୍ରହ୍ମପୁରରେ ସିରିଜ୍ ଚୋରି ଦେଖିବାକୁ ମିଳିଛି। ଲଗାତାର ୫ ରାତି ଧରି ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଅଞ୍ଚଳରେ ଏପରି ସିରିଜ୍ ଚୋରି ହୋଇଛି। ଚୋରମାନେ ଲଗାତାର ଭାବେ ଚୋରି କରି ଚମ୍ପଟ ମାରୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ଖେଳିଯାଇଛି। ମିଳିଥିବା ସୂଚନାନୁସାରେ, ଗତ ୯ ତାରିଖରେ କେ. ନୂଆଗାଁରେ ପ୍ରଥମେ ଚୋରି ହୋଇଥିଲା। ଏହାପରଦିନ ଅର୍ଥାତ୍ ୧୦ ତାରିଖରେ ଲିଆଖାଇରେ ଜଣଙ୍କ ଘରେ ପଶି ଦୁର୍ବୃତ୍ତମାନେ ୨୫ ତୋଳା ସୁନା ଅଳଙ୍କାର ନେଇଯାଇଥିଲେ। ସେହିପରି ୧୧ ତାରିଖରେ ଜଣେ ମହିଳା ପାଣି ନେଉଥିବା ସମୟରେ ଚୋର ତାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେଇ ଚାଲିଯାଇଥିଲେ। ଆହୁରି ୧୨ ତାରିଖରେ ଚିକିଟି ଓ ୧୩ ତାରିଖ ରାତିରେ ଧାନଘର- ତେନ୍ତୁଳିଆ ରାସ୍ତାରେ ଥିବା ଏକ ଘରେ ପଶି ଦୁର୍ବୃତ୍ତମାନେ ୧୫ ଭରି ସୁନା ଓ ୫ ଭରି ଓଜନର ରୁପା ଲୁଟ କରିଥିବା ଅଭିଯୋଗ ହୋଇଛି। ତେବେ ଏହି କ୍ରମାଗତ ଚୋରି ଘଟଣାରେ ଦୁର୍ବୃତ୍ତମାନଙ୍କୁ ଧରିବା ସକାଶେ ସ୍ଥାନୀୟ ପୁଲିସ୍ ତନାଘନା ଜାରି ରଖିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍‌କୁ ଅଦ୍ୟାବଧି ଏଥିରେ କୌଣସି ପ୍ରକାର ସଫଳତା ମିଳିପାରିନାହିଁ।

## ସର୍ପାଘାତରେ ବୃଦ୍ଧଙ୍କ ମୃତ୍ୟୁ

ଗଜପତି,୧୪।୫(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ପଞ୍ଚାୟତର ଲଣ୍ଡାହାତୀ ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଉକ୍ତ ଗ୍ରାମର ବିଜୟ ଭୂୟାଁ (୬୦)। ଗତକାଲି ବିଳମ୍ବିତ ରାତିରେ ବିଜୟ ତାଙ୍କ ଘର ବାରଣ୍ଡାରେ ଶୋଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରାୟଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯିବାରୁ ତାଙ୍କୁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ବିଜୟଙ୍କ ଜୀବନ ଚାଲିଯାଇଥିଲା। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମରେ ସପ୍ତାହେ ପୂର୍ବରୁ କାଳବୈଶାଖୀ ଯୋଗୁଁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ବିଭାଗୀୟ କର୍ମଚାରୀମାନେ ମରାମତି କରିବାକୁ ଆସି ଅଧାରେ କାମ ଛାଡ଼ି ଚାଲିଯାଇଛନ୍ତି। ଫଳରେ ଗ୍ରାମବାସୀ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି। ଏଭଳି ପରିସ୍ଥିତିରେ ପ୍ରବଳ ଗୁଳୁଗୁଳି ହେଉଥିବାରୁ ଗତକାଲି ରାତିରେ ବିଜୟ ବାରଣ୍ଡାରେ ଶୋଇଥିଲେ। ତେବେ ରାତିରେ କୌଣସି ବିଷାକ୍ତ ସାପ ତାଙ୍କୁ କାମୁଡ଼ିଦେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତେବେ ବିଜୟଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ୱାରେଣ୍ଟି ବଦଳରେ ଅନ୍ୟ ଜଣକୁ ଉଠାଇନେଲା ପୁଲିସ

କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ): ଜଣଙ୍କ ନାଁରେ ୱାରେଣ୍ଟ ଅଛି, କିନ୍ତୁ ପୁଲିସ୍ ଅନ୍ୟ ଜଣଙ୍କୁ ଉଠାଇ ନେଇଛି। ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଦୀର୍ଘ ୧୨ ଘଣ୍ଟା ଧରି ଅଟକ ରଖିବା ପରେ ପୁଲିସ୍ ଆଧାର କାର୍ଡ ଦେଖି ତାଙ୍କୁ ମୁକ୍ତ କରିଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ସଦର ଥାନା ସାରଙ୍ଗ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି ଗାଁର ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ହୃଷୀକେଶ ପ୍ରଧାନଙ୍କୁ ଗତକାଲି ରାତି ପ୍ରାୟ ୧୨ଟା ସମୟରେ ସଦର ଥାନାର ଏକ ସ୍ୱତନ୍ତ୍ର ଟିମ୍ ଘରେ ଶୋଇଥିବା ଅବସ୍ଥାରେ ଉଠାଇ ନେଇଥିଲା। ତାଙ୍କ ନାଁରେ ସେଭଳି କୌଣସି ମାମଲା ନ ଥିବା ପରିବାର ଲୋକେ ଯେତେ କହିଲେ ବି ଉକ୍ତ ଟିମ୍ କିଛି ବି ଶୁଣିନଥିଲା। ଫଳତଃ କୌଣସି ଦୋଷ ନ ଥିବା ସତ୍ତ୍ୱେ ହୃଷୀକେଶଙ୍କୁ ଦୀର୍ଘ ୧୨ ଘଣ୍ଟା କାଳ ଥାନାରେ କଟାଇବାକୁ ପଡ଼ିଥିଲା। ଘଟଣାକୁ ଟିକିନିଖି ଅନୁଧ୍ୟାନ କରିବା ପରେ ୱାରେଣ୍ଟରେ ମଧୁସୂଦନ ପ୍ରଧାନଙ୍କ ପୁଅ ହୃଷୀକେଶ ପ୍ରଧାନଙ୍କ ନାମ ଥିବା ପୁଲିସ ଜାଣିବାକୁ ପାଇଥିଲା ଏବଂ ଭୁଲ୍‌ବଶତଃ ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ହୃଷୀକେଶଙ୍କୁ ଉଠାଇ ଆଣିଥିବା ଜାଣିପାରିବା ପରେ ତାଙ୍କୁ ଛାଡ଼ି ଦେଇଥିଲା। ତେବେ ପୁଲିସ୍‌ର ଏପରି ଏକ ଭୁଲ୍ ପାଇଁ ହୃଷୀକେଶଙ୍କ ପରିବାର ମାନସିକ ଦୁଶ୍ଚିନ୍ତା ମଧ୍ୟ ଦେଇ ଗତି କରୁଛି। ଏପରିକି ହୃଷୀକେଶ ନିର୍ଦ୍ଦୋଷ ହୋଇଥିଲେ ମଧ୍ୟ ଗ୍ରାମବାସୀ ତାଙ୍କ ପରିବାର ଉପରକୁ ଅଙ୍ଗୁଳି ଦେଖାଉଛନ୍ତି। ଫଳରେ ଏହି ତ୍ରୁଟି ପାଇଁ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାର ତଦନ୍ତ ହେବ ବୋଲି କେନ୍ଦ୍ରାପଡ଼ା ଏସ୍‌ଡିପିଓ କହିଛନ୍ତି।

## ଆହୁରି ୫ ଦିନ ରହିବ କାଳବୈଶାଖୀ ପ୍ରଭାବ

● ୨୩ ଜିଲ୍ଲାରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ନେଇ ପୂର୍ବାନୁମାନ



ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ): ଦିନରେ ତହ ତହ ଖରା ହେଉଥିବା ବେଳେ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଘୋଟି ଆସୁଛି ମେଘ। ଅସହ୍ୟ ଖରା ଗରମ ଗୁଳୁଗୁଳିରେ ସାରା ଓଡିଶା ସିଝୁଥିବା ବେଳେ କାଳବୈଶାଖୀ ବର୍ଷାରେ ମଧ୍ୟ କେତେକ ଜିଲ୍ଲା ଭିଜୁଛି। ପବନ ସହ କାଳବୈଶାଖୀ ତାଣ୍ଡବ ରଚୁଥିବା ବେଳେ ଆହୁରି ୫ ଦିନ ଯାଏ ଏହାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ଅନୁଗୋଳ ଓ ଢେଙ୍କାନାଳ ଏହିପରି ୭ ଜିଲ୍ଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏଥିସକାଶେ ଉପରୋକ୍ତ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ଏଥିସହ ଅବଶିଷ୍ଟ ୨୩ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଘଣ୍ଟା ପ୍ରତି ୩୦ରୁ ୫୦ କିମି ବେଗରେ ପବନ ବହିବାକୁ ଥିବାରୁ ଏନେଇ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି। ସେହିପରି ଆସନ୍ତାକାଲି ନୂଆପଡ଼ା, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେଓଗଡ଼, ବରଗଡ଼ ଓ ଝାରସୁଗୁଡା ଆଦି ୭ଟି ଜିଲ୍ଲାକୁ ବାଦ୍ ଦେଇ ଅବଶିଷ୍ଟ ୨୩ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଘଣ୍ଟା ପ୍ରତି ୩୦ରୁ ୫୦ କିମି ବେଗରେ ଝଟକା ପବନ ବହିବ ବୋଲି କୁହାଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଲଘୁଚାପ ଆଜି ସ୍ପଷ୍ଟ ଚିହ୍ନିତ ହୋଇଛି।

### ❖ ଆକ୍ସନ୍ ମୋଡ୍‌ରେ ତିନି ବିଭାଗ ❖ ଲକ୍ଷ ଲକ୍ଷ ଟଙ୍କାର ଗଚ୍ଛିତ ବାଲି ଜବତ

# ଚଢ଼ାଉ ପରେ ବାଲି ମାଫିଆଙ୍କ ହୋସ୍ ଉଡ଼ିଲା



ଆନନ୍ଦପୁର,୧୪।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବେଆଇନ ବାଲି କାରବାର ବିରୋଧରେ ପ୍ରଶାସନ ପକ୍ଷରୁ ଆଜି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୈତରଣୀ ନଦୀ କୂଳର ବିଭିନ୍ନ ସ୍ଥାନରେ ତିନି ବିଭାଗର ମିଳିତ ଚଢ଼ାଉ ପରେ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଧକୋଠା ଓ ବୀରଗୋବିନ୍ଦପୁର ବାଲି ଘାଟରୁ ଲକ୍ଷ ଲକ୍ଷ ଟଙ୍କାର ଗଚ୍ଛିତ ବାଲି ମଧ୍ୟ ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ, କିଛି ଦିନ ତଳେ ବେଆଇନ ବାଲି ବୋଝେଇ ଗାଡ଼ି ଧରାପଡ଼ିବା ପରେ ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଥିଲା। ଆଜି କେନ୍ଦୁଝର ଖଣି ବିଭାଗ, ଆନନ୍ଦପୁର ପୁଲିସ୍ ପ୍ରଶାସନ ଓ ଘଷିପୁରା ଏବଂ ଆନନ୍ଦପୁର ତହସିଲ ପକ୍ଷରୁ ବୈତରଣୀ ନଦୀର ଧକୋଠା, ବୀରଗୋବିନ୍ଦପୁର ସହ ବିଭିନ୍ନ ବାଲି ଘାଟରେ ଅଚାନକ ଚଢ଼ାଉ କରାଯାଇଥିଲା। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ବାଲି ମାଫିଆଙ୍କ ଦବଦବା ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ସେହିପରି ନଦୀ କୂଳରୁ ପ୍ରାୟ ନଅ ଶହ ଟ୍ରିପରୁ ଅଧିକ ଗଚ୍ଛିତ ବାଲି ଜବତ ହୋଇଛି। ଚଢ଼ାଉ ସମୟରେ ଧକୋଠା ଘାଟରୁ ସରକାରୀ ମୂଲ୍ୟ ଅନୁସାରେ ପ୍ରାୟ ଦୁଇ ଲକ୍ଷ ଟଙ୍କାର ଗଚ୍ଛିତ ବାଲି ଜବତ ହୋଇଥିବା ବେଳେ ବୀରଗୋବିନ୍ଦପୁର ଘାଟରୁ ପ୍ରାୟ ଏକ ଲକ୍ଷ ଟଙ୍କାର ବାଲି ଜବତ ହୋଇ। ତେବେ ଏହି ଗଚ୍ଛିତ ବାଲିର ଦାମ୍ ପାଖାପାଖି ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ମିଳିତ ଚଢ଼ାଉରେ ଜିଲ୍ଲା ଖଣି ବିଭାଗର କନିଷ୍ଠ ଅଧିକାରୀ ବାପି ସାହୁ ଓ ପ୍ରଦୀପ କୁମାର ମହାନ୍ତ, ଆନନ୍ଦପୁର ଏସଡିପିଓ କମଳା କୁମାର ପଣ୍ଡା, ଘଷିପୁରା ଥାନାଧିକାରୀ କିଶ୍ୱର ଚନ୍ଦ୍ର ପ୍ରଧାନ, ଘଷିପୁରା ତହସିଲର ଅତିରିକ୍ତ ତହସିଲଦାର ସରୋଜ କୁମାର ପଣ୍ଡା, ଧକୋଠା ଆର୍‌ଆଇଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ୍ ଥିଲେ। ପ୍ରଶାସନର ଏହି ଅଚାନକ ଚଢ଼ାଉ ପରେ ବେଆଇନ ବାଲି କାରବାରରେ ଲିପ୍ତ ଥିବା ମାଫିଆଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଆଗାମୀ ଦିନରେ ଏଭଳି ଚଢ଼ାଉ ଆହୁରି ଜୋରଦାର ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ■ ବେଆଇନ ପଥର ଖଣି ବିବାଦ

## ଗୁଳି ସହ ବୋମା ମାଡ଼, ୩ ଆହତ

ଡେଲାଙ୍ଗ,୧୪।୫(ସଂଚାର ବ୍ୟୁରୋ): ଡେଲାଙ୍ଗରେ ଖଣି ମାଫିଆଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। ବେଆଇନ ପଥର ଖଣି ଖାଦାନକୁ ବିରୋଧ କରିବାରୁ ବୋମାମାଡ଼ ସହ ଫାଙ୍କାରେ ଗୁଳି ଚାଳନା କରିଛନ୍ତି ପଥର ମାଫିଆ। ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ହରିପୁର ଗାଁରେ ୩ରୁ ଅଧିକ ବୋମାମାଡ଼ ସହ ଗୁଳିମାଡ଼ ହୋଇଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏହି ଘଟଣାରୁ ଅଳ୍ପକେ ୭ ଜଣ ବର୍ତ୍ତିଯାଇଛନ୍ତି।



ମିଳିଥିବା ସୂଚନାନୁସାରେ, ଡେଲାଙ୍ଗ ଅଞ୍ଚଳରେ ବେଆଇନ ପଥର ଖଣିକୁ ନେଇ ବିବାଦ ଏତେ ଉଗ୍ର ରୂପ ନେଇଛି ଯେ ସେଥିରେ ଗୁଳି ଫୁଟିବା ସହ ବୋମା ମାଡ଼ ହୋଇଥିଲା। ଏଥିରେ ଗୁରୁତର ଆହତ ହୋଇଥିବା ଲୋକମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ଚିକିତ୍ସାଧୀନ ଥିବା ବେଳେ ଡାକ୍ତରମାନେ ସ୍ଥିତି ଉପରେ ନଜର ରଖିଛନ୍ତି। ଅପରପକ୍ଷରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୨ଟି ଅଫୁଟା ବୋମା ସହ ଗୁଳିର ସିସା ଜବତ କରିଛି। ଡେଲାଙ୍ଗ ପୁଲିସ ଓ ହରିରାଜପୁର ଫାଣ୍ଡି ପୁଲିସ ମିଳିତ ଭାବେ ତଦନ୍ତ କରୁଛନ୍ତି। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। କିଏ ଏହି ହିଂସାକାଣ୍ଡରେ ସମ୍ପୃକ୍ତ, ବେଆଇନ ପଥର ଖଣିକୁ ନେଇ କେଉଁ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା, ତା' ଜାଣିବା ସକାଶେ ତଦନ୍ତ ଚାଲିଛି।

## ସାବିତ୍ରୀ ଭାର ନେଇ ଯାଉଥିବା ଯୁବକଙ୍କ ମୃତ୍ୟୁ

ଅନୁଗୋଳ,୧୪।୫(ସଂଚାର ବ୍ୟୁରୋ): ଭଉଣୀ ଘରକୁ ସାବିତ୍ରୀ ଭାର ନେଇ ଯାଉଥିବା ସମୟରେ ଦୁର୍ଘଟଣାରେ ଭାଇର ଜୀବନ ଚାଲିଯାଇଛି। ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ସାନ୍ତରାପୁର ଛକ ନିକଟରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୁଣ୍ଡାସାହି ଗାଁର ଅନୀଲ ପ୍ରଧାନ ତାଙ୍କ ଝିଅ ସହ ଅନୁଗୋଳ ଯାଉଥିବା ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ସୌଭାଗ୍ୟବଶତଃ ତାଙ୍କ କୁନି ଝିଅର କୌଣସି କ୍ଷତି ହୋଇନାହିଁ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଓଡ଼ିଆ ଶ୍ରମିକ



ବଲାଙ୍ଗୀର,୧୪।୫(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାର ତୁଷୁରା ଅଞ୍ଚଳର ଜଣେ ଓଡ଼ିଆ ଶ୍ରମିକ ଗୁଜରାଟକୁ କାମ କରିବାକୁ ଯାଇଥିଲେ। ଡୁଙ୍ଗୁରୀପାଲି ଗାଁର ବୀରେନ୍ଦ୍ର ଛତ୍ରିଆ ଗୁଜରାଟର ଲିଜୁରାସ୍ଥିତ ଏକ ମାର୍ବଲ କାରଖାନାରେ କାମ କରୁଥିବା ବେଳେ ହଠାତ୍ ମେସିନର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଜଣକ ଜଳିଯାଇଥିବା ଜଣାଯାଇଛି।

ବୀରେନ୍ଦ୍ରଙ୍କୁ କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଏକ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସେଠାକାର ପୁଲିସ ଏକ ମାମଲା ରୁଜୁ କରି ମୃତଦେହର ବ୍ୟବଚ୍ଛେଦ କରାଇବା ପରେ ଶ୍ରମିକଙ୍କ ପରିବାର ରହୁଥିବା ଡୁଙ୍ଗୁରୀପାଲି ଗ୍ରାମକୁ ଏକ ଆମ୍ବୁଲାନ୍ସ ଯୋଗେ ପଠାଉଥିବା ଜଣାପଡ଼ିଛି। ତେବେ ଶ୍ରମିକଙ୍କ ମୃତଦେହ ତାଙ୍କ ଗାଁରେ ପହଞ୍ଚି ନଥିବା ବେଳେ ଘରେ ତାଙ୍କ ପତ୍ନୀଙ୍କ ସହ ଦୁଇ ନାବାଳକ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତେବେ ବୀରେନ୍ଦ୍ରଙ୍କ ପରିବାରର ଆର୍ଥିକ ସ୍ଥିତି ଯଥେଷ୍ଟ ଦୁର୍ବଳ ଥିବାରୁ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ପରଦାରେ ଆସିବ ଜିତୁ ମୁଣ୍ଡାଙ୍କ କାହାଣୀ !

ପାଟଣା,୧୪।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ ଡିଆନାଳି ଗ୍ରାମ ଚତୁରୀ ସାହିର ଜିତୁ ମୁଣ୍ଡା ତାଙ୍କ ମୃତ ଭଉଣୀ କଲରା ମୁଣ୍ଡାଙ୍କ ନାମରେ ଥିବା ଟଙ୍କା ଉଠାଇବା ଲାଗି ପ୍ରମାଣ ଦେବାକୁ ଯାଇ ବ୍ୟାଙ୍କକୁ ତାଙ୍କ କଙ୍କାଳ ବୋହି ନେଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟରେ ଯଥେଷ୍ଟ ହଟଚମଟ ସୃଷ୍ଟି ହୋଇଥିଲା। ପରେ ସରକାର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିତୁଙ୍କ ପାଖକୁ ସହାୟତାର ସୁଅ ଛୁଟିଥିଲା। ଜାତୀୟ ସ୍ତରରୁ ବି ତାଙ୍କୁ ଆର୍ଥିକ ସହାୟତା ମିଳିଛି। ତେବେ ଖୁବ୍ ଶୀଘ୍ର ଜିତୁ ମୁଣ୍ଡାଙ୍କ କାହାଣୀ ଦର୍ଶକ ଚଳଚ୍ଚିତ୍ର ପରଦାରେ ଦେଖିପାରିବେ। କାରଣ ତାଙ୍କର କଙ୍କାଳ କାହାଣୀକୁ ନେଇ ଜଣାଶୁଣା ଓଡ଼ିଆ ସିନେ ନିର୍ଦ୍ଦେଶକ ଅଶୋକ ପତି ଗତ ବୁଧବାର ଜିତୁଙ୍କୁ ଜଣାଶୁଣା ଓଡ଼ିଆ ସିନେ ନିର୍ଦ୍ଦେଶକ ଅଶୋକ ପତି ଭେଟିବା ସହ ସିନେମା କରିବା ସକାଶେ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

ଚୁକ୍ତି କଲେ ନିର୍ଦ୍ଦେଶକ ଅଶୋକ ପତି



ପ୍ରକାଶ ଯେ ଶ୍ରୀ ପତି ଦୀର୍ଘ ୩ ଘଣ୍ଟା ଧରି ଜିତୁଙ୍କ ସହ ଉକ୍ତ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ପରେ ସେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଜିତୁଙ୍କ ଜୀବନ ଯୁଦ୍ଧରେ ଯାହା କିଛି ଘଟିଗଲା, ତାହା ଆମ ସମାଜର ସମସ୍ତ ବର୍ଗର ଲୋକଙ୍କୁ ଉଦ୍‌ବେଳିତ କରିଛି। ଜିତୁଙ୍କ ଜୀବନରେ ସେ ଦେଖିବାକୁ ପାଇଲେ ଯେ ଶିକ୍ଷା ଜଣେ ଲୋକ ପାଇଁ ଅତ୍ୟାବଶ୍ୟକ। ଏଥିସହ ଆଧୁନିକ ଡିଜିଟାଇଜେଶନ ତଳ ସ୍ତରରେ ଥିବା ଲୋକଙ୍କ ନିକଟରେ କିଭଳି ପହଞ୍ଚିପାରିବ, ସେସବୁକୁ ନେଇ ଫିଲ୍ମ ନିର୍ମାଣ କରାଯାଇପାରିବ।

ଜିତୁଙ୍କ ଥିମ୍‌କୁ ନେଇ ଫିଲ୍ମଟିଏ କରିବାକୁ ଚିନ୍ତା କରୁଥିବା କହିଛନ୍ତି। ଏଥିସହ ସେ ଜିତୁଙ୍କ ସହ ଏକ ଚୁକ୍ତି ସ୍ଥାନୀୟ ପାଟଣା ନୋଟାରି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କରାଇଥିବା ଆଇନଜୀବୀ ରାହାସ ବିହାରୀ ପୃଷ୍ଟି ସୂଚନା ଦେଇଛନ୍ତି। ଚୁକ୍ତି ସ୍ୱାକ୍ଷର ସମୟରେ ନିର୍ଦ୍ଦେଶକ ଶ୍ରୀ ପତି ଓ ଜିତୁଙ୍କ ସହ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ସମବାୟବିତ୍ ଦୀନବନ୍ଧୁ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଏଥିପାଇଁ ଶ୍ରୀ ପତି ଜିତୁଙ୍କୁ ପାଟଣାସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଅଗ୍ରୀମ ୧ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି। ଶୁଟିଂ ସରିଲେ ୫୦ ହଜାର ଓ ଫିଲ୍ମ ରିଲିଜ ସମୟରେ ବାକି ୫୦ ହଜାର ଲେଖାଏଁ ଏହିପରି ୨ଟି କିସ୍ତିରେ ଟଙ୍କା ପ୍ରଦାନ କରିବେ ବୋଲି ମଧ୍ୟ ଉକ୍ତ ଚୁକ୍ତିନାମାରେ ଉଲ୍ଲେଖ ଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ କ୍ୟାଡ୍ ଡିଭିଜନ ଇଞ୍ଜିନିୟର ଓ ଡିଇଓ କର୍ମଚାରୀ





- ତିନି ସ୍ଥାନରେ ଏକକାଳୀନ ଚଢ଼ାଉ
- ସରକାରୀ ଅର୍ଥ ହେରଫେର ଅଭିଯୋଗ

ଭଦ୍ରକ, ୧୪।୫ (ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କାଡା ଡିଭିଜନ ଇଞ୍ଜିନିୟର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ କାଡା ଡିଭିଜନ୍ ଇଞ୍ଜିନିୟର୍ ବିଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସର ପୃଥକ୍ ଟିମ୍ ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି। ଭିଜିଲାନ୍ସ ଟିମ୍ ଶ୍ରୀ ମହାନ୍ତିଙ୍କ ଭଡ଼ା ଘର ଓ ସରକାରୀ କାର୍ଯ୍ୟାଳୟ ସହ ଅନ୍ୟ ଏକ ସ୍ଥାନରେ ମଧ୍ୟ ଚଢ଼ାଉ କରିଛି। ଭଦ୍ରକ ଭିଜିଲାନ୍ସ ଡିଏସପି ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ ଏହି ଚଢ଼ାଉ ଜାରି ରଖିଛି। ଏହି ଚଢ଼ାଉରେ ୪ ଜଣ ଡିଏସ୍‌ପି ଓ ୪ ଜଣ ଇନ୍ସପେକ୍ଟର ସାମିଲ୍ ଅଛନ୍ତି।

ମିଳିଥିବା ସୂଚନାନୁସାରେ, ଭଦ୍ରକ ଆରଡ଼ି ଛକସ୍ଥିତ ଶ୍ରୀ ମହାନ୍ତିଙ୍କ ବାସଭବନ ସହ ଭୁବନେଶ୍ୱର, କେଉଁଝର ଓ ବାଲେଶ୍ୱରରେ ଏକକାଳୀନ ଚଢ଼ାଉ ଚାଲିଛି। ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସମ୍ମିଳିତ ଭାବେ ତଦନ୍ତ କରୁଥିବା ବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସମ୍ପତ୍ତି ଓ ଆର୍ଥିକ ନେଣଦେଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଶ୍ରୀ ମହାନ୍ତିଙ୍କ ନାମରେ ଭଦ୍ରକ ସହର ଓ ବାଲେଶ୍ୱର ଜିଲ୍ଲାରେ ଯଥାକ୍ରମେ ତିନି ମହଲା ଓ ଦୁଇ ମହଲା କୋଠା ରହିଛି। ଏହାଛଡ଼ା ତାଙ୍କର ୭ଟି ଦାମୀ ପ୍ଲଟ୍ ରହିଛି। ସେଗୁଡ଼ିକ ମଧ୍ୟରୁ ୨ଟି ଭଦ୍ରକ ସହରରେ ଥିବା ବେଳେ ଭୁବନେଶ୍ୱର ଉପକଣ୍ଠରେ ଗୋଟିଏ, ବାଲେଶ୍ୱରର ବସ୍ତା ସହରରେ ୩ଟି ଓ ରାସଗୋବିନ୍ଦପୁରର ଅମର୍ଦ୍ଦାଠାରେ ଗୋଟିଏ ପ୍ଲଟ୍ ରହିଛି। ସେହିପରି ତାଙ୍କ ଘରୁ ୧ ଲକ୍ଷ ୭୩ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ୩ଟି ଦୁଇଚକିଆ ଗାଡ଼ି ବି ଠାବ କରାଯାଇଛି। ସେହିପରି କଟକ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଆଜି ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ଏବେ ବାରଙ୍ଗର ନରାଜସ୍ଥିତ ସିଦ୍ଧେଶ୍ୱର ବିଦ୍ୟା ମନ୍ଦିରରେ କାର୍ଯ୍ୟ କରୁଥିବା ସୁବାସ ଚନ୍ଦ୍ର ସାହୁଙ୍କ ବିରୋଧରେ ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ରହିଛି। ସେ ଡିଇଓ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ୫୧ ଲକ୍ଷ ୫୩ ହଜାର ୬୪୦ ଟଙ୍କାର ସରକାରୀ ଅର୍ଥ ହେରଫେର କରିଥିଲେ। ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ତାରିଖ ମଧ୍ୟରେ ଶ୍ରୀ ସାହୁ ଏହି ଅର୍ଥ ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ସମୟରେ ସାମ୍ନାକୁ ଆସିଛି। ସେ ଆକାଉଣ୍ଟ ସେକ୍ସନ୍ ଦାୟିତ୍ୱରେ ଥିବା ସମୟରେ ସରକାରୀ ପୋର୍ଟାଲ୍‌ରେ ୪ ଜଣ ଲୋକଙ୍କୁ ସେଠାକାର କର୍ମଚାରୀ ଭାବେ ଦର୍ଶାଇ ସେମାନଙ୍କ ବାବଦ ଦରମା ପଇସା ହଡ଼ପ କରୁଥିଲେ। ଦରମା ମିଳିବା ଦିନ ଉକ୍ତ ଟଙ୍କା ୪ ଜଣଙ୍କ ଆକାଉଣ୍ଟକୁ ଯାଉଥିଲେ ମଧ୍ୟ ପରେ ଶ୍ରୀ ସାହୁ ସେସବୁକୁ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଅତି ଚତୁରତାର ସହ ଟ୍ରାନ୍ସଫର୍ କରିଦେଉଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ୧୮/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଶ୍ରୀ ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶୁକ୍ରବାର ୧୫ ମେ ୨୦୨୬
BUSINESS

## ସାଧାରଣ ଜନତାଙ୍କ ଉପରେ ମହଙ୍ଗା ମାଡ଼

# ଏଲପିଜି ଓ କ୍ଷୀର ପରେ ଏବେ ବଢ଼ିଲା ସିଏନ୍‌ଜି ଦର




**ନୂଆଦିଲ୍ଲୀ, ୧୪।୫:** ଏଲପିଜି ଗ୍ୟାସ ସିଲିଣ୍ଡର, ଅମୂଲ ଏବଂ ମଦର ଡେରୀ କ୍ଷୀରର ମୂଲ୍ୟ ବୃଦ୍ଧି ପରେ, ସାଧାରଣ ଲୋକଙ୍କୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ପ୍ରକୃତରେ, ମୁମ୍ବାଇରେ ସିଏନଜି ଏବେ ମହଙ୍ଗା ହୋଇଛି। ମୁମ୍ବାଇରେ ସିଏନଜିର ମୂଲ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଛି। ମୁମ୍ବାଇରେ ସିଏନଜିର ନୂତନ ଖୁଚୁରା ମୂଲ୍ୟ ଏବେ କିଲୋଗ୍ରାମ ପିଛା ୮୪ ଟଙ୍କା ହୋଇଛି। ଫଳସ୍ୱରୂପ, ମୁମ୍ବାଇରେ ଯାତ୍ରୀ ଏବଂ ସାର୍ବଜନୀନ ପରିବହନ ଅପରେଟରମାନଙ୍କୁ ଏବେ ଅଧିକ ଯାତ୍ରା ଖର୍ଚ୍ଚ ବହନ କରିବାକୁ ପଡ଼ିବ। ଏହା ଏମ୍‌ଜିଏଲ୍ – ମହାନଗର ଗ୍ୟାସ ଲିମିଟେଡ ଦ୍ୱାରା ସିଏନ୍‌ଜି (ସଙ୍କୁଚିତ ପ୍ରାକୃତିକ ଗ୍ୟାସ)ର ଖୁଚୁରା ମୂଲ୍ୟରେ କିଲୋଗ୍ରାମ ପିଛା ୨ ବୃଦ୍ଧି ସମ୍ପର୍କରେ ଏକ ଘୋଷଣା ପରେ ହୋଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏବଂ ଇନ୍ଧନ କ୍ରୟ ଖର୍ଚ୍ଚରେ ବୃଦ୍ଧି ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତାକୁ କମ୍ପାନୀ ଏହି ବୃଦ୍ଧି ପାଇଁ ଦାୟୀ କରିଛି। ମୁମ୍ବାଇରେ ସଂଶୋଧିତ ସିଏନଜି ମୂଲ୍ୟ ୧୪ ମଇ ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହୋଇଥିଲା। ବୁଧବାର ଦିନ, ଏମ୍‌ଜିଏଲ୍ ଘୋଷଣା କରିଛି ଯେ ସେହି ରାତି ମଧ୍ୟରାତ୍ରିରୁ ସିଏନଜିର ମୂଲ୍ୟ ୨ ଟଙ୍କାକୁ ବୃଦ୍ଧି ପାଇବ, ଯାହା ଫଳରେ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ନୂତନ ଦର ୮୪ଟଙ୍କା ହେବ। ବୁଧବାରର ବିବୃତ୍ତି ଅନୁଯାୟୀ, ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳରେ ଭୂରାଜନୈତିକ ଅସ୍ଥିରତା, ମହଙ୍ଗା ଗ୍ୟାସ ଉତ୍ସ ଉପରେ ନିର୍ଭରଶୀଳତା ବୃଦ୍ଧି, ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ହେତୁ ଗ୍ୟାସ କ୍ରୟ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ପ୍ରକୃତରେ, ଏହି ମୂଲ୍ୟ ବୃଦ୍ଧି ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଇରାନ ସହିତ ସଂଘର୍ଷ ଯୋଗୁଁ ବିଶ୍ୱ ଶକ୍ତି ବଜାର ପୂର୍ବରୁ ଅସ୍ଥିର ରହିଛି। ଏହି ସଂଘର୍ଷ ଯୋଗାଣ ଶୃଙ୍ଖଳକୁ ବାଧା ଦେଇଛି, ଯାହା ଫଳରେ ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି। ଏହା ପୂର୍ବରୁ, ଅମୂଲ ଏବଂ ମଦର ଡେରୀ କ୍ଷୀର ମୂଲ୍ୟ ପ୍ରତି ଲିଟର ୨ଟଙ୍କାକୁ ବୃଦ୍ଧି କରିଥିଲେ। ପୂର୍ବରୁ ମଧ, ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ପ୍ରାୟ ୧, ୦୦୦ଟଙ୍କାକୁ ବୃଦ୍ଧି ପାଇଥିଲା। ସିଏନ୍‌ଜି ମୂଲ୍ୟ ବୃଦ୍ଧି ଅନିବାର୍ଯ୍ୟ ଭାବରେ ଯାତ୍ରୀମାନଙ୍କ ଉପରେ ପ୍ରଭାବ ପକାଇବ, କାରଣ ସାଧାରଣ ପରିବହନ ଭଡା ବୃଦ୍ଧି ପାଇବାର ଆଶା କରାଯାଉଛି। ଏହି ମୂଲ୍ୟ ବୃଦ୍ଧି ମୁମ୍ବାଇର ପରିବହନ ନେଟୱାର୍କ ଉପରେ ତୁରନ୍ତ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି, ଯେଉଁଠାରେ ବର୍ଦ୍ଧିତ ସଂଖ୍ୟାରେ ଯାନବାହନ ଏବେ ସିଏନ୍‌ଜି ପରି ସ୍ୱଚ୍ଛ ଏବଂ ଅଧିକ ସୁଲଭ ଇନ୍ଧନ ଆଡକୁ ମୁହାଁଇଛି। ଏମ୍‌ଜିଏଲ୍ ଅନୁଯାୟୀ, ଏମ୍‌ଏମ୍‌ଆର (ମୁମ୍ବାଇ ମହାନଗର କ୍ଷେତ୍ର)ରେ ପ୍ରାୟ ୧.୨୮ ନିୟୁତ ଯାନବାହନ ସିଏନ୍‌ଜି ରେ ଚାଲିଥାଏ। ଏଥିରେ ପ୍ରାୟ ୪୭୦, ୦୦୦ ଅଟୋ-ରିକ୍ସା, ୧୬୦, ୦୦୦ ରୁ ଅଧିକ ଟ୍ୟାକ୍ସି ଏବଂ ୫୦୦, ୦୦୦ ରୁ ଅଧିକ ବ୍ୟକ୍ତିଗତ କାର ଅନ୍ତର୍ଭୁକ୍ତ। ଅତିରିକ୍ତ, ମୁମ୍ବାଇରେ ଅଟୋ-ରିକ୍ସା ଚାଳକମାନଙ୍କ ପାଇଁ, ସିଏନ୍‌ଜି ମୂଲ୍ୟ ବୃଦ୍ଧି ଯୋଗୁଁ ପ୍ରତି କିଲୋମିଟରରେ ପ୍ରାୟ ୧.୦୩ ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବ। ଏହି ପ୍ରଭାବ ସିଧାସଳଖ ଯାତ୍ରୀମାନଙ୍କ ଉପରେ ପଡ଼ିବ। ପରିବହନ ବିଭାଗ ଅନୁଯାୟୀ, ଅଟୋ ଏବଂ ଟ୍ୟାକ୍ସି ଭଡା ସଂଶୋଧନ ସମ୍ପର୍କରେ ଆଲୋଚନା ଖୁବ ଶୀଘ୍ର ହେବାର ସମ୍ଭାବନା ଅଛି। ଅଟୋ ଏବଂ ଟ୍ୟାକ୍ସି ବ୍ୟତୀତ, ଏହି ମୂଲ୍ୟ ବୃଦ୍ଧି ହଜାର ହଜାର ବେଷ୍ଟ ଏବଂ ରାଜ୍ୟ ପରିବହନ ବସ ଉପରେ ମଧ ପ୍ରଭାବ ପକାଇବ।



## ଇଣ୍ଟରନେଟ୍ ଉପରେ 'ଟୋଲ୍' ଲାଗୁ କରିବ ଇରାନ



**ନୂଆଦିଲ୍ଲୀ, ୧୪।୫:** ସାରା ବିଶ୍ୱର ଇଣ୍ଟରନେଟ୍ କ'ଣ ଏବେ ଇରାନ ନିୟନ୍ତ୍ରଣକୁ ଚାଲିଯିବ ? ହ୍ୱାଟସ୍‌ଆପ୍, ୟୁପିଆଇ ଏବଂ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସେବା କ'ଣ ମଧ୍ୟପ୍ରାଚ୍ୟର ରାଜନୀତି ଯୋଗୁଁ ଠପ୍ ହୋଇଯିବ ? ଗତ କିଛି ଦିନ ହେବ ସମୁଦ୍ର ମଧ୍ୟଭାଗରୁ ଆସୁଥିବା ଏକ ଖବର ଏବେ ସାରା ବିଶ୍ୱର ଟେକ୍ନୋଲୋଜି ଦୁନିଆରେ ହଲଚଲ ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ଇରାନ ଏବେ ସମୁଦ୍ର ତଳେ ବିଛାଯାଇଥିବା ସେହି ଇଣ୍ଟରନେଟ୍ କେବୁଲ୍ ଗୁଡ଼ିକ ଉପରେ ନିଜର ନିୟନ୍ତ୍ରଣ ବଢ଼ାଇବାକୁ ପ୍ରସ୍ତୁତି କରୁଛି, ଯାହା ମାଧ୍ୟମରେ ସାରା ପୃଥିବୀର ଅଧିକାଂଶ ଭାଗ ଡିଜିଟାଲ୍ ଦୁନିଆ ସହ ଯୋଡ଼ି ହୋଇ ରହିଛି । ଏହି ମାମଲା କେବଳ ଇଣ୍ଟରନେଟ୍ ସ୍ପିଡ୍ ନୁହେଁ, ବରଂ ବିଶ୍ୱର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା, କ୍ଲାଉଡ୍ ସର୍ଭିସ ଏବଂ କୋଟି କୋଟି ଡଲାରର ଡିଜିଟାଲ୍ ଅର୍ଥନୀତି ସହ ଜଡ଼ିତ । ଡିଜିଟାଲ୍ ଦୁନିଆରେ ଲାଗିବ କି 'ଟୋଲ୍ ଟ୍ୟାକ୍ସ' ? ସାରା ବିଶ୍ୱ ଜାଣେ ଯେ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଶ୍ୱର ବଡ଼ ବଡ଼ ତୈଳବାହୀ ଜାହାଜ ଯାତାୟାତ କରନ୍ତି । କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ଯେ ଏହି ସାମୁଦ୍ରିକ ରାସ୍ତା ଦେଇ ଏସିଆ, ୟୁରୋପ ଏବଂ ମଧ୍ୟପ୍ରାଚ୍ୟକୁ ଯୋଡୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଅଣ୍ଡର ସି ଇଣ୍ଟରନେଟ୍ କେବୁଲ୍ ମଧ ଯାଇଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ସହ ଜଡ଼ିତ ମିଡିଆ ରିପୋର୍ଟ ଅନୁଯାୟୀ, ଇରାନ ଏବେ ଏହି କେବୁଲ୍ ଗୁଡ଼ିକୁ ରୋଜଗାରର ଏକ ମାଧ୍ୟମ କରିବାକୁ ଚାହୁଁଛି । ଯେପରି ସମୁଦ୍ର ପଥରେ ଯାଉଥିବା ଜାହାଜ ଗୁଡ଼ିକଠାରୁ ଟ୍ୟାକ୍ସ ବା 'ଟୋଲ୍' ଆଦାୟ କରାଯାଏ, ସେହିପରି ଏହି କେବୁଲ୍ ମାଧ୍ୟମରେ ଯାଉଥିବା ଡିଜିଟାଲ୍ ଟ୍ରାଫିକ୍ ପାଇଁ ବିଦେଶୀ କମ୍ପାନୀଗୁଡ଼ିକଠାରୁ ଫିସ୍ ଆଦାୟ କରିବାକୁ ଇରାନ ଯୋଜନା କରୁଛି । ଏହାକୁ 'ଡିଜିଟାଲ୍ ଟୋଲ୍ ବୁଥ୍' ବୋଲି କୁହାଯାଉଛି । ଇଣ୍ଟରନେଟ୍ କାହିଁକି ବିପଦରେ ? ବିଶ୍ୱର ପ୍ରାୟ ୯୫ ରୁ ୯୯ ପ୍ରତିଶତ ଇଣ୍ଟରନେଟ୍ ଟ୍ରାଫିକ୍ ସାମୁଦ୍ରିକ ଫାଇବର କେବୁଲ୍ ମାଧ୍ୟମରେ ଗତି କରିଥାଏ । ଏଥିରେ ପ୍ରତିଦିନ ଆରବ ଆରବ ଟଙ୍କାର ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକସନ୍, ସୋସିଆଲ୍ ମିଡିଆ ଡାଟା ଏବଂ ଏଆଇ ସର୍ଭିସ ପରିଚାଳିତ ହୁଏ । ଯଦି ଏହି କେବୁଲକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଯାଏ ବା ନିୟନ୍ତ୍ରଣ କରାଯାଏ, ତେବେ ଅନ୍‌ଲାଇନ୍ ପେମେଣ୍ଟ ମାଧ୍ୟମଗୁଡ଼ିକ ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ହ୍ୱାଟ୍ସଆପ୍, ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ପରି ଆପ୍ କାମ କରିବା ବନ୍ଦ କରିଦେବ । ଭାରତ ପାଇଁ ଏସିଆ ଓ ୟୁରୋପ ସହ ସଂଯୋଗ ରଖୁଥିବା ଏହି କେବୁଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏଠାରେ ତିକ୍ତତା ବଢ଼େ, ତେବେ ଭାରତୀୟ ଡିଜିଟାଲ୍ ବଜାର ଉପରେ ଏହାର ବଡ଼ ପ୍ରଭାବ ପଡ଼ିବ । ଜିଓପଲିଟିକାଲ୍ ଅସ୍ତ୍ର ସାଜିବ କି ଇଣ୍ଟରନେଟ୍ ? ବିଶେଷଜ୍ଞଙ୍କ ମତରେ, ଏପର୍ଯ୍ୟନ୍ତ ବିଭିନ୍ନ ଦେଶ ପରସ୍ପର ଉପରେ ଚାପ ପକାଇବା ପାଇଁ ତେଲ ଯୋଗାଣ ବନ୍ଦ କରିବାର ଧମକ ଦେଉଥିଲେ । କିନ୍ତୁ ଭବିଷ୍ୟତରେ ଇଣ୍ଟରନେଟ୍ କେବୁଲ୍ ଏକ ବଡ଼ 'ଜିଓପଲିଟିକାଲ୍ ୱେପନ୍' ବା ଅସ୍ତ୍ର ସାଜିବାକୁ ଯାଉଛି ।

### ସରକାରଙ୍କ ନୂଆ ଯୋଜନା

## ସୋଲାର ପମ୍ପ ସ୍ଥାପନ ପାଇଁ ୯୦% ଯାଏଁ ସବସିଡି ପାଇବେ ଚାଷୀ

**ନୂଆଦିଲ୍ଲୀ, ୧୫।୫:** କେନ୍ଦ୍ର ସରକାର ଦେଶର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି । ଯାହାର ଲାଭ ଲକ୍ଷ ଲକ୍ଷ ଚାଷୀ ଉଠାଉଛନ୍ତି । ସେହି ସବୁ ଲାଭକାରୀ ଯୋଜନା ମଧ୍ୟରୁ ପିଏମ୍ କୁସୁମ୍ ଯୋଜନା ହେଉଛି ଅନ୍ୟତମ । ଖାସ୍ କରି ଏହି ଯୋଜନା ଜଳସେଚନ ପାଇଁ ମହଙ୍ଗା ବିଦ୍ୟୁତ୍ କିମ୍ବା ଡିଜେଲ ଉପରେ ନିର୍ଭର କରୁଥିବା ଚାଷୀଙ୍କ ପାଇଁ ଡିଜାଇନ୍ କରାଯାଇଛି । ସୂଚନାନୁଯାୟୀ, ଚାଷ ଖର୍ଚ୍ଚ ହ୍ରାସ କରିବାକୁ ଏବଂ ଚାଷୀମାନଙ୍କୁ ଶକ୍ତି-ନିର୍ଭରଶୀଳ କରିବା ପାଇଁ ଏହି ଯୋଜନା କରାଯାଇଛି । ଏହି ଯୋଜନା ମାଧ୍ୟମରେ ଏବେ କ୍ଷେତରେ ସୂର୍ଯ୍ୟକିରଣ ଦ୍ୱାରା ପମ୍ପଗୁଡ଼ିକ ଚାଲିବ । ଯାହା ଜଳସେଚନକୁ ସହଜ କରିବ ନାହିଁ ବରଂ ଚାଷୀଙ୍କ ଉପରେ ଆର୍ଥିକ ବୋଝକୁ ମଧ ଯଥେଷ୍ଟ ହ୍ରାସ କରିବ । ସୋଲାର ପମ୍ପ ଦ୍ୱାରା ଜଳସେଚନ ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିପାରିବେ । ଏହା କେବଳ ଆପଣଙ୍କ ବିଦ୍ୟୁତ୍ ବିଲ୍ ହ୍ରାସ କରେ ନାହିଁ ବରଂ ବିଲକୁ ଜିରୋ କରିଥାଏ । ଯାହା ଦ୍ୱାରା ଚାଷୀଙ୍କ ସଞ୍ଚୟକୁ ଦ୍ୱିଗୁଣିତ କରେ । ଏଥିସହ ଏହି ପିଏମ୍ କୁସୁମ୍ ଯୋଜନା ମାଧ୍ୟମରେ ସୋଲାର ପମ୍ପ ଲଗାଇବା ଏବେ ଶସ୍ତା ଏବଂ ସହଜ କରିଛି। ଏହି ଯୋଜନାର



ସବୁଠାରୁ ପ୍ରଭାବଶାଳୀ ଦିଗ ହେଉଛି ଫିଡିଙ୍ଗ ଷ୍ଟ୍ରକ୍ଚର । ମୋଟ୍ ଖର୍ଚ୍ଚର ୩୦% କେନ୍ଦ୍ର ସରକାର, ବାକି ୩୦% ସବସିଡି ରାଜ୍ୟ ସରକାର ଯୋଗାଇ ଦିଅନ୍ତି । ବାକି ୪୦% ମଧ୍ୟରୁ ୩୦% ଲୋନ୍ ବ୍ୟାଙ୍କରୁ ସହଜରେ ପାଇପାରିବେ । ଯାହାର ଅର୍ଥ ଚାଷୀମାନଙ୍କୁ ପ୍ରାରମ୍ଭରେ କେବଳ ସେମାନଙ୍କର ନିଜସ୍ୱ ପାଣ୍ଠିର ୧୦% ବିନିଯୋଗ କରିବାକୁ ପଡିବ । ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା କେବଳ ଜଳସେଚନ ସମ୍ପର୍କରେ ନୁହେଁ ବରଂ ଚାଷୀଙ୍କୁ ଶକ୍ତି ପ୍ରଦାନ କରିବ । ଫଳରେ ବିଦ୍ୟୁତ୍ ସରକାରୀ ଗ୍ରୀଡକୁ ବିକି ମାସିକ ଆୟ କରିପାରିବେ ।

## ଏପ୍ରିଲରେ ବଢ଼ିଛି ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ, ୧୪।୫:** ମଧ୍ୟପ୍ରାଚ୍ୟରେ ତିକ୍ତତା ଯୋଗୁ ଏପ୍ରିଲରେ ଭାରତର ପାଇକାରୀ ମୁଦ୍ରାସ୍ଫୀତି ହାରରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ଗୁରୁବାର ଜାରି ତଥ୍ୟ ଅନୁସାରେ, ଦେଶରେ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୮.୩% ହୋଇଛି। ଯାହା ବର୍ତ୍ତମାନ ସ୍ଥିତିରେ ସର୍ବାଧିକ। ଏହି ବୃଦ୍ଧିର ମୁଖ୍ୟ କାରଣ, ଇନ୍ଧନ ଏବଂ ଅଶୋଧିତ ତେଲ ଦାମ୍ରେ ହୋଇଥିବା ବୃଦ୍ଧି। ଯାହାର ପ୍ରଭାବ ଅର୍ଥନୀତି ଉପରେ ଦେଖିବାକୁ ମିଳୁଛି। ଆଉ ଦରବୃଦ୍ଧି ୪୨ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ) ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ୩.୮୮%ରୁ ବଢ଼ି ଏପ୍ରିଲରେ ୮.୩% ହୋଇଛି। ଏହାର ମୁଖ୍ୟ କାରଣ ମିନେରାଲ ଅଏଲ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ମେଟାଲ ଏବଂ ମ୍ୟାନୁଫ୍ୟାକଚରଡ ପ୍ରଡକ୍ଟ ଦାମରେ ହୋଇଥିବା ବଡ଼ ବୃଦ୍ଧି। ଆହୁରି ମଧ ଏହି ତଥ୍ୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟକୁ ଦର୍ଶାଉଛି। ବିଶେଷଜ୍ଞ କହିଛନ୍ତି, ବିଶ୍ୱରେ ସାମଗ୍ରୀ ଏବଂ ଏନର୍ଜୀର ଉଚ୍ଚ ଦାମ୍ ଘରୋଇ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପକାଉଛି। ଫଳରେ ଏବେ ଉତ୍ପାଦନକାରୀଙ୍କ ଖର୍ଚ୍ଚ ଦ୍ରୁତ ଭାବରେ ବଢ଼ୁଛି।ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ତେବେ ଏହି ବୃଦ୍ଧି ଏଭଳି ସମୟରେ ହୋଇଛି, ଯେତେବେଳେ ସରକାର ବିଶ୍ୱ ସ୍ତରରେ ଅଶୋଧିତ ତେଲର ଦାମ ବଢ଼ିବା ସତ୍ତ୍ୱେ ବି ପେଟ୍ରୋଲ, ଡିଜେଲ ଏବଂ ଘରୋଇ ରୋଷେଇ ଗ୍ୟାସ (ଏଲ୍‌ପିଜି) ଦାମରେ ଅଧିକ ପରିବର୍ତ୍ତନ କରାଯାଇନାହିଁ। ଏହାଦ୍ୱାରା ସାଧାରଣ ଲୋକଙ୍କ ଉପରେ ଇନ୍ଧନ ମହଙ୍ଗା ହେବାର ସିଧା ପ୍ରଭାବ ବର୍ତ୍ତମାନ ପଡ଼ିନାହିଁ। ଅବଶ୍ୟ କମର୍ସିଆଲ ଏଲପିଜି ସିଲିଣ୍ଡର ଦାମ୍ ବଢ଼ାଯାଇଛି। କାରଣ ଅନ୍ତର୍ଜାତୀୟ ବଜାରରେ ଏହାର ଚାପ ଲଗାତାର ବଢ଼ୁଛି।



## ଏପ୍ରିଲରେ ଇଭି ବିକ୍ରିରେ ୭୫% ବୃଦ୍ଧି

**ଭୁବନେଶ୍ୱର, ୧୪।୫:** ଯୁଦ୍ଧ ଯୋଗୁ ଏବେ ସାରା ବିଶ୍ୱରେ ଅଶୋଧିତ ତେଲ ଦର ଉପର ମୁହାଁ ହୋଇଛି । ତେଲ ଯୋଗାଣ ପ୍ରଭାବିତ ହେବା ନେଇ ଗ୍ରାହକ ଆଶଙ୍କାରେ ରହୁଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ମଧ୍ୟ ଚିନ୍ତାଜନକ ହେଉଛି । ପେଟ୍ରୋଲ-ଡିଜେଲ ବ୍ୟବହାର କମାଇବା ସହ ଇ-ଯାନ ବ୍ୟବହାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ନିବେଦନ କରିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ଇ-ଯାନ ଚାହିଦା ଦ୍ରୁତ ହୋଇଛି । କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଇଭି କିଣିବା ନେଇ ଗ୍ରାହକ ବେଶ ଆଗ୍ରହ ଦେଖାଉଛନ୍ତି । ଦ୍ୱୈତ ନଗରୀରେ ଡିଲରଶିପ ଗୁଡ଼ିକରେ ଗତ କିଛି ଦିନ ହେବ ଇଭି କିଣା ନେଇ ଲୋକଙ୍କ ଅନୁସନ୍ଧାନ ପ୍ରାୟ ୨ ଗୁଣ ବଢ଼ିଛି । ଗତ ବର୍ଷ ଏପ୍ରିଲ ତୁଳନାରେ ୨ ଚକିଆ ଏବଂ ୪ ଚକିଆ ଇଭି ବର୍ଗରେ ବିକ୍ରି ଅଭିବୃଦ୍ଧି ୭୫% ବଢ଼ିଛି । ସେହିଭଳି ୩ ଚକିଆ ବର୍ଗରେ ବିକ୍ରି ୧୦୦% ଯାଏ ବଢ଼ିଥିବା ଅଟୋମୋବାଇଲ ଡିଲର ସଂଘ ଫାଡା ପକ୍ଷରୁ ସୂଚନା ମିଳିଛି । ୨ ଚକିଆ ଏବଂ ୩ ଚକିଆ ବର୍ଗରେ ପ୍ରତି ମାସ ରାଜ୍ୟରେ ଏବେ ୯ ହଜାର ୟୁନିଟ ଯାନ ବିକ୍ରି ହେଉଛି । ଯାହା ୩ ଚକିଆ କ୍ଷେତ୍ରରେ ୪୦୦ ୟୁନିଟ ରହିଛି। ଅଟୋମୋବାଇଲ କମ୍ପାନି ଗୁଡିକ ବିକ୍ରିରେ ଏଭଳି ବୃଦ୍ଧିକୁ ନେଇ ପ୍ରସ୍ତୁତ ନ ଥିଲେ । ଫଳରେ ଗାଡ଼ି ଡେଲିଭରି ପାଇବାରେ ଏବେ ଗ୍ରାହକଙ୍କୁ ୩ରୁ ୪ ମାସ ଯାଏ ଅପେକ୍ଷା କରିବାକୁ ପଡୁଛି । ଯୋଗାଣ ଉନ୍ନତ ହେଲେ ବିକ୍ରି ଅଭିବୃଦ୍ଧି ୧୦୦% ରହିବ ବୋଲି ଆଶାବାଦୀ ରହିଛନ୍ତି ଅଟୋ ଡିଲର । କଟକ ଭୁବନେଶ୍ୱର ଭଳି ସହରାଞ୍ଚଳରେ ଇଭି ଗ୍ରହଣୀୟତା ୨୦% ଛୁଇଁଛି । ସରକାର ଏହାକୁ ୩୦% କରିବା ଲକ୍ଷ୍ୟ ରଖିଛନ୍ତି । ଯୋଗାଣ ସ୍ଥିତି ଉନ୍ନତ ରହିଲେ ଚଳିତ ବର୍ଷ ଏହି ଲକ୍ଷ୍ୟ ପୂରଣ ହୋଇଯିବ ଆକଳନ କରାଯାଇଛି । ଇଭି ଗୁଡ଼ିକର ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଏବଂ ନୂଆ ଟେକ୍ନୋଲୋଜିର ଗାଡି ଆସୁଥିବାରୁ ଏବେ ଇଭି ଗ୍ରହଣୀୟତା ବଢୁଥିବା କହିଛନ୍ତି ବିଶେଷଜ୍ଞ । ପାତ୍ରପଡାର ଏକ ଇଭି ଡିଲରସିପର ଅଧିକାରୀ କହିଛନ୍ତି, ଗତ କିଛି ଦିନ ହେବ ବେଶ ଭଲ୍ ଇନ୍‌କ୍ୱାରୀ ଆସିଛି । ସୋରୁମ ଆସି ଟେଷ୍ଟ ଡ୍ରାଇଭ ନେବା ଏବଂ ଅଧିକ ଜାଣିବାକୁ ଆସୁଥିବା ଗ୍ରାହକଙ୍କୁ ପରାମର୍ଶ ଦିଆଯାଉଛି । ସ୍ଥାନୀୟ ୩ଏସ୍ ଟିଭିଏସ୍‌ର ସ୍ୱତ୍ତ୍ୱାଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ଇଭି ଚାହିଦା ଉପର ମୁହାଁ ହୋଇଛି । ଭିତ୍ତିଭୂମି ଦୃଢ଼ୀକରଣ ସହ ନୂଆ ଟେକ୍ନୋଲୋଜି ଏହି ବର୍ଗରେ ଯାନ ଚାହିଦା ବଢ଼ାଉଛି। ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଫାଡା) ରାଜ୍ୟ ସଭାପତି, ଅଖିଳ ପୋଦ୍ଦାର କହିଛନ୍ତି, ଇଭି ବିକ୍ରି ରେକର୍ଡ ସ୍ତରରେ ରହିଛି । ଓଡ଼ିଶାରେ ପ୍ରତିବର୍ଷ ଏହାର ଚାହିଦା ବଢ଼ୁଛି । ସବ୍‌ସିଡି ଯୋଗୁ ଯାନ ଗୁଡ଼ିକ ଆକର୍ଷଣୀୟ ଲାଗୁଛି । ଡିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟରେ ୨.୧୯ ଲକ୍ଷ ଇଭି ପଞ୍ଜୀକରଣ ହୋଇଛି । ଇଭି କିଣା ଲାଗି ସରକାର ୩୪୦ କୋଟି ଟଙ୍କାର ସବ୍‌ସିଡି ଜାରି କରିଛନ୍ତି । ରାଜ୍ୟରେ ୬୮୦ ଇଭି ଯୋଡିଛନ୍ତି । ରାଜ୍ୟରେ ୧୯୮ ଇଭି ପବ୍ଲିକ ଚାର୍ଜିଂ ଷ୍ଟେସନ ରହିଛି । ଚଳିତ ବର୍ଷ ଆଉ ୧୦୦ ଇଭି ଚାର୍ଜିଂ ଷ୍ଟେସନ ବସାଇବା ନେଇ ଯୋଜନା ରହିଛି।



## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୨,୩୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୮, ୮୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନଶ୍ୱେରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୨,୩୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୮,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୨,୩୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୮, ୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୨,୨୬୦ ଟଙ୍କା ଓ ୨୨ କ୍ୟାରଟେ ୧,୪୮,୯୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୪,୧୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୦,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୨,୩୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୮,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୦୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ସାବିତ୍ରୀ ବଜାରରେ ଅସମ୍ଭାଳ ଭିଡ଼

### ପକେଟକୁ ବାଧୁଛି ଫଳ ଦର



**କାକଟପୁର/ଅସ୍ତରଙ୍ଗ,୧୪।୫ (ସଂଚାର ବ୍ୟୁରୋ):** ଆଉ ଦିନକ ପରେ ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ମହିଳାମାନଙ୍କ ସବୁଠୁ ବଡ଼ ଓଷା ବା ବ୍ରତ। ତେଣୁ ସାବିତ୍ରୀ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବଜାରରେ ଲାଗିଛି ଭିଡ଼। ଶାଢ଼ି, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଜମିଲାଣି। ଚଳିତ ବର୍ଷ ସବୁ ଜିନିଷର ଦରବୃଦ୍ଧି ହୋଇଥିଲେ ବି ବଜାର ଗହଳି କମିବା ଦେଖାଯାଉନାହିଁ। ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି। ତେଣୁ ଅସ୍ତରଙ୍ଗ ଓ କାକଟପୁର ବଜାରରେ ଥିବା ବିଭିନ୍ନ ଲୁଗା ଦୋକାନ, ଅସ୍ତରଙ୍ଗ ମଙ୍ଗଳବାର ହାଟ, ବଜାରଠାରୁ ଆରମ୍ଭ କରି ଗଳିକନ୍ଦିର ଛୋଟ ବଜାରରେ ବି ଜମୁଛି ସାବିତ୍ରୀ ବଜାର।

ଏବର୍ଷ ଫଳ ବଜାରର ତାତି ବଡ଼ ଅସହ୍ୟ। ସବୁ ଫଳର ଦାମ ବଢ଼ିଛି। ଗୋଟିଏ ନଡ଼ିଆର ଦାମ୍ ଏବେ ୩୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। କଦଳୀ ଡଜନ୍ ପିଛା ୬୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଛି। ସେହିପରି ଗୋଟା ସପୁରିର ଦାମ୍ ୬୦ଟଙ୍କା, ପଣସ ୧୫୦ ଟଙ୍କା, ଖଜୁରି କୋଳି ଡେଙ୍ଗ ୫/୧୦ ଟଙ୍କା, ସେପେଟା କିଲୋ ୧୦୦ଟଙ୍କା, ଆମ୍ବ ଦେଢ଼ କିଲୋକୁ ୧୦୦ ଟଙ୍କା, ଛୋଟ ଲିଚୁ ୨୦୦ରୁ ୨୨୦ଟଙ୍କା, ଅଙ୍ଗୁର ୧୬୦ରୁ ୧୮୦ ଟଙ୍କା, ସେଓ ୧୮୦ରୁ ୨୫୦ ଟଙ୍କା ଏବଂ କମଳା ୧୬୦/୧୯୦ ଟଙ୍କା ପଡୁଛି। କେବଳ ଫଳ ବଜାର କାହିଁକି, ସାବିତ୍ରୀ ପୂଜା ସାମଗ୍ରୀର ଦାମ୍ ମଧ୍ୟ ଗତବର୍ଷ ଅପେକ୍ଷା ବଢ଼ିଛି। ପୂଜା ବ୍ରତ, ପାଟ ଫୁଲି, ଗୁଆ, ହରିଡ଼ା, ବାହାଡ଼ା, ମଥାବସା, ସିନ୍ଦୁର, କାଠ ପାନିଆ, ଦର୍ପଣ, କଳାମାଳି, ତୁଳା ଅଳତା, ସାଲୁ କନା ଓ ବ୍ରତ ବହି ଆଦି ଉପକରଣକୁ ନେଇ ସେଟ୍ ୧୦୦ଟଙ୍କା ପଡୁଛି। ବଜାର ଦରବୃଦ୍ଧିକୁ ନେଇ କିଛି ମହିଳାଙ୍କ କହିବା କଥା ବ୍ରତ ଆଗରେ ଦରବୃଦ୍ଧି କିଛି ନୁହେଁ। ବାଧିଲେ ବି କ'ଣ କରାଯିବ? ବିଧି ତ ରଖିବାକୁ ପଡ଼ିବ।

## ସାବିତ୍ରୀ ପାଇଁ ଚଳଚଞ୍ଚଳ ହିଞ୍ଜିଳି ବଜାର



**ହିଂଜିଳିକାଟୁ/ଗଞ୍ଜାମ,୧୪।୫ (ସଂଚାର ବ୍ୟୁରୋ):** ରାତି ପାହିଲେ ସାବିତ୍ରୀ ଅମାବାସ୍ୟା । ଏଥିପାଇଁ ହିଞ୍ଜିଳିକାଟୁ ବଜାର ଏବେ ଚଳଚଞ୍ଚଳ। ସାବିତ୍ରୀ ବ୍ରତ ପାଇଁ ଆବଶ୍ୟକ ଫଳମୂଳ ମଧ୍ୟରୁ ଅନ୍ୟତମ ପଣସ । ତେଣୁ ବେଶ୍ ଦି ପଇସା ରୋଜଗାର ପାଇଁ କିଛି ବ୍ୟବସାୟୀ ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ବିଭିନ ସ୍ଥାନରୁ ପଣସ ଆଣି ଠୁଳ କରିଛନ୍ତି । ଦର ମଧ୍ୟ ବେଶ୍ ଚଢ଼ା ଥିଲେ ବି ଗୋଟା ପଣସର ଦାମ ୨୦୦ ଟଙ୍କାରୁ ଆରମ୍ଭ ହୋଇ ୬୦୦ ଟଙ୍କା ପଯ୍ୟନ୍ତ ରହିଛି । ପଣସର ଆକାରକୁ ନେଇ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ । କିନ୍ତୁ ଏବେ ବିକ୍ରି ସେତେ ଅଧିକ ହୋଇନଥିବା ବେଳେ ଆଗକୁ ଭଲ ବେପାର ହେବ ବୋଲି ବ୍ୟବସାୟୀ ଆଶା ବାନ୍ଧିଛନ୍ତି । ଏହି ଅବସରରେ ସାବିତ୍ରୀ ବ୍ରତକୁ ଯଥାରୀତି ପାଳନ କରିବା ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷ କରି ରାସ୍ତାକଡ଼ରେ ସ୍ଥାନେ ସ୍ଥାନେ ନାନା ରକମର ଫଳମୂଳର ଅସ୍ଥାୟୀ ପସରା ମେଲିଲାଣି । ତେବେ ସେ ସବୁର ମୂଲ୍ୟ ଦିନକୁ ଦିନ ବୃଦ୍ଧି ଘଟୁଥିବା ଫଳରେ ସତ୍ୟବାନ ମୁଣ୍ଡରେ ଚିନ୍ତା ବଢ଼ି ଯାଇଛି ।

# ରାତିରେ ମାଟି ମାଫିଆ ସକ୍ରିୟ

### ବେଆଇନ ଭାବେ ଚାଷ ଜମିରୁ ତାଡ଼ି ନେଉଛନ୍ତି ମାଟି

### ଆଖି ବୁଜି ଦେଇଛନ୍ତି ବିଭାଗୀୟ ଅଧିକାରୀ

### ପୁଲିସ ସବୁଜାଣି ନିରବଦ୍ରଷ୍ଟା



**କାକଟପୁର/ଅସ୍ତରଙ୍ଗ,୧୪।୫ (ସଂଚାର ବ୍ୟୁରୋ):** କିଛି ମାସ ହେବ ଏବେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ସକ୍ରିୟ ହୋଇଛନ୍ତି ମାଟି ଓ ବାଲି ମାଫିଆ । ସରକାରୀ ନିୟମ ଉଲ୍ଲଘନ କରି ଦିନରାତି ସେମାନେ ମାଟି ଉତ୍ତୋଳନ ସହ ଚୋରା ଚାଲାଣ କରୁଛନ୍ତି। ବେଆଇନ ଭାବେ ଲୋକଙ୍କ ଚାଷ ଜମିକୁ ରାତିରାତି ପୋଖରୀରେ ପରିବର୍ତ୍ତନ କରି ଦେଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଅସ୍ତରଙ୍ଗ ତହସିଲ ନିକଟସ୍ଥ ଶିଶୁଅ ପଂଚାୟତ ଅଧୀନ ବେଳଙ୍ଗ, କେଉଟଜଙ୍ଘା,ଅସ୍ତରଙ୍ଗ ବାଲିଆ ପଟା ସମେତ କାକଟପୁର ତହସିଲ ଅଧୀନ ବିଭିନ୍ନ ପଂଚାୟତରେ । ସବୁ ଜାଣି ବିଭାଗୀୟ ଅଧିକାରୀ ଓ ଥାନା କର୍ମଚାରୀ ନିରବ ରହିବା ସମସ୍ତଙ୍କୁ ଚକିତ କରିଛି ।

ଏହି ବେଆଇନ କାମ ଦୀର୍ଘ ଦିନ ହେବ ଚାଲୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ପ୍ରାୟତଃ ଫେବୃଆରୀରୁ ମାଟି ଉତ୍ତୋଳନ ଆରମ୍ଭ ହୋଇ ବର୍ଷା ଋତୁ ପର୍ଯ୍ୟନ୍ତ ଚାଲେ । ପୂର୍ବଅପେକ୍ଷା ଜନସଂଖ୍ୟା ବୃଦ୍ଧି ପାଉଛି। ସେହି ତୁଳନାରେ ବାସଗୃହ ବଢୁଛି। ଗ୍ରାମାଞ୍ଚଳରେ ଲୋକେ ପୂର୍ବ ଅପେକ୍ଷା ଗାଁ ଭିତରେ ନ ରହି ଯାତାୟାତ ସୁବିଧା ଥିବା ସ୍ଥାନରେ ଘର ତିଆରି କରୁଛନ୍ତି । ହେଲେ ଅଧିକାଂଶ ଘର ତଳିଆ ଅଂଚଳରେ ହେଉଛି। ଏଥିପାଇଁ ମାଟି ପକାଇ ସେହି ଜାଗାକୁ ପୋତାଯାଉଛି। ଏହା ସହ ମାଟିର ଇଟା ପାଇଁ ବେଆଇନ ଇଟା ବ୍ୟବସାୟୀ ମାଟି ସଂଗ୍ରହ କରି ରଖୁଛନ୍ତି। ଏହି ଚାହିଦାକୁ ଦୃଷ୍ଟିରେ ରଖି ମାଟି ମାଫିଆ ସରକାରୀ ନିୟମକୁ ଉଲ୍ଲଘନ କରି ସରକାରୀସ୍ତରରେ ଦଲାଲ ସାଜି ମାଟି ଚାଲାଣ କରୁଛନ୍ତି ।

୨୦୦୭ର ନିୟମ (୩)ଅନୁଯାୟୀ ଯେଉଁମାନେ ମାଟି ପରିବହନ କରୁଛନ୍ତି ସେମାନେ ଟ୍ରେଡିଂ ବା ବାଣିଜ୍ୟ ଲାଇସେନ୍ସ ରହିବା ଜରୁରୀ । ଏହା ବ୍ୟତୀତ ବେଆଇନ ମାଟି ଉତ୍ତୋଳନ ପାଇଁ ଓଡିଶା ସଏଲ କଞ୍ଜରଭେଷନ ଆକ୍ଟ ୧୯୬୫, ଓଡିଶା ଫରେଷ୍ଟ ଆକ୍ଟ ୧୯୭୨ ଅଛି। ଯେଉଁମାନେ ଏହି ସବୁ ନିୟମ ଉଲ୍ଲଘନ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସବୁଠାରୁ ବଡ଼ କଥା ହେଉଛି ଉପରୋକ୍ତ ନିୟମ ଯକୁ ୯୫ପ୍ରତିଶତ ମାଟି ମାଫିଆ ଉଲ୍ଲଘନ କରୁଛନ୍ତି । ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ହେଉ ଅବା ଥାନା ସାମ୍ନାରେ ଖୁଲମ ଖୁଲ୍ଲା ମାଟି ଚାଲାଣ ହେଉଥିଲେ ମଧ୍ୟ ସମସ୍ତ ଅଧିକାରୀ ନିରବ ।

ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଗୋଚର ଜମି ହେଉ କି ଘରୋଇ ଜମିକୁ ମାଟି ମାଫିଆ ଟାର୍ଗେଟ କରୁଛନ୍ତି । ରାତି ତମାମ ସହ ଛୁଟି ଦିନ ମାନଙ୍କରେ ଦ୍ରୁତ ଗତିରେ ମାଟି ଚାଲାଣ ହେଉଛି । ରାତି ପାହିବା ବେଳକୁ ଗୋଚର କିମ୍ବା ଚାଷ ଜମିରେ ପୋଖରୀ ପାଲଟୁଛି । ଯଦି କୌଣସି ସ୍ଥାନରେ ଯିଏ ବିରୋଧ କରୁଛନ୍ତି ତାଙ୍କୁ ସିଧା ସଳଖ କିଛି ଦଲାଲ ଧମକ ସହ ରାଜନୈତିକ ହାତ ଅଛି କହି ଥାନା ଧମକ ଦେଖାଇ ଡରାଉଛନ୍ତି । ମାଟି ମାଫିଆମାନେ ମୋଟା ଅଙ୍କରରେ ସେମାନଙ୍କୁ ବଟି ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି।

## ଖଞ୍ଜାଗୁଡ଼ାରେ କୃଷିଭିତ୍ତିକ ତାଲିମ କାର୍ଯ୍ୟକ୍ରମ



**ଫୁଲବାଣୀ, ୧୪।୫ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ ଚକାପାଦ ବ୍ଲକ୍ ବ୍ରହ୍ମଣପାଦ ପଞ୍ଚାୟତର ଖଞ୍ଜାଗୁଡା ଠାରେ କୃଷି ଭିତିକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏ ବର୍ଷଟିକୁ ଆର୍ନ୍ତଜାତୀୟ ମହିଳା କୃଷକ ବର୍ଷ ଭାବେ ପାଳନ କରାଯାଉଥିବାରୁ ଏହି କାର୍ଯ୍ୟ କ୍ରମରେ କୃଷି କ୍ଷେତ୍ରରେ ମହିଳାମାନଙ୍କର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଚକାପାଦ ବ୍ଲକ୍ ସହ କୃଷି ଅଧିକାରୀ ଶିବାନୀ ପ୍ରଧାନ, ବ୍ଲକ୍ ବୈଷୟିକ ପରିଚାଳକ ରାଧାରମଣ ଶର୍ମା, ପଞ୍ଚାୟତ କୃଷି ପରିଦର୍ଶକ ଶତୃଘନ ମହାକୁଡ, ବ୍ରହ୍ମଣପାଦ ସରପଞ୍ଚ ରଶ୍ମିତା ମଲ୍ଲିକ ଓ ସ୍ଥାନୀୟ ପଂଚାୟତ ପ୍ରତିନିଧି ରିତା କହଁର ଯୋଗ ଦେଇ ବିଭିନ୍ନ ଚାଷ କାର୍ଯ୍ୟ ରେ ମହିଳା ମାନଙ୍କ ଅବଦାନ କୁ ବଖାଣିବା ସହିତ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ବିଭିନ୍ନ ଡାଲି ଯାତୀୟ ଫସଲ ଅମଳ କରି ହେବ ତାହା ଉପସ୍ଥାପନା କରିଥିଲେ ଏବଂ ଜମିର ଉର୍ବରତା ବଢାଇବାକୁ ହେଲେ ଧନିଚା ଚାଷ ଜରୁରି ବୋଲି କହିଥିଲେ ।

ସାଧାରଣରେ ଯଦି ଦେଖାଯାଏ କନ୍ଧମାଳ ଜିଲ୍ଲାରେ କୃଷି କ୍ଷେତ୍ରରେ ମହିଳା ମାନଙ୍କର ଦାୟିତ୍ୱ ଯଥେଷ୍ଟ ଅଧିକ । ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ଉପସ୍ଥିତ ରହି ବର୍ତମାନ ସମୟକୁ ଖାପଖୁଆଇ କିପରି ଜଣେ ଚାଷୀ ଆଗକୁ ବଢିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି ଏବଂ ଯୁବପିଢିମାନେ ଏଥିପ୍ରତି ସଜାଗ ନହେଲେ ଆଗାମି ଦିନରେ କୃଷୀ କ୍ଷେତ୍ରରେ ଘୋର ସଙ୍କଟ ଦେଖାଦେବ ବୋଲି କହିଥିଲେ । ଏହା ପରେ ବ୍ରହ୍ମଣପାଦ ସରପଂଚ ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ଡାଲି ଜାତୀୟ ଫସଲ ଏବଂ ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏ ବର୍ଷଟି ମହିଳା କୃଷକ ମାନଙ୍କ ପାଇଁ ଉତ୍ସର୍ଗିକୃତ ଥିବାରୁ ମହିଳା ମାନେ ମଧ୍ୟ ଏଥି ପ୍ରତି ଯତ୍ନବାନ ହେବାକୁ ପଡିବ ବୋଲି ତାଲିମ ରେ ମତ ପ୍ରକାଶ ପାଇଥିଲା ।

## ନନ୍ଦରାମ ବାଟିକାରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିବସ ପାଳିତ



**ଯାଜପୁର ରୋଡ଼,୧୪।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରରେ ଥିବା ନନ୍ଦରାମ ବାଟିକାରେ ଆର୍ଟ ଅଫ୍ ଲିଭିଙ୍ଗ ପ୍ରତିଷ୍ଠାତା ପରମପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଜୀଙ୍କ ୭୦ତମ ଜନ୍ମ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଭବ୍ୟ ଜ୍ଞାନ ଗାନ ଓ ଧ୍ୟାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଠାକାର ଆର୍ଟ ଅଫ ଲିଭିଙ୍ଗର ବରିଷ୍ଠ ଶିକ୍ଷକ ମାନଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯୋଗ, ମାନଶିକ ଶାନ୍ତି, ସୁସ୍ଥ ଶରୀର ବିଷୟରେ ପ୍ରଶିକ୍ଷକମାନେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷକ ସଙ୍କରଶଣ ପଣ୍ଡା, ବ୍ରିଜେଶ ପତି, ବିଭୁ ରଞ୍ଜନ ପାଲ, ପୁଷ୍ପଲତା ମହନ୍ତ ଓ ଜୀତେନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତା ବସନ୍ତ ଆଚାର୍ଯ୍ୟ, କ୍ରିଷ୍ଣାଭିଷେକ ପତି, ରୋଲେସ ସାହୁ, ଶୁଭେନ୍ଦୁ ନାୟକ ପ୍ରମୁଖ ମାନେ ସମାଜରେ ସୁସ୍ଥ ଶରୀର, ମନ ଓ ସମାଜ ପାଇଁ ୱାର୍ଲ୍ଡ ଫେମସ ଶୁଦର୍ଶନକ୍ରିୟାକୁ ଘରେ ଘରେ ପହଂଚାଇବା ପାଇଁ ଏହା ଏକ ପ୍ରୟାସ ଥିଲା ବୋଲି ଜଣାଇଥିଲେ। ଏଥିରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ, ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥାର ପ୍ରତିନିଧିବର୍ଗ,ଜୈନ ସମାଜ, ମାରୱାଡ଼ୀ ସମାଜ, ଅନୁକୂଳଚନ୍ଦ୍ର ସଂଘ, ପତଞ୍ଜଳି ଯୋଗର ପ୍ରତିନିଧିବର୍ଗ ଏବଂ କାଉନସିଲର ଶିବାନନ୍ଦ ନାୟକ, ଆଡଭୋକେଟ ବିବେକାନନ୍ଦ ମହାନ୍ତିଙ୍କ ସମତେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

### ନୀଳଗିରିରେ ପେଟ୍ରୋଲ ସଙ୍କଟ

## ବାଇକ ପାଇଁ ଦିଆଯାଉଛି କେବଳ ଶହେ ଟଙ୍କାର ତେଲ




**ନୀଳଗିରି, ୧୪।୫ (ସଂଚାର ବ୍ୟୁରୋ):** ମଧ୍ୟ ପ୍ରାଚୀର ଯୁଧ୍ୟ ପରେ ଏବେ ସାରା ଦେଶରେ ତୈଳ ଆମଦାନୀ ହ୍ରାସ ପାଇଥିବା ତୈଳ ସଙ୍କଟ ଦେଖାଦେଇଛି। ନୀଳଗିରି ରେ ତୈଳ ସଙ୍କଟ ଦେଖା ଦେଇଛି। ନୀଳଗିରି ସ୍ଥିତ ବାଲିଗୋହିରି ହିନ୍ଦୁସ୍ଥାନ ପେଟ୍ରୋଲିୟମ ତେଲ ଟାଙ୍କିରେ ଗ୍ରାହକଙ୍କୁ ମାତ୍ର ଶହେ ଟଙ୍କା ର ତେଲ ଦିଆଯାଉଛି। ଯାହା ଏକ ଲିଟର ରୁ କମ। ଏନେଇ ବାଇକ ଆରୋହୀ ନାନାଦି ଅସୁବିଧା ରେ ସମ୍ମୁଖୀନ ହେବାକୁ ପଡ଼ିଛି, ଏପରିକି ପେଟ୍ରୋଲ ଭୟରେ ଅଧା ବାଟରୁ ଘରକୁ ଫେରିବାକୁ ପଡୁଛି। ପେଟ୍ରୋଲ ସଙ୍କଟ ନେଇ ଟାଙ୍କି ମାଲିକ କହିଛନ୍ତି ଯେ ଆବଶ୍ୟକ ପରିମାଣରେ ତେଲ ଆସୁନାହିଁ, ତେଣୁ ଆମେ ନିରୁପାୟ ହୋଇ ପଡ଼ିଛୁ, ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ି ପାଇଁ ପ୍ରଥମେ ତେଲ ରଖିବାକୁ ପଡୁଛି। ତାପରେ ଆମେ ପ୍ରତି ବାଇକ କୁ ଶହେ ଟଙ୍କାର ପେଟ୍ରୋଲ ବିତରଣ କରୁଛୁ। ଅପରପକ୍ଷରେ ପୋଡ଼ଶୂଳ ରେ ଥିବା ପେଟ୍ରୋଲ ଟାଙ୍କି୨ଟଙ୍କା ଏବଂ ବାଲିଗୋହିରୀ ଗ୍ରାମର ଥିବା ନାୟାର ର ତେଲ ଟାଙ୍କି ୨ଟଙ୍କା ରେ ତେଲ ଦିଆଯାଉ ଥିବା ରୁ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି।ଘଟଣା ସମ୍ପର୍କରେ ନୀଳଗିରି ଏମ ଆଇ ରାଜଲକ୍ଷ୍ମୀ ପଣ୍ଡା ଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନାହିଁ ,ତଦନ୍ତ ପରେ କହିବି ବୋଲି କହିଛନ୍ତି।

## ଜଳଯନ୍ତ୍ରଣା: ବୁନ୍ଦାଏ ପାଇଁ କଲବଲ ଜୀବନ



**ବୈପାରିଗୁଡା,୧୪।୫ (ସଂଚାର ବ୍ୟୁରୋ):** ପାନୀୟ ଜଳ ବୁନ୍ଦାଏ ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ । ଜଳ ଯନ୍ତ୍ରଣାକୁ ସହ୍ୟ କରିବା ଲୋକ ମାନଙ୍କ ପାଇଁ କାଠିକର ପାଠ ହୋଇଛି । ଫଳରେ ଲୋକ ମାନେ ବାଧ୍ୟ ହୋଇ ପାନୀୟ ଜଳ ପାଇଁ ନଦୀର ଝର ପାଣିକୁ ଜଗି ରହି ପାଣି ସଂଗ୍ରହ କରି ଘରକୁ ଆଣୁଥିବା ଦେଖିବାକୁ ମିଳିଛି । ଦେଶ ସ୍ୱାଧିନ ହେବାର ୭୯ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିର ଦିନରେ ପାନୀୟ ଜଳ ବୁନ୍ଦାଏ ପାଇଁ କଲବଲ ଜୀବନ ବିତାଉଛନ୍ତି ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ଗ୍ରାମ ପଂଚାୟତର ଗାଦବାଗୁଡା ଗ୍ରାମବାସୀ ।

ଗାଁରେ ୨ ଗୋଟି ନଳକୂପ ରହିଛି, ହେଲେ କେବଳ ନାମକୁ ମାତ୍ର ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଉକ୍ତ ନଳକୂପ ଦୁଇଟି ଖୋଳା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେଥିରୁ ପାଣି ବାହାରୁ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ଲୋକ ମାନେ ଜୀବନ ସାରା ଗାଁ ପାଖ ଦେଇ ପ୍ରବାହିତ ହେଉଥିବା ସୁକୁନାଳ ପାଣୀକୁ ନିଜର ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି । ଏହି ନାଳ ସୁକୁନାଳର ପାଣି ବର୍ଷା ଓ ଶୀତ ଦିନେ ପ୍ରବାହିତ ହୋଇଥାଏ । କିନ୍ତୁ ଖରା ଦିନ ଆସିଲା ମାତ୍ରକେ ଏହା ଶୁଖିଯାଇଥାଏ । ଫଳରେ ଗାଁ ଲୋକେ ପାଣି ପାଇଁ ତହଳ ବିକଳ ହୋଇ ଯାନ୍ତି । ନାଳର ଏକ ଗଛ ମୂଳରେ ସରୁ ଝର ଟିଏ ଥିବାରୁ ଏବଂ ଏହି ଝରର ପାଣି ନଦୀରେ ପଡୁଥିବା ଦେଖିବାକୁ ମିଳିଛି । ଫଳରେ ଲୋକ ମାନେ ନଦୀ ଭିତରେ ଏକ ଚୁଆ ଖୋଳି ଉକ୍ତ ପାଣିକୁ ଜମା ହେବା ପର୍ଯ୍ୟନ୍ତ ଜଗି ରୁହନ୍ତି । ଚୁଆରେ ପାଣି ପୂର୍ଣ୍ଣ ହେଲେ ତାହାକୁ ନିଜ ନିଜର ଡେକଚି କିମ୍ବା ଗରିଆରେ ବୋହି କରି ଆଣି ଘରେ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି । ଚୁଆଟି ପୂର୍ଣ୍ଣ ହେବା ପରେ ସେଥିରୁ ବାହାରକୁ ବୋହି ଯାଉଥିବା ପାଣିକୁ ଲୋକ ମାନେ ଅନ୍ୟ ଏକ ଗାତ କରି ରଖି ସେଥିରେ ସ୍ନାନଶୌଚ ଆଦି କାମ କରୁ ଥିବା ଦେଖିବାକୁ ମିଳିଛି ।

ଏପରି ଜଳ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଗ୍ରାମବାସୀ ଯେତେ କାକୁତି ମିନତି ହେଲେ ମଧ୍ୟ ପାନୀୟ ଜଳ ସୁବିଧା କରିବାରେ ବିଭାଗୀୟ ଅଧିକାରୀ ମାନେ ଶୁଣୁ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । କୋଟପାଡ ବିଧାୟକ ଓ ନବରଙ୍ଗପୁର ସାଂସଦଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ଏହି ଗାଁ କେବେ ପାନୀୟ ଜଳ ସୁବିଧା ପାଇବେ ତାହାକୁ ଅପେକ୍ଷା କରି ବସିଛନ୍ତି ।

## ବାଲିଘାଟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ରାତି ଅଧରେ ଚଢ଼ାଉ

### ୧୪ ଅଭିଯୁକ୍ତ ଅଟକ



**ନୟାଗଡ଼,୧୪।୫ (ସଂଚାର ବ୍ୟୁରୋ):** ଓଡ଼ଗାଁର ଅଜୟ କୁମାର ସାହୁଙ୍କୁ ମାଙ୍କଡ଼ା ପଥର ମାଫିଆ ମାନେ ବିଭତ୍ସ ଭାବେ ହତ୍ୟା କରିବା ପରେ ଚେଇଁ ଉଠିଛି ଜିଲ୍ଲା ପ୍ରଶାସନ। ରାତି ଅଧରେ ବିଭିନ୍ନ ସ୍ଥାନରେ ବେଆଇନ୍ ବାଲିଘାଟ ଓ ପଥରେ ଖଣି ଗୁଡିକରେ ଚଢ଼ାଉ କରାଯାଉଥିବା ଜଣାପଡ଼ିଛି। ତେବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ଅଧକ୍ଷତାରେ ଫତେଗଡ଼ ଥାନା ଅନ୍ତର୍ଗତ ମାଧପୁର ଓ ପଥରଚକଡ଼ା ବାଲିଖଣି ଅଞ୍ଚଳରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ଏକ ମିଳିତ ଚଢ଼ାଉ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନରେ ଲିପ୍ତ ଥିବା ୪ଟି ହାଇୱା, ୨ଟି ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲେନ୍ ମେସିନ୍ ସହିତ ୩ଟି ମୋଟର ସାଇକେଲ ଜବତ କରାଯାଇଛି। ସେହିପରି ଘଟଣାସ୍ଥଳରୁ ୧୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ଫତେଗଡ଼ ଥାନାରେ ପଚରାଉଚରା ଚାଲିଛି।

ଅଟକ ରଖାଯାଇଥିବା ବ୍ୟକ୍ତି ମାନେ ହେଲେ ସିଧାମୂଳା ଗ୍ରାମର କବିନ୍ଦ୍ର ମନ୍ତ୍ରୀ(୩୬), ସୁଆଗିନାଳ ଗ୍ରାମର ମାଧବ ଖଣ୍ଡେଲକେଲ(୧୮), ଗଣିଆ ଛାମୁଣ୍ଡିଆର ଆରତ ଚରଣ ଦଳେଇ(୪୩), ବାଲୁଗାଁ ଜୟମଙ୍ଗଳ ଗ୍ରାମର ସୁରେଶ ସେଠୀ, ରାଜା ଗୁରୁ(୨୦), ଫତେଗଡ ପଥରଚକଡ଼ା ଗ୍ରାମର ଜୟନ୍ତ ପ୍ରଧାନ(୫୦), ବାବୁଲି ଡାଳୁଆ (୫୪), ରାକମା ଗ୍ରାମର ତ୍ରିନାଥ ବାରିକ(୫୦), ଅଜୟ ନାଏକ (୪୨), ମେଳଛ ନାଏକ(୭୦), କରଡାପଲ୍ଲୀ ଗ୍ରାମର ଶ୍ୟାମସୁନ୍ଦର ସାହୁ (୩୮), ସେହିପରି ଖୋର୍ଦ୍ଧା ଜିଲ୍ଲା ଭେଟେସ୍ୱର ଗ୍ରାମର କାଳୁ ନାଏକ(୨୫), ପିଚୁକୁଳି ଗ୍ରାମର ଦୀପକ କୁମାର ମାଝୀ (୨୫) ଓ ଚମ୍ପାଇଲୋ ଗ୍ରାମର ଅମିତ ପରିଡ଼ା(୨୧)। ସେହିଭଳି ଭାବରେ ବାଲି ଘାଟ ଅଞ୍ଚଳ ବାହାରେ ଦୁଇ ଗୋଟି ଅବୈଧ ଭାବେ ଗଚ୍ଛିତ ଥିବା ବାଲିକୁ ଜବତ କରାଯାଇଛି। ଉକ୍ତ ବାଲିକୁ ନିୟମ ଅନୁଯାଇ ନିଲାମ କରିବା ସହିତ ଜବତ ଗାଡି ଗୁଡିକଠାରୁ ଜୋରିମାନା ଆଦାୟ ଓ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି। ଚଢ଼ାଉ ସମୟରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଓ ଫତେଗଡ଼ ଥାନା ଅଧିକାରୀ ସାମିଲ ହୋଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ, ଅବୈଧ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ବିରୋଧରେ ଏପରି ଚଢ଼ାଉ ଆଗାମୀ ଦିନରେ ନିୟମିତ ଭାବେ ଜାରି ରହିବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

# ବୟସର ସାୟାହ୍ନରେ ବି ଭତ୍ତାକୁ ଅପେକ୍ଷା

### ପ୍ରତି ମାସରେ ବଢୁଛି ଆବେଦନକାରୀଙ୍କ ସଂଖ୍ୟା

### ନୂଆ ଟାର୍ଗେଟକୁ ଅପେକ୍ଷା କରିଛି ପ୍ରଶାସନ

### ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି ଲୋକେ



**କାକଟପୁର/ଅସ୍ତରଙ୍ଗ, ୧୪।୫ (ସଂଚାର ବ୍ୟୁରୋ):** ସରକାର ଗରିବ ଅସହାୟ ଲୋକଙ୍କୁ ଭତ୍ତା ଦେଉଛନ୍ତି। ଏହି ଭତ୍ତା ଅର୍ଥକୁ ଶହ ଶହ ହିତାଧିକାରୀ ଚାତକ ପରି ଅନେଇ ରହିଥାନ୍ତି। ଏହି ଭତ୍ତା ଟଙ୍କାରୁ ଅନେକ ଗରିବ ଲୋକଙ୍କ ଘରେ ଚୁଲି ଜଳେ। ସରକାରଙ୍କ ବ୍ୟବସ୍ଥା ଭିତରେ ଆଜି ବି ଅନେକ ଲୋକ ଯୋଗ୍ୟତା ଥାଇ ବି ଭତ୍ତା ପାଇବାରୁ ବଂଚିତ। ଶହ ଶହ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, ଗରିବ ଅସହାୟ ମହିଳା ଭତ୍ତା ପାଇଁ ଆବେଦନ କରିଛନ୍ତି। କିନ୍ତୁ ସେମାନଙ୍କୁ ଆଦ୍ୟାବିଧି ଏହି ତାଲିକାରେ ସାମିଲ କରାଯାଇ ନାହିଁ। ୬୦ବର୍ଷ ପରେ କୌଣସି ହିତାଧିକାରୀ ଭତ୍ତାରୁ ବଂଚିତ ହେବେ ନାହିଁ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଏହି ଘୋଷଣା କେବଳ ଘୋଷଣାରେ ରହିଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଂଚାୟତରୁ ଅନେକ ଲୋକ ଭତ୍ତା ପାଇଁ ଆବେଦନ କରିଛନ୍ତି। ହେଲେ ଟାର୍ଗେଟ ନଥିବାରୁ ତାଙ୍କୁ ଭତ୍ତା ମିଳିନାହିଁ। କେବେ ମିଳିବ ସେ କଥା ବି ଜଣା ନାହିଁ ଏଣୁ ସେମାନେ ଅପେକ୍ଷା କରି ରହିଛନ୍ତି। ଏପରିକି ଏବେ ଅସ୍ତରଙ୍ଗ ବ୍ଲକ ଅଂଚଳର ୨ ହଜାର ୩ ସହ ୩୫ ଜଣ ଲୋକ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କ ନାମ ନିଆ ଯାଇପାରୁନି। ଏଥିପାଇଁ ଗ୍ରାମାଞ୍ଚଳରେ ବଡ଼ ସମସ୍ୟା ଦେଖାଦେଇଥିବା ବେଳେ ପଂଚାୟତ ପ୍ରତିନିଧିମାନେ ଅସହାୟ ହୋଇପଡିଛନ୍ତି । କିନ୍ତୁ ବିଭିନ୍ନ ପଂଚାୟତରେ କିଛି କୁଜି ନେତା ଓ ଦଲାଲ ଗରିବ ଅସହାୟଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭତ୍ତା କରାଇଦେବୁ କହି ଲାଞ୍ଚ ଆଦାୟ କରୁଥିବା ଚର୍ଚ୍ଚା ହେଉଛି, ଯାହାକି କିଛି ଆବେଦନକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

ସରକାରୀ ଉଦାସୀନତା ହେଉ ବା ପ୍ରଶାସନିକ ଅବହେଳା ପାଇଁ ବୟସର ସାୟାହ୍ନରେ ଉପନୀତ ହୋଇ ବି ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି।

## ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍,ଲୋକେ ହନ୍ତସନ୍ତ



**ଧାମନଗର, ୧୪।୫ (ସଂଚାର ବ୍ୟୁରୋ):** ଦୋବଲ,ଫଳପୁର ରାସ୍ତା ଘଣ୍ଟା ଘଣ୍ଟା ଧରି ଜାମ୍,ଟ୍ରାଫିକ ସମସ୍ୟା,ଲୋକେ ହନ୍ତସନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ,ଉନ୍ନତିକରଣ କାର୍ଯ୍ୟ,ସହରାଞ୍ଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ି ବଢ଼ି ଚାଲିଛି ତା ସାଙ୍ଗକୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମାନ ଖୋଲୁଛି। ଦୋକାନୀ ଓ ଉଠା ଦୋକାନୀ ମାନେ ରାସ୍ତା ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ଘୋର ବାଧା ସୃଷ୍ଟି କରୁଛନ୍ତି। ଯାହା ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତରେ ଘୋର ବାଧା ସୃଷ୍ଟି ହେବା ସହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ବିଶେଷ କରି ସପ୍ତାହର ଦୁଇଦିନ ରବିବାରରେ ଓ ବୁଧବାର ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି। ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି। ଏହି ସମୟରେ ଆମ୍ବୁଲାନ୍ସ,ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁସମୟ ଧରି ଫଶି ରହୁଛି। ଏଥିପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି।

# କାନ୍ସରେ ଚମକିଲେ ଉର୍ବଶୀ



ଫ୍ରାନ୍ସରେ ଚାଲିଥିବା ୭୯ତମ କାନ୍ ଫିଲ୍ମ ମହୋତ୍ସବରେ ଭାରତୀୟ କଳାକାରଙ୍କ ପହଞ୍ଚିବା ଜାରି ରହିଛି । ମେ ୧୨ରୁ ଆରମ୍ଭ ହୋଇଥିବା ଏହି ସମାରୋହ ୨୩ ତାରିଖ ଯାଏ ଚାଲିବା। ପ୍ରଥମ ଦିନରେ ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟଙ୍କ ବ୍ୟତୀତ ଉର୍ବଶୀ ରୌତେଲା ମଧ ରେଡ୍ କାର୍ପେଟରେ ଚାଲିଥିଲେ । ସେଠାରେ ନିଜର ଗ୍ଲାମରସ୍ ଅନ୍ଦାଜରେ ପ୍ରଶଂସକମାନଙ୍କର ହୃଦୟ ଜିତିଛନ୍ତି ଉର୍ବଶୀ । ସିଲଭର ରଙ୍ଗର ହେଭି ଏମ୍ବ୍ରୟଡୋରୀ ହୋଇଥିବା ଗାଉନ୍‌ରେ ତାଙ୍କର ଲୁକ୍ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲା । ଭିଏତନାମର ଏକ ଫ୍ୟାଶନ ହାଉସ୍ ଜୋଲିପୋଲି କାଉଚର ତାଙ୍କ ଲାଗି ଏହି ଗାଉନ୍‌କୁ ପ୍ରସ୍ତୁତ କରିଥିଲା । ସେହି ଫ୍ୟାଶନ ହାଉସ୍ ମୁଖ୍ୟତଃ ନିଜର କଳ୍ପନା ଶୈଳୀ, କ୍ରିଷ୍ଟାଲ କାମ ଏବଂ ରେଡ୍ କାର୍ପେଟରେ ଫ୍ୟାଶନ୍ ପ୍ରେଜେଣ୍ଟସ ଲାଗି ପ୍ରସିଦ୍ଧ । ଉର୍ବଶୀଙ୍କ ପୋଷାକରେ ହଜାର ହଜାର କ୍ରିଷ୍ଟାଲ, ମାଳି ଲାଗିଥିଲା । ସେଗୁଡ଼ିକୁ ଏଭଳି ଡିଜାଇନ୍ କରାଯାଇଥିଲା ଯେପରିକି ଆଲୋକ ପଡ଼ିବା ମାତ୍ରେ ତାହା ହୀରା ଭଳି ଚମକିବ । ଉର୍ବଶୀ ଏହି ଗାଉନ୍ ସହିତ ଏକ କ୍ରାଉନ୍ (ମୁକୁଟ) ମଧ ପିନ୍ଧିଥିଲେ । ତାହା ତାଙ୍କୁ ରାଜକୀୟ ଲୁକ୍ ଦେଇଥିଲା । କାନ୍ ମହୋତ୍ସବରେ ଏହାକୁ ମିଶାଇ ଉର୍ବଶୀ ୫ ଥର ଯୋଗ ଦେଇଛନ୍ତି । ତାଙ୍କୁ ୨୦୨୫ରେ ଶେଷ ଥର ଲାଗି 'ଡାକୁ ମହାରାଜ' ଫିଲ୍ମରେ ଦେଖିବାକୁ ମିଳିଥିଲା । ସେଥିରେ ସେ ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ବବି ଦେଓଲଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ ।

# କିଙ୍ଗ୍ ସେଟରୁ ଲିକ୍ ହେଲା ଅଭିଷେକଙ୍କ ପ୍ରଥମ ଲୁକ୍



ରାଜା ଶୀବାଜୀ ଫିଲ୍ମରେ ନଜର ଆସିଥିଲେ ବଲିଉଡ ଅଭିନେତା ଅଭିଷେକ ବଚ୍ଚନ । ଯାହା ବକ୍ସ ଅଫିସରେ ଧମାଲ୍ କରୁଛି । ଏବେ କିନ୍ତୁ ଅଭିଷେକ ଫିଲ୍ମ କିଙ୍ଗ ସୁଟିଂରେ ବ୍ୟସ୍ତ ରହିଛନ୍ତି । ଏହାରି ମଧ୍ୟରେ କିଙ୍ଗ୍ ସୁଟିଂ ସେଟରୁ ଅଭିନେତାଙ୍କ ପ୍ରଥମ ଲୁକ୍ ଲିକ୍ ହୋଇଛି । କିଙ୍ଗ୍ ଫିଲ୍ମରେ ଜବରଦସ୍ତ ଆକ୍ସନରେ ଅଭିନୟ କରୁଥିବାର ନଜର ଆସିବେ ଅଭିଷେକ । ସେଟରୁ ତାଙ୍କର କିଛି ଫଟୋ ଲିକ୍ ହୋଇଛି । ଯାହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି । ଭାଇରାଲ ହେଉଥିବା ଏହି ଫଟୋରେ ଜୁନିୟର ବଚ୍ଚନଙ୍କୁ ହାଫ୍-ସେଫ୍ ହେୟାରଷ୍ଟାଇଲ ସହିତ ସଲ୍ଟ ଆଣ୍ଡ୍ ପେପର ଦାଢ଼ିରେ ଦେଖିବାକୁ ମିଳିଛି । ଏଥିସହିତ ସେ ହାତରେ ବନ୍ଧୁକ ଧରି କାର୍ ଦୁର୍ଘଟଣା ଏବଂ କ୍ଲାଇମେକ୍ସ ସିକ୍ୱେନ୍ସର ସୁଟିଂ କରୁଥିବାର ଦେଖିବାକୁ ମିଳିଛି । ଏହି ଫିଲ୍ମରେ ଅଭିଷେକ ନେଗେଟିଭ୍ କ୍ୟାରେକ୍ଟରରେ ଅଭିନୟ କରୁଥିବାର ଦେଖିବାକୁ ପାଇବେ ଦର୍ଶକ । ଏହା ପୂର୍ବରୁ କିଙ୍ଗ ସେଟରୁ ଶାହରୁଖ ଖାନ୍ ଏବଂ ଦୀପିକାଙ୍କ ଫଟୋ ଏବଂ ଭିଡିଓ ମଧ୍ୟ ଲିକ୍ ହୋଇଥିଲା । ଯେଉଁଥିରେ ସେମାନେ ରୋମାଣ୍ଟିକ୍ ଲୁକରେ ନଜର ଆସିଥିଲେ । ଲିକ୍ ହେବା ପରେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଅସନ୍ତୋଷ ପ୍ରକାଶ କରି ଲେଖିଛନ୍ତି ଯେ, "ମୁଁ ସମସ୍ତ ପ୍ରଶଂସକଙ୍କୁ ଅନୁରୋଧ କରୁଛି ଦୟାକରି କିଙ୍ଗ ସେଟରୁ ଲିକ୍ ହୋଇଥିବା ମଲ୍ଟିମିଡିଆ ପୋଷ୍ଟ ସେୟାର କରନ୍ତୁ ନାହିଁ ।

# ଆଲିଆଙ୍କ 'ପ୍ରିନ୍ସେସ ଲୁକ୍'

୭୯ତମ କାନ୍ସ ଫିଲ୍ମ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଯାଇଛି । ଏହା ମେ ୨୩ ତାରିଖ ଯାଏ ଫ୍ରାନ୍ସର ଫ୍ରେଞ୍ଚ ରିଭେରାରେ ଆୟୋଜିତ ହେବ । ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ ସେଥିରେ ସାମିଲ ହେବାଲାଗି ଫ୍ରାନ୍ସ ପହଞ୍ଚିଛନ୍ତି । ଫ୍ରେଞ୍ଚ ରିଭେରାର ହୋଟେଲ ମାର୍ଟିନେଜ ବାହାରେ ଆଲିୟାଙ୍କର ପ୍ରଥମ ଝଲକ ସାମ୍ନାକୁ ଆସିଛି । ସେଥିରେ ତାଙ୍କୁ ଫ୍ଲୋରାଲ୍ ପ୍ରିଣ୍ଟର ଗାଉନ ଦେଖିବାକୁ ମିଳୁଛି । ଏଥିସହ ହାଲ୍କା ମେକଅପ୍, ଛୋଟ ଗହଣା ତାଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି । ଫ୍ୟାଶନ୍ ଷ୍ଟାଇଲିଷ୍ଟ ରିଆ କପୁର ଡିଜାଇନର ଯଶ ପାଟିଲଙ୍କ ସହ ମିଶି ଆଲିୟାଙ୍କୁ ଏହି ଲୁକ୍ ଦେଇଛନ୍ତି । ପ୍ରଶଂସକମାନେ ଏହାକୁ ଆଲିୟାଙ୍କ 'ପ୍ରିନ୍ସେସ ଲୁକ୍' ଭାବେ ଦର୍ଶାଇଛନ୍ତି । ପ୍ରସିଦ୍ଧ କାନ୍ ଫିଲ୍ମ ମହୋତ୍ସବରେ ଆଲିୟା ଏକ ବ୍ରାଣ୍ଡର ଗ୍ଲୋବାଲ ଆମ୍ବାସଡର ଭାବେ ସାମିଲ ହୋଇଛନ୍ତି । ଚଳିତବର୍ଷ ତାଙ୍କ ବ୍ୟତୀତ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ, ମୌନି ରାୟ, ଅଦିତି ରାଓ ହାଇଦରି, ଜ୍ୟାକଲିନ୍ ଫର୍ନାଣ୍ଡିଜ୍, ଆମି ଭିର୍କ କାନ୍ରେ ଯୋଗ ଦେବେ। ଅଭିନେତ୍ରୀ ତାରା ସୁତାରିଆ କାନ୍ ରେଡ୍ କାର୍ପେଟ୍ରେ ଡେବ୍ୟୁ କରିବେ । ଏବର୍ଷ କାନ୍ରେ ଭାରତର ଅନେକ ସିନେମାକୁ ପ୍ରଦର୍ଶନ କରାଯିବ । ସେଥିମଧରେ ପଞ୍ଜାବୀ ସିନେମା 'ଚାରଦିକଲା', ମାଲାୟଲୀ ଫିଲ୍ମ 'ବାଲନ୍ଃ ଦ ବୟ', 'ଲାଲୋଃ କୃଷ୍ଣା ସଦା ସହାୟତେ' ପ୍ରମୁଖ ରହିଛି ।









# 'ତୁମ୍ବାଡ ୨' ଫିଲ୍ମରେ ଆଲିଆଙ୍କ ଏଣ୍ଟ୍ରି

ସୋହମ ଶାହଙ୍କ'ତୁମ୍ବାଡ ୨' ଏବେ ଚର୍ଚ୍ଚାରେ ରହିଛି । ଏହାରି ମଧ୍ୟରେ ଫିଲ୍ମ ନିର୍ମାତା ଫିଲ୍ମ ସୁଟିଂ ଆରମ୍ଭ ହେବାକୁ ନେଇ ନିକଟରେ ଏକ ପୋଷ୍ଟ ସେୟାର କରିଛନ୍ତି । ଏହି ପୋଷ୍ଟ ସେୟାର ହେବା ପରେ "ତୁମ୍ବାଡ"କୁ ଅପେକ୍ଷା କରିଥିବା ପ୍ରଶଂସକଙ୍କ ଉତ୍ସାହକୁ ବଢ଼ାଇ ଦେଇଛି । ପୂର୍ବ ଅପେକ୍ଷା ଏଥର ଫିଲ୍ମଟି ରୋମାଞ୍ଚକର ଏବଂ ଭୟଙ୍କର ହେବ ବୋଲି ନିର୍ମାତା ଏହି ପୋଷ୍ଟ ସେୟାର କରି ଦର୍ଶକଙ୍କୁ ଇସାରା ଦେଇଛନ୍ତି । ଏହି ଫିଲ୍ମ ପାଇଁ ପ୍ରିୟଙ୍କା ଚୋପ୍ରା, କ୍ୟାଟ୍ରିନା କୈଫ ଏବଂ ନୟନତାରା ଭଳି ବଡ଼ ନାମ ଚର୍ଚ୍ଚାରେ ଥିବାବେଳେ ଏବେ ଏକ ଅପଡେଟ୍ ସାମ୍ନାକୁ ଆସିଛି । 'ତୁମ୍ବାଡ ୨'ରେ ନଜର ଆସିବେ ଆଲିଆ ଭଟ୍ଟ । ଆଲିଆଙ୍କୁ ଦମଦାର କ୍ୟାମିଓ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ଯଦିଓ ଫିଲ୍ମରେ ତାଙ୍କର ସ୍କ୍ରିନ୍ ସମୟ କମ୍ ହେବ ତଥାପି ଫିଲ୍ମରେ ଅଭିନେତ୍ରୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହେବ । ଏଥିସହ ଏପରି ଅଭିନେତ୍ରୀ ନିର୍ମାତାଙ୍କର ଆବଶ୍ୟକତା ଥିଲା ।ଯିଏ କମ ସ୍କ୍ରିନ୍ ସମୟ ସହିତ ମଧ ତାଙ୍କ ଉପସ୍ଥିତି ସହିତ ଗଭୀର ପ୍ରଭାବ ଏବଂ ରହସ୍ୟ ସୃଷ୍ଟି କରିପାରିବେ । ତେଣୁ ଆଲିଆ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି ।" ଏହା ବ୍ୟତୀତ ଫିଲ୍ମ ପାଇଁ ମାଧ ଆଇଲ୍ୟାଣ୍ଡରେ ସୁଟିଂ ସେଟ୍ ନର୍ମାଣ କରାଯାଇଛି । ଏହି ଫିଲ୍ମର ସୁଟିଂ ମେ ୩ ରୁ ଆଲିଆ ଆରମ୍ଭ କରିସାରିଛନ୍ତି । ଏହି ଫିଲ୍ମଟି ୩ ଡିସେମ୍ବର ୨୦୨୭ରେ ରିଲିଜ ହେବ ବୋଲି ଏକ ରିପୋର୍ଟ ସୂଚନା ମିଳିଛି । ଯଦି ଆଲିଆ ଭଟ୍ଟଙ୍କ କାମ କଥା କୁହାଯାଏ ତେବେ ସେ ଖୁବଶୀଘ୍ର 'ଆଲଫା' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମରେ ଆଲିଆଙ୍କୁ ଭିକି କୌଶଳ ଏବଂ ରଣବୀର କପୁରଙ୍କ ସହ ଦେଖିବାକୁ ପାଇବେ ଦର୍ଶକ ।



# ଭଗବାନ ଶିବ ଭୂମିକାରେ ଆସିପାରନ୍ତି ରଣବୀର

ଧୁରନ୍ଧର ପରଠାରୁ ଶିରୋନାମାରେ ରଣବୀର ସିଂ। କିଛି ଫିଲ୍ମ ତାଙ୍କର ଫ୍ଲପ୍ ହୋଇଥିଲା ହେଲେ ଧୁରନ୍ଧର ପରଠାରୁ ତାଙ୍କ କ୍ୟାରିଅରରେ ବଡ଼ ଉନ୍ନତି ଘଟିଛି । ଏବେ ପୁଣି "ଦି ଇମୋର୍ଟାଲ୍ସ ଅଫ୍ ମେଲୁହା" ରେ ନଜର ଆସିପାରନ୍ତି ରଣବୀର ସିଂ। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଫିଲ୍ମଟି ରଣବୀରଙ୍କ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବ ବୋଲି ଆଶା କରାଯାଉଛି । ଏଥିସହ ଏହା ପୌରାଣିକ ଫିଲ୍ମର ଏକ ପ୍ରମୁଖ ତ୍ରିକୋଣୀୟ ଫିଲ୍ମ ହେବ । ଏକ ରିପୋର୍ଟ ଅନୁଯାୟୀ, ରଣବୀର ଏହି ଫିଲ୍ମରେ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିପାରନ୍ତି । ଏହି ଫିଲ୍ମଟି ଅମିଶ ତ୍ରିପାଠୀଙ୍କ ଏକ ପୁସ୍ତକ ଉପରେ ଆଧାରିତ । 'ଦି ଇମୋର୍ଟାଲ୍ସ ଅଫ୍ ମେଲୁହା' ହେଉଛି ଲୋକପ୍ରିୟ ଶିବ ତ୍ରିକୋଣ । ଯାହା ପ୍ରଥମ ପୁସ୍ତକ ଏବଂ ଏଥିରେ ଭଗବାନ ଶିବଙ୍କୁ ବୀର ବ୍ୟକ୍ତି ଭାବରେ ଚିତ୍ରଣ କରାଯାଇଛି । ମଜାଦାର କଥା ହେଉଛି, ରଣବୀର ସିଂ ଏହି ତ୍ରିକୋଣୀୟ ଫିଲ୍ମରେ ଭଗବାନ ଶିବଙ୍କ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ବାକି କଳାକାରଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ଯାହାର ସୁଟିଂ ୨୦୨୮ ମସିହାରେ ଆରମ୍ଭ ହେବାର ଆଶା ରହିଛି । ଅନ୍ୟପଟେ ଅମିଶ ତ୍ରିପାଠୀଙ୍କ ପୁସ୍ତକର କଭର ଲଞ୍ଚ କରିଥିବା ଅକ୍ଷୟ କୁମାର କହିଥିଲେ ଯେ, " ଯେତେବେଳେ ତାଙ୍କୁ 'ଦି ଇମୋର୍ଟାଲ୍ସ ଅଫ୍ ମେଲୁହା'ର ଅଧିକାର କିଣିବାକୁ କୁହାଯାଇଥିଲା ସେତେବେଳେ ସେ ଶିବ ଭୂମିକାରେ ଅଭିନୟ କରିପାରିବେ କି ନାହିଁ ବୋଲି ଭାବି ଅଭିନୟ କରିବାକୁ ମନା କରିଦେଇଥିଲେ । ପରେ କରଣ ଜୋହରଙ୍କଠାରୁ ଏହାର କାହାଣୀ ଶୁଣିବା ପରେ ସେ ଏହାକୁ ହରାଇଛନ୍ତି ବୋଲି ଅନୁଭବ କରିଥିଲେ ।

# ୩୪ ବର୍ଷରେ ପାଦ ଦେଲେ ସାଇ ପଲ୍ଲବୀ



ସାଇ ପଲ୍ଲବୀ ଆଜି ତାଙ୍କର ୩୪ତମ ଜନ୍ମଦିନ ପାଳନ କରୁଛନ୍ତି । MBBS ସ୍ନାତକ ସାଇ ତାଙ୍କର ମେକଅପ୍-ମୁକ୍ତ ଏବଂ ପ୍ରାକୃତିକ ଲୁକ୍ ସହିତ ଶିଳ୍ପରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସାଉଥ୍ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ବର୍ତ୍ତମାନ ସଫଳତାର ଶୀର୍ଷରେ ଅଛନ୍ତି, ଯେଉଁଠାରେ ପ୍ରତ୍ୟେକ ପ୍ରମୁଖ ଚଳଚ୍ଚିତ୍ର ନିର୍ମାତା ତାଙ୍କ ସହିତ କାମ କରିବାକୁ ଚାହାଁନ୍ତି । ବର୍ତ୍ତମାନ, ସାଇ ହିନ୍ଦୀ ସିନେମାରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି । ନିକଟରେ ସେ ଆମିର ଖାନଙ୍କ ଫିଲ୍ମ 'ଏକ ଦିନ' ସହିତ ବଲିଉଡରେ ଡେବ୍ୟୁ କରିଥିଲେ, କିନ୍ତୁ ତାଙ୍କର ଡେବ୍ୟୁ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା । ସାଇ ପଲ୍ଲବୀ ୯ ମେ ଅର୍ଥାତ୍ ଆଜି ତାଙ୍କର ତାଙ୍କର ୩୪ତମ ଜନ୍ମଦିନ ପାଳନ କରିବେ। ତେବେ ଆସନ୍ତୁ ଏହି ଅବସରରେ ଅଭିନେତ୍ରୀଙ୍କ ବିଷୟରେ କିଛି ବିଶେଷ କଥା ଜାଣିବା । ସାଇ ପଲ୍ଲବୀ କୌଣସି କ୍ରେଡିଟ୍ ନ ପାଇ ଜଣେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ। ସେ ଶିଶୁ କଳାକାର ଏବଂ ଜୁନିଅର କଳାକାର ଭାବରେ ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି, ଯାହା ପାଇଁ ତାଙ୍କୁ କୌଣସି କ୍ରେଡିଟ୍ ମିଳିନାହିଁ । ପଲ୍ଲବୀ ୨୦୧୫ରେ ମାଲାୟଲମ୍ ଚଳଚ୍ଚିତ୍ର 'ପ୍ରେମମ୍' ରେ 'ମଲାର' ଭୂମିକାରେ ଅଭିନୟ କରି ପ୍ରକୃତ ପରିଚିତି ପାଇଥିଲେ।

## ବାଲିପାଟଣାରେ ପେଟ୍ରୋଲ ପାଇଁ ଲମ୍ବା ଧାଡ଼ି

# ଭୟରେ ତେଲ ମହଜୁଦ କରୁଛନ୍ତି ଲୋକେ



**ବାଲିପାଟଣା,୧୪।୫(ସଂଚାର ବ୍ୟୁରୋ):** ପେଟ୍ରୋଲ ପମ୍ପରେ ଭିଡ଼ ରୋଷେଇ ଗ୍ୟାସ କିଣିବାକୁ ଲମ୍ବା ଧାଡ଼ିରେ ଠିଆ ହେବା ପରେ ଏବେ ପେଟ୍ରୋଲ ଓ ଡିଜେଲ ପାଇଁ ଲୋକଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗୀତା।ଲମ୍ବା ଧାଡ଼ିରେ ଠିଆ ହୋଇ ଗାଡ଼ିରେ ତେଲ ପକାଇବାକୁ ଦେଖିବାକୁ ମିଳୁଛି।ବାଲିପାଟଣା ଅଞ୍ଚଳ ର ଅଠାନ୍ତର ପମ୍ପ, ବାଲିପାଟଣା ପମ୍ପ, ବସନ୍ତମାଳ ପମ୍ପ ଆଦି ବିଭିନ୍ନ ପେଟ୍ରୋଲ ପମ୍ପରେ ମାତ୍ରଧିକ ଭିଡ଼ ଦେଖିବାକୁ ମିଳିଛି। ଆଗକୁ ଆଉ ପେଟ୍ରୋଲ ମିଳିବ କି ନାହିଁ ସେଇ ଆଶଙ୍କା ରେ ଲୋକେ ପେଟ୍ରୋଲ ନେବା ପାଇଁ ଭିଡ଼ ଲଗାଇଛନ୍ତି। କିନ୍ତୁ ଆଗ ଭଳି ଆଉ ପେଟ୍ରୋଲ ପମ୍ପ ମାନଙ୍କ ରେ ତେଲ ମିଳୁନାହିଁ।ଲୋକଙ୍କ ଭିଡ଼ ଥିବାରୁ ଦୁଇ ଚକିଆ ଗାଡ଼ିରେ ୨୦୦ରୁ ୨୫୦ଟଙ୍କା ଚାରିଚକିଆ ଗାଡ଼ିରେ ୧୦୦୦ରୁ ୨୦୦୦ଟଙ୍କା ର ତେଲ ମିଳୁଛି। ଯାହାକୁ ନେଇ ଏବେ ଚିନ୍ତାରେ ପ୍ରତ୍ୟେକ ଦିନ ନିଜର କର୍ମସ୍ଥଳ କୁ ଯାଉଥିବା ଲୋକେ।ଲୋକେ ଭୟରେ ଛାନିଆ ହୋଇ ଯାହାର ୧ଲିଟର ତେଲ ଆବଶ୍ୟକ ସେ ଟାଙ୍କି ଫୁଲ୍ କରିଦଉଛନ୍ତି। ଏପଟେ ରାଜ୍ୟବ୍ୟାପୀ ତୈଳ ସଙ୍କଟ ମାଳ ମାଳ ଅଭିଯୋଗ ଭିତରେ ବଡ଼ ସୂଚନା ଦେଇ ଲୋକଙ୍କୁ ଆଶ୍ୱସ୍ତ କରିଛନ୍ତି ଖାଦ୍ୟ ଯୋଗାଣ ପ୍ରମୁଖ ସଚିବ ସଞ୍ଜୟ ସିଂ।ସେ କହିଛନ୍ତି ରାଜ୍ୟରେ ଆଦୌ ତେଲ ସଙ୍କଟ ନାହିଁ। ୨୦ରୁ ୨୨ଟି ଟାଙ୍କିରେ କେବଳ ଡ୍ରାଏ ଆଉଟ୍ ସ୍ଥିତି ଅର୍ଥାତ୍ ସାମୟିକ ଭାବେ ତେଲ ଶେଷ ହୋଇଥିବା ଦେଖା ଦେଇଛି। କେବଳ ତେଲ ଟାଙ୍କିର ନିଜସ୍ୱ ପରିଚାଳନା ଗତ ସମସ୍ୟା ଯୋଗୁଁ ଏପରି ସ୍ଥିତି ହେଇଛି। ଡ୍ରାଏ ଆଉଟ୍ ସ୍ଥିତି ମନିଟିଅରିଂ ସମାଧାନ ପାଇଁ ଖୁବଶୀଘ୍ର ବ୍ୟବସ୍ଥା ହେବ। ତେଣୁ ଭୟବିତ ହୋଇ ଜମାବି ତେଲ ନ କିଣିବାକୁ ନିବେଦନ କରିଛନ୍ତି ପ୍ରମୁଖ ସଚିବ। ଏବଂ ଆଗକୁ ବସ ଚଳାଚଳ ବନ୍ଦ ହେବାର ନେଇ ଘରୋଇ ବସ ଚଳାଚଳ ସଂଘ ର ଆଶଙ୍କା କୁ ଭିତ୍ତିହିନ କହିବା ସହ ବସ୍ ଚାଲିବା ରେ କୌଣସି ଅସୁବିଧା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ସଞ୍ଜୟ ସିଂ।

## ପଥର ବ୍ଲାଷ୍ଟିଂ ଯୋଗୁଁ ଚାଷୀ ଓ ଗ୍ରାମବାସୀ ହନ୍ତସନ୍ତ

### ଅଭିଯୋଗ ପରେ ବି ତତ୍ପରତା ଦେଖାଉନାହିଁ ପ୍ରଶାସନ



**ବଲାଙ୍ଗିର,୧୪।୫(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲି ଠାରେ ପଥରକୁଆରି ବ୍ଲାଷ୍ଟିଂ ଯୋଗୁଁ ଚାଷୀ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ କିଛି ବର୍ଷ ପୂର୍ବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଅଭିଯୋଗ କରିଥିଲେ ଗ୍ରାମବାସୀ ତତ୍କାଳିନ ଉପଜିଲ୍ଲାପାଳଙ୍କୁ ଏ ସମ୍ବନ୍ଧରେ ଅଭିଯୋଗ ଓ ଅବଗତ କରାଯାଇଥିଲା। କିଛି ମାସ ପଥର ବ୍ଲାଷ୍ଟିଂ କାମ ବନ୍ଦ ହୋଇଥିଲା କିନ୍ତୁ ପୁଣି ତିନି ଚାରି ବର୍ଷ ହେବ ଏ ଅଞ୍ଚଳରେ ପଥର କୁଆରିରେ ବ୍ଲାଷ୍ଟିଂ ରେ ଲିଜଧାରୀଙ୍କ ଦ୍ୱାରା ପଥର ଖନନ ପାଇଁ ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚାଷ ଜମି ଗୁଡିକରେ ପଥର ଏପଟ ସେପଟେ ପଡୁଥିବାରୁ ଚାଷ ନଷ୍ଟ ହେବା ସହିତ ଚାଷ କାମ ପାଇଁ ଜମିକୁ ଯିବା ପାଇଁ ଚାଷୀମାନେ ଡରୁଛନ୍ତି। ଏହାକୁ ନେଇ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲି ଓ ଉପରବାହାଲ ରୁ ଚାଷୀ ଓ ଗ୍ରାମବାସୀମାନେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପାଖକୁ ପୁଣିଥରେ ଆସି ଅଭିଯୋଗ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ ଚାଷ ଜମି ନଷ୍ଟ ହେବା ସହ ସେଠାକାର ରେଡ ରାସ୍ତା ତଥା ବାସଗୃହ ଗୁଡିକ ଭୟଙ୍କର ବିସ୍ଫୋରଣ ପ୍ରଭାବରେ କାନ୍ଥ ଗୁଡିକ ଚିରି ହୋଇଯାଉଛି। ଛୋଟ ଛୋଟ ଛୁଆମାନେ ସ୍କୁଲ କୁ ଯିବା ପାଇଁ ଡରୁଛନ୍ତି। ତେଣୁ ଏହା ଶିଘ୍ର ସମାଧାନ ପାଇଁ ସେମାନେ ଗୁହାରି କରିଥିଲେ। ଏହାର ପ୍ରତିକ୍ରିୟା ରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ଏଭଳି ଅସୁବିଧା ସମାଧାନ ଦିଗରେ ପ୍ରଶାସନ ସମ୍ବେଦନଶିଳତା ଦେଖାଇବା କଥା। ପଥର ବ୍ଲାଷ୍ଟିଂ ଯୋଗୁଁ ଚାଷ ଜମି ନଷ୍ଟ ହେଉଛି। ତା ସହ ପଥରଖଣ୍ଡ ଏପଟ ସେପଟ ଗାଁ ତଥା ଚାଷ ଜମିରେ ପଡୁଥିବାରୁ ଚାଷୀ ଜମିକୁ ଯିବା ପାଇଁ ଭୟ କରୁଛନ୍ତି। ଛୋଟ ଛୁଆ ସ୍କୁଲ ଯିବା ପାଇଁ ମଧ୍ୟ ଭୟଭିତ ହେଉଛନ୍ତି। ଏହାକୁ ନେଇ କିଛି ବର୍ଷ ପୂର୍ବେ ଅଭିଯୋଗ କରାଯାଇଥିଲା କିନ୍ତୁ କିଛି ମାସ ବ୍ଲାଷ୍ଟିଂ ବନ୍ଦ ପରେ ପୁଣି ବ୍ଲାଷ୍ଟିଂ ଜାରି ରହିଛି। ଅଭିଯୋଗ ପାଇଲା ପରେ ମଧ୍ୟ ପ୍ରଶାସନ ସମାଧାନ ଦିଗରେ ତତ୍ପରତା ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କହିଛନ୍ତି। ରାଜସ୍ୱ ଆଦାୟ ପାଇଁ କୌଣସି ମତେ ମଧ୍ୟ ଚାଷୀ ଓ ଲୋକଙ୍କ ଜିବନକୁ ନେଇ ପ୍ରଶାସନ ଖେଳିବା ଉଚିତ ନୁହେଁ ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର କହିଛନ୍ତି। ତେଣୁ ଏହି କୁଆରି ଗୁଡିକ ପଥର ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ ପ୍ରଶାସନ ଶିଘ୍ର ପଦକ୍ଷେପ ନେବା ଉଚିତ। ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ଅଭିଯୋଗ କଲାବେଳେ ଉଚ୍ଛବପାଲି ର ସୁରେଶ ବେହେରା, କିରନ ବେହେରା, ସରୋଜ ପାତ୍ର, ଆନନ୍ଦ ପାତ୍ର, ଅରୁଣ ପାତ୍ର, ଉପରବାହାଲ ର ବାସୁଦେବ ପ୍ରଧାନ, ରାମଦାଶ ଭୋଇ, ରବିନ୍ଦ୍ର ବିଶ୍ୱାଲ, ବିରଂଚି ପ୍ରଧାନ, ଚକାମନ ବିଶ୍ୱାଲ, ଫକିର ବିଶ୍ୱାଲ ଏବଂ ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ବାପା ନିଶା ଛାଡ଼ିଲେନି, ଜୀବନ ହାରିଲେ ପୁଅ

**ବାଲିପାଟଣା, ୧୪।୫(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ତୁରିନ୍ତିରା ଏକ ଜଳଖିଆ ଦୋକାନରେ ଜଣେ ଯୁବକ ରଶି ଲଗାଇ ଝୁଲି ପଡ଼ିଛନ୍ତି। ଏପରି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବାଲିପାଟଣା ଥାନା ଅଧିନ ମହାବୀର ଛକ ରେ। ସୂଚନା ଅନୁଯାୟୀ ବସନ୍ତଡିହ ଗ୍ରାମର ରାଜ କିଶୋର ସାହୁ ଙ୍କର ମହାବୀର ଛକ ରେ ଏକ ଜଳଖିଆ ଦୋକାନ ଅଛି, ସେଠାରେ ତାଙ୍କର ଏକମାତ୍ର ପୁଅ ଶିବ ପ୍ରସାଦ ସାହୁ ବାପାଙ୍କୁ ସହଯୋଗ କରୁଥିଲେ କିନ୍ତୁ ବାପାଙ୍କ ର ମଦ୍ୟପାନ ଅଭ୍ୟାସ ଥିବାରୁ ପ୍ରତିଦିନ ଘରେ ବିଶୃଙ୍ଖଳା ହେବା ସହିତ ଶିବ ବାପାଙ୍କୁ ମଦ୍ୟପାନ ନକରିବା ପାଇଁ ବୁଝାଉଥିଲେ ଏହି କାରଣରୁ ତାଙ୍କର ବ୍ୟବସାୟ ମଧ୍ୟ କ୍ଷତିଗ୍ରସ୍ତ ହେଉଥିଲା ଏବଂ ଶିବ ସବୁବେଳେ ଚିନ୍ତା ରେ ରହୁଥିଲେ। ଆଜି ମଧ୍ୟାହ୍ନରେ ଶିବ ବାପାଙ୍କୁ ପୁଣି ମଦ୍ୟପାନ କରୁଥିବା ଦେଖି ଦୋକାନ ଭିତରେ ବେକରେ ରସି ଲଗାଇ ଝୁଲି ପଡ଼ିଛନ୍ତି। ପରେ ଦୋକାନ କୁ ଆସିଥିବା ସ୍ଥାନୀୟ ଲୋକେ ବାଲିପାଟଣା ଥାନା କୁ ଖବର ଦେବା ସହିତ ୧୦୮ ଆମ୍ବୁଲାନ୍ସ ସାହାଯ୍ୟ ରେ ଶିବ ଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇ ଥିଲେ ଏବଂ ପରେ ସେଠାରୁ କ୍ୟାପିଟାଲ ହସ୍ପିଟାଲ କୁ ନେଇଥିଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବ ଜଣେ ମେଧାବୀ ଛାତ୍ର ତଥା ମିଷ୍ଟଭାଷୀ ପିଲା ଥିଲେ।ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ ନିଶା କାରବାର ବୃଦ୍ଧି କୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



## ଶାଶୂକୁ ମାଡ଼ ମାରି ସୁନାଗହଣା ଲୁଟିଲେ ବୋହୂ



**ବାଲିପାଟଣା,୧୪।୫(ସଂଚାର ବ୍ୟୁରୋ):** ଶଶୁର ଘରେ ନଥିବାର ସୁଯୋଗ ନେଇ ଶାଶୁଙ୍କୁ ମାଡମାରି ଘରୁ ଗହଣା ଲୁଟିନେଲା ବୋହୂ।ଅଭିଯୋଗ ପରେ ବୋହୂକୁ କୋର୍ଟ ଚାଲାଣ କଲା ବାଲିପାଟଣା ପୋଲିସ। ଅଭିଯୋଗ ଅନୁସାରେ ବାଲିପାଟଣା ଥାନା ଭଂରାଗଡ଼ ଗ୍ରାମର ଟୁକୁସେନ ପାତ୍ରଙ୍କ ପୁଅଙ୍କୁ ଶିଶୁପାଳଗଡ଼ ଗ୍ରାମର ପରୀକ୍ଷିତ ଜେନାଙ୍କ ଝିଅ ଅନ୍ନପୂର୍ଣ୍ଣା ଜେନା(୩୨) ଓରଫ ବେବିନାଙ୍କୁ ବିବାହ କରିଥିଲା।ହେଲେ ବିବାହ ପରଠାରୁ ବେବିନା ଲଗାତାର ଭାବେ ଶାଶୁ ଶଶୁରଙ୍କୁ ମାଡ ମାରିବା ସହିତ ଗ୍ରାମ ଲୋକଙ୍କ ସହିତ ଗଣ୍ଡଗୋଳ କରେ।ତାର ଭୟରେ ଶାଶୁ ଶଶୁର ଦୀର୍ଘଦିନ ଧରି ଘର ଛାଡ଼ି ବାହାରେ ରହି ଆସୁଥିଲେ। ଗଣ୍ଡଗୋଳ ମାମଲାରେ ବେବିନା ଜେଲ ଯାଇ ସାରିଛି ଓ ଏକାଧିକ କେସ ମଧ୍ୟ ତା ନାମରେ ରହିଛି। ଏହା ମଧ୍ୟରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇସାରିଥିବ ବେଳେ କୋର୍ଟ ନିର୍ଦ୍ଦେଶ ଅନୁସାରେ ଶାଶୁ ଶଶୁର ନିଜର ଘରେ ରହୁଛନ୍ତି। ତେବେ ଗତ ୧୩ ତାରିଖ ଅପରାହ୍ନରେ ଘରେ ଶଶୁରଙ୍କ ଅନୁପସ୍ଥିତ ର ସୁଯୋଗ ନେଇ ଘର କବାଟ ଭାଙ୍ଗି ଭିତରେ ପଶି ଶାଶୁଙ୍କୁ ମାଡ ମାରି ତାଙ୍କ ବେକରୁ ସୁନା ଚେନ୍ ଓ କାନ ପେଣ୍ଡି ସହିତ ଘରୁ ଗ୍ୟାସ ସିଲିଣ୍ଡର, ଲୁଗାପଟା ନେଇ ଚାଲିଯାଇଥିଲା।ଏ ସମ୍ପର୍କରେ ଶାଶୁ ବୀଣାପାଣି ପାତ୍ର ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବେବିନାକୁ ଥାନାକୁ ଡ଼କାଇ ପଚରା ଉଚରା କରୁଥିବା ବେଳେ ତାର ଭାଇ ଯୋର୍ ଜବରଦସ୍ତ ଥାନା ଭିତରେ ପଶି ପୋଲିସକୁ ଆକ୍ରମଣ ଉଦ୍ୟମ କରିବା ସହିତ ଭଉଣୀକୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲା। ପୋଲିସ ନିଜଆଡୁ ତାର ଭାଇ ନାମରେ ଏକ କେସ ରୁଜୁ କରିବା ସହିତ ଅଭିଯୁକ୍ତ ଅନ୍ନପୂର୍ଣ୍ଣା ଜେନାଙ୍କୁ କେସ ନମ୍ବର ୨୦୭/୨୦୨୬ ରେ କୋର୍ଟ ଚାଲାଣ କରିଛି।

## ମୋବାଇଲ ଚୋରି ଘଟଣାର ପର୍ଦ୍ଦାଫାସ



**ସୁବର୍ଣ୍ଣପୁର,୧୪।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଶିବା ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ଘଟଣାର ପର୍ଦ୍ଦାଫାସ କଲା ସୁବର୍ଣ୍ଣପୁର ପୋଲିସ। ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସୁବର୍ଣ୍ଣପୁର ଉପ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଏବଂ ବୀରମହାରାଜପୁର ଥାନା ଆଇଆଇସି ଯଯାତି କେଶରୀ ସାହୁ। ସୂଚନା ଯୋଗ୍ୟ ଯେ ଗତ ୯ ତାରିଖ ଶନିବାର ଦିନ ରାତି ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପାଖରେ ଥିବା ଶିବା ମୋବାଇଲ ଦୋକାନ ର ପଛପଟୁ କାନ୍ଥରେ ସିନ୍ଧି ଖୋଳି ଚୋର ମାନେ ଦୋକାନ ଭିତରକୁ ଚତୁରତା ର ସହ ପ୍ରବେଶ କରି ୪୭ ଗୋଟି ଦାମୀ ମୋବାଇଲ୍ ଚୋରି କରି ନେଇଥିଲେ। ଦୋକାନ ରେ ସିସି ଟିଭି ଲାଗିଥିବା ବେଳେ ଚୋର ମାନେ ମୁହଁ ରେ ମାସ୍କ ପିନ୍ଧିବା ସହ ଛତା ଧରି ଭିତରକୁ ପ୍ରବେଶ କରି ଯେମିତି ଧରା ନ ପଡ଼ିବେ ପ୍ରଥମେ ସିସି ଟିଭି କ୍ୟାମେରା କୁ ଭାଙ୍ଗି ଦେଇଥିଲେ। ଏନେଇ ଶିବା ମୋବାଇଲ ର ମାଲିକ ରାମକୃଷ୍ଣ ମେହେର ୧୦ ତାରିଖ ରବିବାର ଦିନ ସକାଳୁ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଦୋକାନ ରୁ ୧୫ ଲକ୍ଷ୍ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୪୭ ଗୋଟି ମୋବାଇଲ ସହ ନଗଦ ୮ ହଜାର ଟଙ୍କା ଚୋରୀ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ଥାନା ରେ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ କରିଥିଲା ବୀରମହାରାଜପୁର ପୋଲିସ। ନୂତନ ଭାବରେ ବୀରମହାରାଜପୁର ଥାନାରେ ଯୋଗ ଦେଇଥିବା ଥାନା ଅଧିକାରୀ ଶ୍ରୀ ଯଯାତି କେଶରୀ ସାହୁ ଙ୍କ ପାଇଁ ଏହା ଚ୍ୟାଲେଞ୍ଜ ସଦୃଶ ହୋଇଥିବା ବେଳେ ଏହାକୁ ଗମ୍ଭୀରତାର ସହ ନେଇଥିଲେ ଶ୍ରୀ ଯଯାତି କେଶରୀ ସାହୁ। ସେ ତୁରନ୍ତ ତାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଛାନଭିନ ଆରମ୍ଭ କରିଥିଲେ। ସେ ଏଥି ପାଇଁ ଫରେନସିକ୍ ଟିମ୍ ର ମଧ୍ୟ ସହାୟତା ନେଇଥିବା ବେଳେ ତଦନ୍ତ ପ୍ରଥମେ ସ୍ଥାନୀୟ ଅଞ୍ଚଳର ସିସି ଟିଭି ଗୁଡ଼ିକୁ ଯାଞ୍ଚ କରିଥିଲେ। ପ୍ରଥମେ ଏଥିରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକ ପ୍ରିତମ ଭୋଇ ଓ ମହେଶ ପାତ୍ର ଙ୍କ ସଂପୃକ୍ତି ଜଣାପଡ଼ିଥିଲା।

## ନ୍ୟାସନାଲ ୟୁଥ ଲିଡରସିପ୍ ପୁରସ୍କାର ପାଇଲେ ପ୍ରସନ୍ନ




**ବାଲିପାଟଣା,୧୪।୫(ସଂଚାର ବ୍ୟୁରୋ):** ଗତ ୧୧ତାରିଖ ଦିନ ଦିଲ୍ଲୀ ସ୍ଥିତ ବିଶ୍ୱ ଯୁବକେନ୍ଦ୍ର ରେ ପ୍ରୋଜେକ୍ଟ ପଏଣ୍ଟ ଓଡିଶା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ର ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଭୋଇ ଙ୍କୁ ନ୍ୟାସନାଲ ୟୁଥ ଲିଡରସିପ୍ ପୁରସ୍କାରରେ ସମ୍ମାନିତ କରାଯାଇଛି।ଭାରତ ସରକାର ଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନରେ ନ୍ୟାସନାଲ ୟୁଥ ଲିଡରସିପ୍ ପ୍ରୋଗ୍ରାମ-୨୦୨୬ରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀଲଙ୍କା ହାଇକମିଶନର ମହିସିନୀ କୋଲୋନ, ବିଶ୍ୱ ଯୁବକେନ୍ଦ୍ର ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଉଦୟ କୁମାର ସିଂହ, ଏନ ଏସ ଏସ ନୂଆ ଦିଲ୍ଲୀ ରିଜିଓନାଲ ଡାଇରେକ୍ଟର ରୀତିକା ବର୍ମା ଓ ମାଇଁ ଭାରତ ଜିଲ୍ଲା ଯୁବ ଅଧିକାରୀ ସିମଲା ର ବିପିନ କୁମାର ଙ୍କ ଉପସ୍ଥିତି ରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ଯୁବ କାର୍ଯ୍ୟକ୍ରମ ଓ ମହିଳା ସଶକ୍ତିକରଣ ନିମନ୍ତେ କାର୍ଯ୍ୟ କରୁଥିବା ପାଇଁ ଏହି ସମ୍ମାନ ରେ ସମ୍ମାନିତ କରାଯାଇଛି। ସେ ପୂର୍ବରୁ ଅନେକ ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ରେ ମଧ୍ୟ ସମ୍ମାନିତ ହୋଇଛନ୍ତି.ସେ ଘଙ୍ଝଙ, ଘଣକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ରେ ୨୦୦୦ ମସିହା ପରଠାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଛନ୍ତି। ଏହି ପୁରସ୍କାର ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟୁଛି।

### ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଉଦଘାଟିତ

# ରେସିଡେନ୍ସିଆଲ ତାଲିମ ପାଇଁ ନୂତନ ସୁବିଧା

**ସୁବର୍ଣ୍ଣପୁର,୧୪।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ରାମେଶ୍ୱର ଷ୍ଟାଡିଅମ ପାଖରେ ଥିବା ନୂତନ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ଶୁଭ ଉଦଘାଟନ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ କରିଛନ୍ତି। ଏହି ଜିଲ୍ଲା ପଞ୍ଚାୟତ କେନ୍ଦ୍ରରେ ପଞ୍ଚାୟତି ରାଜ ଅନୁଷ୍ଠାନ ମାନଙ୍କର ସମସ୍ତ ସଭ୍ୟ ଓ ସଭ୍ୟା ପ୍ରତିନିଧି କର୍ମଚାରୀ ବୃନ୍ଦ, ସମାଜ କଲ୍ୟାଣ ବିଭାଗ ଅଙ୍ଗନବାଡ଼ି କର୍ମୀ, ପରିଦର୍ଶିକା ଓ ମିଶନ ଶକ୍ତି ବିଭାଗର କର୍ମଚାରୀ ଯଥା ଏମ.ବି.କେ ଓ ସି. ଆର୍.ପି ମାନଙ୍କ ସମେତ ଅନ୍ୟ ବିଭାଗ କର୍ମଚାରୀ ପାଇଁ ରେସିଡେନସିଆଲ ତାଲିମ ଦେବାରେ ଉପଯୋଗୀ ହେବ। ୨ କୋଟି ୨୯ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ସାଧନ କେନ୍ଦ୍ରର କ୍ଷମତା ୫୦ ରହିଛି ଏବଂ ଏଥିରେ ରହିବା ପାଇଁ ଆବଶ୍ୟକ ସୁବିଧା ବ୍ୟବସ୍ଥା ରହିଛି। ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାର ପଞ୍ଚାୟତ କର୍ମକର୍ତ୍ତାମାନେ ତାଲିମ ପାଇଁ ଭବାନୀପାଟଣା ଓ ଭୁବନେଶ୍ୱରକୁ ଯାଉଥିଲେ, କିନ୍ତୁ ଏବେ ସେମାନେ ଏହି ସ୍ଥାନୀୟ କେନ୍ଦ୍ରରେ ପ୍ରଶିକ୍ଷଣ ନେଇପାରିବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ସୋନପୁରରେ ଉତ୍ପାଦିତ ଶାଢ଼ୀର ସ୍ୱତନ୍ତ୍ର ପରିଚୟ ରହିଛି ଓ ଏହାର ଚାହିଦା ବୃଦ୍ଧି ପାଉଥିବା ସହ ରାଜ୍ୟର ବିଭିନ୍ନ ମେଳାରେ ବିକ୍ରି ବଢ଼ୁଛି। ସେ ବିକଶିତ ଗାଁ ଓ ବିକଶିତ ଓଡିଶା ପାଇଁ ମନରେଗା ଯୋଜନାରୁ ଯୋଜନା ଅଧୀନରେ କାର୍ଯ୍ୟ କରିବା ଯେଉଁଥିରେ ୧୦୦ ଦିନର କାମକୁ ୧୨୫ ଦିନ କରାଯାଇଥିବା କଥା ଉଲ୍ଲେଖ କରିଥିଲେ। ଆଗାମୀଦିନରେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ଏକ ସ୍ୱତନ୍ତ୍ର ସଂସ୍ଥା ବହନ କରିବ। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଯୋଗ ଦେଇଥିଲେ। ସଭାକୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ମାଝୀ ସଭା ପରିଚାଳନା କରିବା ସହିତ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ସୁବର୍ଣ୍ଣପୁର ତଥା ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସଭା ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଟ୍ରିଙ୍ଗିଆ ମା ଗୃହରେ ଷଷ୍ଠତମ ପ୍ରତିଷ୍ଠା ଦିବସ ପାଳିତ

**କନ୍ଧମାଳ,୧୪।୫(ସଂଚାର ବ୍ୟୁରୋ):** ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି। ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଞ୍ଚଳ ଗୁଡିକରେ ଗର୍ଭବତୀଙ୍କ ନିକଟରେ ସୁଷମ ଆହାରର ଗୁରୁତ୍ୱର ବାର୍ତ୍ତା ପହଞ୍ଚାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢ଼ାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରାଯାଇଛି। ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ର ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି। ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଶିର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ। ଏହି ଆଲୋଚନାଚକ୍ରରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସାନ୍ତନୁ କୁମାର ମିଶ୍ର ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇଥିଲେ।

## ସୁକାନ୍ତି ଏକାଡେମୀର ଶତପ୍ରତିଶତ ସଫଳତା ପାଇଛନ୍ତି ପ୍ରାଚୀ ସ୍ମିତି ଗୁରୁ



**ସୁବର୍ଣ୍ଣପୁର,୧୪।୫(ସଂଚାର ବ୍ୟୁରୋ):** ସୋନପୁର ସହରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସୁକାନ୍ତ ଏକାଡେମ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଗୌରବମୟ ସଫଳତା ହାସଲ ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ କରିଛି। ବିଦ୍ୟାଳୟ ଉତ୍ତିର୍ଣ୍ଣ ହୋଇଛନ୍ତି। ୫୭ଜଣ ପରୀକ୍ଷା ଦେଇଥିବା ବେ ଥିବା ବେଳେ ପ୍ରାଚୀସ୍ମିତି ଗୁରୁ ୯୦, ୪୦ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇ ହୋଇଛନ୍ତି। ୯୦ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ହୋଇଛନ୍ତି ପ୍ରଚୀସ୍ମିତି ଗୁରୁ ଟପ୍ପର। ୩୦ଜଣ ଛାତ୍ରଛାତ୍ର ୭୦ପ୍ରତିଶତ କାର୍ଯ୍ୟ ହୋଇଛନ୍ତି। ନିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ଏବଂ କଠିନ ପରିଶ୍ରମ ଯୋଗୁଁ ସଫଳତା ପାଇପାରିଛି ବୋଲି କହିଛନ୍ତି ପ୍ରାଚୀସ୍ମିତି। ସଫଳତା ପାଇଁ ପରିଚାଳନା କମିଟି ପକ୍ଷରୁ ସମସ୍ତ କୃତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦେଶୀ ମଦ ଚାଲାଣ ବେଳେ ଚଢଉ, ୩ ଗିରଫ

**ଜୟପୁର,୧୪।୫(ସଂଚାର ବ୍ୟୁରୋ):** ଦେଶି ଓ ଭାଟି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାଯ୍ୟାଳୟ ତରଫରୁ ଆଜି ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ତିନି ଅଭିଯୁକ୍ତ ହେଲେ ତେଲିପୁଟ ଗ୍ରାମର ରାଜୁ ରନ୍ଧାରି, ମୁଳାସର ଗ୍ରାମର ଧବି ହରିଜନ ବୋରିଗୁମ୍ମାର ଉପେନ୍ଦ୍ର ପ୍ରସାଦ। ସୂଚନା ଅନୁଯାୟୀ ଦେଶି ଓ ଭାଟି ମଦ ବାଇକରେ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ କୁମୁଲିପୁଟ, ଟାଙ୍କୁଗୁଡା ଓ ପୁଟ୍ରା ରେ ଚଢଉ କରିଛି। ଚଢଉ କରି ୩ଟି ବାଇକ, ୪୨ ଲିଟର ଦେଶି ମଦ ଓ ୧୬ ଲିଟର ଭାଟି ମଦ ଜବତ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଅଜୟ କୁମାର ନାୟକ, ଅବକାରି ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି।

## ଛତିଶଗଡ଼ ବନ ବିଭାଗର ଅମାନୁଷିକ କାର୍ଯ୍ୟ, ବୃଦ୍ଧ ଓଡ଼ିଆଙ୍କୁ ଥାର୍ଡ ଡିଗ୍ରୀ

**ନୂଆପଡ଼ା,୧୪।୫(ସଂଚାର ବ୍ୟୁରୋ):** ଛତିଶଗଡ଼ ବନ ବିଭାଗର ଅମାନୁଷିକ କାର୍ଯ୍ୟ, ବୃଦ୍ଧ ଲୋକକେ ଧରି ନି କରି ଦେଲେ ଥାର୍ଡ ଡିଗ୍ରୀ କରିଥିବା ଅଭିଯୋଗ ହୋଇଛି। ଛତିଶଗଡ଼ର ମେନପୁର ଫରେଷ୍ଟ ବିଭାଗର ଅମାନୁଷିକ କାର୍ଯ୍ୟ। ଜଣେ ବୃଦ୍ଧଙ୍କୁ ଉଠାଇ ନେଇ ନିର୍ଯାତନା ଦେଇଥିବାର ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ କୁସୁମଖୁଣ୍ଟା ଗ୍ରାମର ଜଳନ୍ଧର ବଗର୍ତି ଗତ ଦଶ ତାରିଖ ଦିନ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ ଦୁଇଟି ବୋଲେରୋ ଗାଡ଼ିରେ କିଛି ଲୋକ ଆସି ତୁ ହିଙ୍ଗୁଲ କି ବୋଲି ପଚାରିଥିଲେ। ଜଳନ୍ଧର ମୁଁ ହିଙ୍ଗୁଲ୍ ନୁହେଁ ବୋଲି କହିବା ସତ୍ୱେ ତାଙ୍କୁ ନେଇ ଯାଇଥିଲେ। ପରିବାର ଲୋକେ ଖବର ପାଇଲା ପରେ ବୋଡ଼େନ ଥାନାରେ ଆସି ଜଣାଇଲେ। ବୋଡ଼େନ ପୁଲିସ ତଦନ୍ତ କରିବାରୁ ଛତିଶଗଡ଼ର ମେନପୁର ବନବିଭାଗ କର୍ମଚାରୀ ନେଇଯାଇଥିବା ଜଣାପଡ଼ିଥିଲା। ଜଳନ୍ଧରଙ୍କ କହିବା ଅନୁଯାୟୀ, ରାତି ସାରା ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଦୁଇ ଜଣ ତାଙ୍କ ହାତ ଧରିଲେ ଓ ଜଣେ ଦଣ୍ଡାରେ ଦେହ ସାରା ମାଡ ମାରିଥିଲେ। ପରେ ଉଲଗ୍ନ କରି ମଧ୍ୟ ମାଡ ମରାଯାଇଥିଲା। ପରେ ଆଉ ଦୁଇ ଜଣ ତାଙ୍କୁ ଥାପଡ ମାରିଥିଲେ। ଜଳନ୍ଧରଙ୍କ ପିତା ଫୁଲି ଯାଇଥିବା ବେଳେ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତା' ଆରଦିନ ତାଙ୍କ ପୁଅ ମୋତିଲାଲ୍ ବଗର୍ତି ମେନପୁର ଗଲା ପରେ ଜଳନ୍ଧରଙ୍କୁ ଛାଡି ଦେଇଥିଲେ। ଜଳନ୍ଧର ଘରକୁ ଆସି ଆରଦିନ ସ୍ଥାନୀୟ ସମାଜସେବୀ ସୌଦାଗର ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ଛତିଶଗଡ଼ ପୁଲିସରେ ଯାଇ ଅଭିଯୋଗ କଲେ। ଛତିଶଗଡ଼ ପୁଲିସ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହି ପରେ ଏଇଠି ଅଭିଯୋଗ ହୋଇ ପାରିବନି ତୁମେ ବୋଡ଼େନ ଥାନାରେ ଅଭିଯୋଗ କର ବୋଲି କହିଥିଲେ।

## କୋଟିଆ ତେନ୍ତୁଳି, ଆନ୍ଧ୍ର ଉପରେ ଭରସା

**ଜୟପୁର,୧୪।୫ (ସଂଚାର ବ୍ୟୁରୋ):** କୋଟିଆ ତେନ୍ତୁଳି ଉପରେ ଆନ୍ଧ୍ରର ଭରସା। ଯାଉଛି ଓଡ଼ିଶା ତେନ୍ତୁଳି। କୋରାପୁଟ ଜିଲ୍ଲା କୋଟିଆରେ ତେନ୍ତୁଳି ଚାଷୀଙ୍କୁ ମିଳୁନି ଉଚିତ ପ୍ରାପ୍ୟ। ବଜାର ବ୍ୟବସ୍ଥା ନଥିବାରୁ ଶାଗ ମାଛ ଦରରେ କରୁଛନ୍ତି ବ୍ରିକି। ଫାଇଦା ନେଉଛନ୍ତି ଆନ୍ଧ୍ର ବେପାରୀ। କୋଟିଆ ପଞ୍ଚାୟତର ଅଧିକାଂଶ ସୀମାନ୍ତ ଗାଁ ଗୁଡିକରେ ପ୍ରଚୁର ମାତ୍ରାରେ ତେନ୍ତୁଳି ଅମଳ ହୋଇଥାଏ। ଅମଳ ତେନ୍ତୁଳିକୁ ୪୦ କି.ମି. ଦୂର ପଟାଙ୍ଗି କୁନ୍ଦୁଲି ହାଟପଦାକୁ ଆଣି ବିକ୍ରି କରିବାକୁ ପଡ଼ିଥାଏ। ଅଧିକାଂଶ ଟଙ୍କା ଗାଡ଼ି ଭଡ଼ାରେ ଚାଲିଯାଉଥିବାରୁ ଏହାର ଫାଇଦା ନେଉଛନ୍ତି ଆନ୍ଧ୍ର ବେପାରୀ। ଗାଁ ଗୁଡ଼ିକରେ ଅନୁପ୍ରବେଶ କରି ଶାଗମାଛ ଦରରେ ତେନ୍ତୁଳି କିଣି ଅଧିକ ଦରରେ ଆନ୍ଧ୍ରରେ ବିକ୍ରି କରୁଥିବା ଜଣାପଡ଼ିଛି। ଜଙ୍ଗଲ ପାହାଡ଼ ଘେରା କୋଟିଆ। ଜଙ୍ଗଲ ଜାତ ଦ୍ରବ୍ୟର ଉତ୍ପାଦନ ତୁଳନାରେ ଏଠାରେ କିଣାବିକା କମ୍। ଚାଷୀ ଗଛ ଜଗିବା ସହ ତେନ୍ତୁଳି ତୋଳି ଚୋପା ଛଡେଇ ମଞ୍ଜି କାଢ଼ି ଶୁଖାଇ ବିକ୍ରି ପାଇଁ ପ୍ରସ୍ତୁତ କରିଥାଏ। ହେଲେ କିଣିବାକୁ ଓଡ଼ିଶା ବେପାରୀ କେହି ନାହାନ୍ତି। ସରକାର ତେନ୍ତୁଳି ସଂରକ୍ଷଣ ଓ କିଣିବାର ବ୍ୟବସ୍ଥା କଲେ କୋଟିଆବାସୀ ଉଚିତ ମୂଲ୍ୟରେ ତେନ୍ତୁଳି ବିକ୍ରି କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ଼ ହୋଇପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି।

## ୮୫ ବ୍ୟାଗ୍ ପାଣି ପାଉଚ ଜବତ

**ପୁରୀ,୧୪।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ରାଜେଶ୍ୱରୀ ପତି ତାଙ୍କ ଟିମ ଓ ପୋଲିସ ମିଳିତ ଚଢ଼ଉ କରି ବ୍ରହ୍ମଗିରି ପଣସପଦା ଠାରୁ ୮୫ଟି ପାଣି ପାଉଚ ଭର୍ତ୍ତି ଥିବା ବ୍ୟାଗ୍ ଜବତ କରିଛନ୍ତି। ପାଣି, ଥଣ୍ଡା ପାନୀୟ ମଧ୍ୟ ଜବତ କରାଯାଇଛି। ପାଣି ଗୁଡ଼ିକୁ ସେହି ଠାରେ ନଷ୍ଟ କରାଯାଇଛି। ଏବଂ ତାଙ୍କ ବିରୋଧରେ ଏଫଏସଏସ ଆକ୍ଟ ଦଫା ଲାଗୁ କରାଯାଇଛି। ସେହି ପାଣି ପାଉଚରେ ନିର୍ମାଣ ତାରିଖ, ଏକ୍ସପାରୀ ଡେଟ ଓ ଫେକ ଠିକଣା ଲେଖାଥିବା ଦେଖାଯାଇଥିଲା। ପୁରୀ ଜିଲ୍ଲାରେ ଏପରି ବିନା ଅନୁମତିରେ ଅନେକ ପାଣି କମ୍ପାନୀ ଥଣ୍ଡା ପାନୀୟ, ଘୋଳଦହି ବିକ୍ରି ବଢ଼ୁଥିବା ବେଳେ ସବୁ ସ୍ଥାନରେ ଚଢ଼ଉ ହେଉନଥିବା ଅଭିଯୋଗ ହେଉଛି। ଆଗକୁ ରଥଯାତ୍ରା ଆସୁଛି। ଏହି ପରିପ୍ରେକ୍ଷୀରେ ବେନାମୀ ପାଣି କମ୍ପାନୀ ଘରେ ଘରେ ପାଣି କାରଖାନା କରି ବଜାରକୁ ଛାଡୁଥିବା ବେଳେ ଏହାକୁ ପିଇ ରଥଯାତ୍ରୀ ମାନେ ଝାଡା ବାନ୍ତିରେ ପଡ଼ିବାର ସମ୍ଭାବନା ରହିଛି ବୋଲି ଜନତା କହୁଛନ୍ତି।

## କମ୍ୟୁନିଟି କର୍ମୀଙ୍କ ପାଇଁ ଟ୍ରେନିଂ ସେଣ୍ଟର୍ ଉଦଘାଟିତ



**ସୁବର୍ଣ୍ଣପୁର,୧୪।୫(ସଂଚାର ବ୍ୟୁରୋ):** ସୋନପୁର ଲେପ୍ରା ସୋସାଇଟି ପରିସରରେ ସମୁଦାୟ ଲୋକ ଙ୍କ ଉନ୍ନତି କଲ୍ପେ ଶିକ୍ଷା ପ୍ରଦାନ କରିବା ପାଇଁ ଏକ କମ୍ୟୁନିଟି ସେଣ୍ଟର ସଂସ୍ଥା ର ସିଇଓ ପ୍ରଶାନ୍ତ କୁମାର ନାଏକ ଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଗରିବ, ଡ୍ରପଆଉଟ ଛାତ୍ରୀ ଛାତ୍ର ମାନେ ଏଇଠି ରହି ଚକ୍ଷୁ ଶିକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେବାସହ ସମୟକ୍ରମେ ତାଙ୍କୁ ମହାନଦୀ ନେତ୍ର ଚିକିତ୍ସାଳୟରେ ନିଯୁକ୍ତି ଦେଇ ତାଙ୍କୁ କର୍ମସଂସ୍ଥାନ ଯୋଗାଇଦେବାକୁ ସଂସ୍ଥା ପକ୍ଷରୁ କୁହାଯାଇଛି। ଏଇଠି ପ୍ରଶିକ୍ଷଣ କାଳରେ ସମସ୍ତ ଙ୍କ ପାଇଁ ନିଃଶୁଳ୍କ ରହିବା, ଖାଦ୍ୟ, ପାନିୟ, ବସ୍ତ୍ର ପରିଧାନ ଇତ୍ୟାଦି ଯୋଗାଇଦେବା ସହ ତାଙ୍କୁ ପ୍ରଶିକ୍ଷଣ ଭତ୍ତା ମଧ୍ୟ ପ୍ରଦାନ କରାଯିବ। ଆଜିର ଏହି ଉଦଘାଟନି ସମୟରେ ପ୍ରୋଜେକ୍ଟ କୋଅର୍ଡିନେଟର ମାଧବ ମିଶ୍ର, ବିଭୂ ବଳିଆରସିଂ, ଜି. ଗୋପାଳ ରାଓ, କ୍ଷେତ୍ର ସଂଯୋଜକ ନୃସିଂହ ଚରଣ ମିଶ୍ର, ବାଳଗୋପାଳ ନାଗ ଉପସ୍ଥିତ ଥିବା ସହ, ବର୍ଷା ରାଣୀ ସାହୁ, କାହ୍ନୁ ଚରଣ ଡାକୁଆ, ଗୋବିନ୍ଦ ଦୀପ୍ ପ୍ରମୁଖ ସହଯୋଗ କରିଥିଲେ।